


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-66 ♦SUNDAY ♦30 AUGUST 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୬ ♦ରବିବାର ♦୩୦ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଲୋମା ସ୍ୱାଇଁଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର,୨୯।୮(ସମିସ): ମୂକ ଓ ବଧୀର ଅଲିମ୍ପିକ୍ସ ପଦକ ବିଜେତା ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କୁ ଚଳିତବର୍ଷର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଆଜୀବନ ଅବଦାନ ନିମନ୍ତେ ଆଥଲେଟ୍ ପ୍ରଣତି ମିଶ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ଲୋକସେବା ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକଙ୍କୁ ସ୍ମୃତି ଫଳକ, ଉତ୍ତରୀୟ ଓ ଅର୍ଥରାଶି ସହ ପୁରସ୍କୃତ କରିଥିଲେ।

ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ଦେଇଥିଲାବେଳେ ନିର୍ଦ୍ଦେଶକ ଯେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସିଲା ସିମ୍‌ଯୁକ୍ତ ଇୟରବଡ୍; ଅଲୋଡ଼ା ହେବ ସ୍ମାର୍ଟଫୋନ୍

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା) ଯୋଗୁ ଟେକ୍ନୋଲୋଜିର ଦୁନିଆରେ ଦୈନିକ କିଛି ନା କିଛି ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏଆଇ ଏବେ କମ୍ପ୍ୟୁଟର ଓ ମୋବାଇଲରୁ ବାହାରି ସିଧା ଇୟରଫୋନକୁ ପହଞ୍ଚିଯାଇଛି। ବଜାରକୁ ଆସିଛି ସିମ୍ କାର୍ଡ ସଂଯୁକ୍ତ ଇୟରବଡ୍। ଏହି 'ପ୍ଲଡ୍ ୱାନ୍ ଏଆଇ ଇୟରଫୋନ୍' କଲ୍ ଓ ମିଟିଂରେ ରେକର୍ଡ ହୋଇଥିବା ବାର୍ତ୍ତାଳାପକୁ ଟେକ୍ସଟ(ବିଷୟବସ୍ତୁର ସାରମର୍ମ)ରେ ବଦଳାଇ ଦେଉଛି। ଏଆଇ ସହାୟତାରେ ସାରମର୍ମ



ପ୍ରସ୍ତୁତ କରିବାରେ ଏହା ସକ୍ଷମ। ଏହି ଇୟରବଡ୍ ଇ-ସିମ୍ ଓ ୪ଜି ଏଲ୍‌ଟିଇ ସପୋର୍ଟରେ ଚାଲୁଛି। ଯାହାଫଳରେ କୌଣସି ଫିଚର ଲାଗି ଏହାକୁ ଆଉ ସ୍ମାର୍ଟଫୋନ୍ ସହ କନେକ୍ଟ ହେବା ଜରୁରୀ ପଡିବ ନାହିଁ। ପ୍ଲଡ୍ ୱାନ୍‌ର ଉଭୟ ଇୟରବଡ୍‌ରେ ୩ଟି ଏମଇଏମଏସ୍ ମାଇକ୍ରୋଫୋନ ଓ ଏକ ଭିପିୟୁ ମାଇକ୍ରୋଫୋନ ଦିଆଯାଇଛି। ସେହିପରି ଚାର୍ଜିଂ କେସ୍‌ରେ ୪ଟି ମାଇକ୍ରୋଫୋନ ଓ ବିମ୍‌ଫର୍ମିଂ ଟେକ୍ନୋଲୋଜି ରହିଛି। ଏହି କେସ୍ ପାଖାପାଖି ୫ ମିଟର ଦୂରରେ ହେଉଥିବା ବାର୍ତ୍ତାଳାପକୁ ରେକର୍ଡ ▶ପୃଷ୍ଠା-୭

### ଖଣି ଆଇନ ସଂଶୋଧନ ପ୍ରସଙ୍ଗ: ବିଜେପି ସାଂସଦଙ୍କୁ ନବୀନଙ୍କ ଚିଠି

# ଓଡ଼ିଶାର ସ୍ୱାର୍ଥ ପାଇଁ ବିବେକର କଥା ଶୁଣନ୍ତୁ

■ ଭୁବନେଶ୍ୱର, ୨୯।୮ (ସମିସ): ଏମଏମଡିଆର ସଂଶୋଧନ ଆଇନ କାରଣରୁ ଓଡ଼ିଶା ଲକ୍ଷାଧିକ କୋଟି ଟଙ୍କାର କ୍ଷତି ସହିବାକୁ ଯାଉଥିବା ବେଳେ ଏହାକୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଲଗାତାର ଭାବେ ବିରୋଧ କରିଆସୁଛନ୍ତି। ପୂର୍ବରୁ ନବୀନ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସ୍ୱାର୍ଥ ରକ୍ଷା ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ଦାବି କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଏନେଇ ନିରୁତ୍ତର ରହିଥିବା ବେଳେ ଶନିବାର ନବୀନ ଓଡ଼ିଶାରୁ ନିର୍ବାଚିତ ବିଜେପି ସାଂସଦଙ୍କୁ ସମାନ ବିଷୟକୁ ନେଇ ଚିଠି ଲେଖିଛନ୍ତି। ବିଜେପି ସାଂସଦମାନଙ୍କୁ ପରାମର୍ଶ ଦେଇ ନବୀନ କହିଛନ୍ତି ଯେ ଏହି ଆଇନ ଓଡ଼ିଶାର ସ୍ୱାର୍ଥ ଉପରେ ଦୂରଗାମୀ ପ୍ରଭାବ ପକାଇବାକୁ

**ଆଇନ ପ୍ରତ୍ୟାହାର କରିବା ପାଇଁ ଦାବି ରଖିବାକୁ ଦେଲେ ଖୋଲା ଆହ୍ୱାନ**

**ଅଗଷ୍ଟ ୧୩ ତାରିଖ ଓଡ଼ିଶା ପାଇଁ କଳା ଦିବସ**

**ଆପଣମାନଙ୍କ ଗୋଚରରେ ଆମ ଖଣି ଓ ଖଣି ଅଞ୍ଚଳ ଉପରୁ ଆମର ନିୟନ୍ତ୍ରଣ ଛଡ଼ାଇ ନିଆଯାଇଛି**

**ଏହି ପଦକ୍ଷେପ ସଶକ୍ତ ଓଡ଼ିଶା ଗଠନର ସ୍ୱପ୍ନ ପ୍ରତି ଏକ ଆଘାତ**

**ବିଜେପି ସାଂସଦଙ୍କୁ ପରାମର୍ଶ, ଦଳ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କିଏ ଠିଆ ହୋଇଥିଲା, ଇତିହାସ ତାହା ମନେ ରଖିବ**



ଯାଉଛି। ତେଣୁ ସାଂସଦମାନେ ନିଜ ବିବେକର କଥା ଶୁଣିବା ସହ ଓଡ଼ିଶାର ଭବିଷ୍ୟତ ପିଢ଼ି ସମ୍ପର୍କରେ ଚିନ୍ତା କରନ୍ତୁ। ରାଜ୍ୟ ସରକାରଙ୍କ କ୍ଷମତାକୁ ଛଡ଼ାଇ ନେଉଥିବା ଏମଏମଡିଆର ଆଇନର ସଂଶୋଧନକୁ ଚ୍ୟାଲେଞ୍ଜ କରି ଏହାର ପ୍ରତ୍ୟାହାର ପାଇଁ ଦାବି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏପରିକି ଅଗଷ୍ଟ ୧୩ ତାରିଖରେ ଏମଏମଡିଆର ସଂଶୋଧନ ବିଲ୍ ପାରିତ ହୋଇଥିବା ବେଳେ ଏହାକୁ କଳା ଦିବସ ଭାବେ ଅଭିହିତ କରିଛନ୍ତି ନବୀନ।

ନିଜ ଚିଠିରେ ନବୀନ ଉଲ୍ଲେଖ କରି କହିଛନ୍ତି ଯେ ସାଂସଦ ଭାବେ ଆପଣମାନେ ଏହି ଗଣତନ୍ତ୍ରର ସର୍ବୋଚ୍ଚ ମଞ୍ଚରେ ଓଡ଼ିଶାର ସ୍ୱର। ଓଡ଼ିଶାବାସୀ ନିଜର ଆସ୍ଥା ଓ ବିଶ୍ୱାସର ସହିତ ଆପଣମାନଙ୍କୁ ନିର୍ବାଚିତ କରିଛନ୍ତି, ଯାହାଦ୍ୱାରା ଆପଣମାନେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ▶ପୃଷ୍ଠା-୭

**ନେପାଳ ଜଳ ପ୍ରଳୟ**

## ଯେତେ ଖୋଜିଲେ ସେତେ ବଢ଼ୁଛି ମୃତ୍ୟୁସଂଖ୍ୟା

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବନ୍ୟା ପ୍ରଳୟକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ନେପାଳ ପରିସ୍ଥିତି ଉଦ୍‌ବେଗଜନକ ରହିଛି। ଉଦ୍ଧାର କାର୍ଯ୍ୟ ଯେତେ ଆଗାଉଛି ମୃତ୍ୟୁସଂଖ୍ୟା ସେତିକି ବଢ଼ିବାରେ ଲାଗିଛି। ନଦୀ କୂଳରେ ଥିବା ବସତି ଅଞ୍ଚଳ ଭାସିଯାଇଥିବାରୁ ସେହି ଅଞ୍ଚଳରୁ କେବଳ ମିଳୁଛି ମୃତଦେହ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦୦ ମୃତଦେହ ମିଳିଥିବା ବେଳେ ଏବେ ବି ତିନି ହଜାରରୁ ଅଧିକ ନିଖୋଜ ରହିଛନ୍ତି। ପ୍ରତି ମୁହୂର୍ତ୍ତରେ ମୃତଦେହ ଉଦ୍ଧାର କରାଯାଉଥିବାରୁ ଏହି ସଂଖ୍ୟା ଅବିଶ୍ୱସନୀୟ ଭାବେ ବୃଦ୍ଧି ପାଇବ ବୋଲି ଉଦ୍ଧାରକାରୀ ଦଳ କହୁଛନ୍ତି। ସରକାରୀ ଅଧିକାରୀ କହିଛନ୍ତି ଯେ ମୃତଦେହ ରଖିବା ଲାଗି ଶବଘରର ଅଭାବ ପଡ଼ିଛି। ଏହା ମୁଖ୍ୟ ଚିନ୍ତାର କାରଣ ହୋଇଛି। ନିଖୋଜ ଥିବା ଲୋକଙ୍କୁ ଠାବ କରିବା ଲାଗି ଉଦ୍ୟମ କରାଯାଉଥିଲେ ମଧ୍ୟ ଏହି ସମ୍ଭାବନା କ୍ଷୀଣ ହେବାରେ ଲାଗିଛି। ଅନ୍ୟପକ୍ଷରେ ବର୍ଷା ସହିତ ଭୂସ୍ଖଳନ ଭୟରେ ଦୁର୍ଗମ ଇଲାକାରେ ଉଦ୍ଧାରକାରୀ ଦଳ ପହଞ୍ଚିପାରି ନଥିବାରୁ ଭୟଙ୍କର ବିନାଶର ପ୍ରକୃତ ଚିତ୍ର ମିଳିପାରି ନାହିଁ। ପ୍ରଭାବିତ ଅଞ୍ଚଳ ନିକଟରେ ଦୁଇଟି ନୂଆ ହ୍ରଦ ▶ପୃଷ୍ଠା-୭



**୭୦୦ ମୃତଦେହ ଉଦ୍ଧାର**

**୩୦୦୦ରୁ ଅଧିକ ନିଖୋଜ**

**ସଦ୍‌ଗୁରୁଙ୍କ କ୍ୟାମ୍ପ ଧ୍ୱଂସ**

**ଶିବିରରେ ଥିଲେ ୮୦ ଜଣିଆ ଟିମ୍ ସହ ଶତାଧିକ ପର୍ଯ୍ୟଟକ**

## 'ସୁଭଦ୍ରା' ଟଙ୍କା ନ ଦେବାରୁ ସ୍ତ୍ରୀକୁ ପିଟିପିଟି ହତ୍ୟା

### ଘଟଣାକୁ ଚପାଇବାକୁ ପାଇଖାନା ଟାଙ୍କିରେ ପୋତିଥିଲା

■ ଢେଙ୍କାନାଳ/ଓଡ଼ାପଡ଼ା, ୨୯।୮ (ସମିସ): 'ସୁଭଦ୍ରା' ଟଙ୍କା ନ ଦେବାରୁ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଜୁଆଙ୍ଗ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ତ୍ରୀକୁ ପିଟି ପିଟି ମାରି ହତ୍ୟା କରିଛି ସ୍ୱାମୀ। ଘଟଣା ଲୁଚାଇବାକୁ ପାଇଖାନା ଟାଙ୍କିରେ ମୃତଦେହ ପୋତିଦେଇଥିବା ସୂଚନା ମିଳିଛି। ମୃତକ ହେଲେ ଜୁଆଙ୍ଗ ସାହିର ଗିରୀଶ ପ୍ରଧାନଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନ। ଗିରୀଶ ଓ କୌଶଲ୍ୟା ଉଭୟ ଦିନ ମଜୁରିଆ ଭାବେ କାମ କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ସରକାରଙ୍କ ପକ୍ଷରୁ କୌଶଲ୍ୟାଙ୍କ ଜମାଖାତାକୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ୫ ହଜାର ଟଙ୍କା ସହାୟତା ରାଶି

**ଅଭିଯୁକ୍ତ ସ୍ୱାମୀ ଗିରଫ**

ଆସିଥିଲା। ଗିରୀଶ ଉକ୍ତ ଟଙ୍କା ଉଠାଇବାକୁ ଜିଦ୍ କରି କୌଶଲ୍ୟାଙ୍କୁ ଗାଁ ନିକଟ ଗ୍ରାହକ ସେବାକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ସବୁ ଟଙ୍କା ଉଠାଇ ତାଙ୍କ ହାତକୁ ଦେବାକୁ କହିବାରୁ ଏହାକୁ କୌଶଲ୍ୟା ବାରଣ



କରିଥିଲେ। ଏହି ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ▶ପୃଷ୍ଠା-୭

## ବାପାଙ୍କ ଟଙ୍କା ପାଇଁ ଭାଇକୁ ହତ୍ୟା

■ ବାରିପଦା, ୨୯।୮ (ସମିସ): ଭାଇ ହେଲା ଭଗାରୀ। ଲୁହା ପାଇପ୍‌ରେ ମାରି ସାନଭାଇକୁ ହତ୍ୟା କଲା ବଡ଼ ଭାଇ। ସ୍ୱର୍ଗତ ବାପାଙ୍କ ଟଙ୍କା ପାଇଁ ଦୁଇଭାଇଙ୍କ ମଧ୍ୟରେ ଝଗଡ଼ା ଓ ମାରପିଟ ଓ ଶେଷରେ ହତ୍ୟା। ବାରିପଦା ସଦର ଥାନା ଅନ୍ତର୍ଗତ ଜ୍ୟୋତିପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣକ ବୀରକିଶୋର ମହାନ୍ତ (୨୩)। ଅଭିଯୁକ୍ତ ବଡ଼ଭାଇ ରାଜକିଶୋର ମହାନ୍ତ (୩୨)କୁ ସଦର ଥାନା ପୁଲିସ ଗିରଫ କରିଛି।

ସୂଚନା ମୁତାବକ, କିଛିଦିନ ପୂର୍ବରୁ ଏକ ବିଦ୍ୟୁତ୍ ଆଘାତରେ ରାଜକିଶୋର ଓ ବୀରକିଶୋରଙ୍କ ବାପା ମହେନ୍ଦ୍ର ମହାନ୍ତ ମୃତ୍ୟୁବରଣ କରିଥିଲେ। ପରିବାରକୁ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ଟଙ୍କା ମିଳିଥିଲା। ▶ପୃଷ୍ଠା-୭

## ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା': ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୯।୮ (ସମିସ): ରାଜ୍ୟ ପୁଲିସ ଭବନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ୧୦ଟି ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର



**ଡିଜିପି-ଆଇଜିପି ସମ୍ମିଳନୀରେ ପୁଲିସକୁ ମୁଖ୍ୟମନ୍ତ୍ରୀଙ୍କ ୧୦ ମାର୍ଗଦର୍ଶନ**

**ମହିଳାବିରୋଧୀ ହିଂସାରେ ଦଣ୍ଡବିଧାନ ହାର ୭୫ ପ୍ରତିଶତକୁ ବୃଦ୍ଧି କରିବାକୁ ଆହ୍ୱାନ**

**ଦାଦାବଟି ଓ ଜୋର୍-ଜବରଦସ୍ତି ଚାନ୍ଦା ଆଦାୟ ବନ୍ଦ ଉପରେ ଗୁରୁତ୍ୱାରୋପ**

ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ପୁଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୁଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ▶ପୃଷ୍ଠା-୭

### ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରଣ

## ସୁପ୍ରିମକୋର୍ଟରେ ହେବ ଶୁଣାଣି

■ ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ପେଟ୍ରୋଲ ପମ୍ପଗୁଡ଼ିକରେ ଇଥାନଲ୍ ମିଶ୍ରଣର ମାତ୍ରା ବାଧ୍ୟତାମୂଳକ ଭାବେ ପ୍ରଦର୍ଶନ କରିବା ଏବଂ ଗାଡ଼ିଗୁଡ଼ିକର ସୁସଙ୍ଗତତା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିବାକୁ ଯାଉଛନ୍ତି ଦେଶର ସୁପ୍ରିମକୋର୍ଟ। ଆସନ୍ତା ଅଗଷ୍ଟ ୩୧ ତାରିଖରେ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନରେ ଦର୍ଶାଯାଇଛି ଯେ ପ୍ରତ୍ୟେକ ପେଟ୍ରୋଲ ପମ୍ପର ଡିସପେନ୍ସିଂ ନୋଜଲ୍ ଉପରେ ଇଥାନଲ ପ୍ରତିଶତ ସ୍ପଷ୍ଟ ଭାବେ ଲେଖାଯିବା ଉଚିତ୍ ଏବଂ ଇନଭଏସ୍ ଅର୍ଥାତ୍ ରସିଦ୍‌ରେ ମଧ୍ୟ ଏହା ଉଲ୍ଲେଖ ହେବା ଜରୁରୀ। ଏହାସହ ଗାଡ଼ିର ନିର୍ମାତା, ମଡେଲ୍ ଏବଂ ତିଆରି ବର୍ଷ ଅନୁସାରେ କେଉଁ ଗାଡ଼ିରେ କେତେ ପ୍ରତିଶତ ଇଥାନଲ୍ ଯୁକ୍ତ ପେଟ୍ରୋଲ୍ ଉପଯୁକ୍ତ, ସେନେଇ ଏକ ସାର୍ବଜନୀନ ଏବଂ ସନ୍ଧାନଯୋଗ୍ୟ ତଥ୍ୟ ପ୍ରସ୍ତୁତ କରିବାକୁ ଦାବି କରାଯାଇଛି। ବର୍ତ୍ତମାନର ଇ-୨୦ ଇନ୍ଧନ ବ୍ୟବହାର ଦ୍ୱାରା ଗାଡ଼ିର ଇଞ୍ଜିନ୍, ପରିବେଶ ଏବଂ ଖାଦ୍ୟ ନିରାପତ୍ତା ଉପରେ କି ପ୍ରକାର ପ୍ରଭାବ ପଡୁଛି, ତାହା ଅନୁଧ୍ୟାନ କରିବା ପାଇଁ ଏକ ସ୍ୱାଧୀନ ବିଶେଷଜ୍ଞ କମିଟି ଗଠନ କରିବାକୁ ମଧ୍ୟ ଆବେଦନରେ ଅନୁରୋଧ କରାଯାଇଛି। ପୁରୁଣା ଏବଂ ଅଣ-ସୁସଙ୍ଗତ ଗାଡ଼ିଗୁଡ଼ିକ ପାଇଁ ଏକ ସ୍ପଷ୍ଟ ପରିବର୍ତ୍ତନ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ଏଥିରେ ଦାବି କରାଯାଇଛି। ସମ୍ଭବ ହେଲେ କମ୍ ଇଥାନଲ ମିଶ୍ରିତ ପେଟ୍ରୋଲର ଉପଲବ୍ଧତା ନିଶ୍ଚିତ କରିବା ନେଇ ମଧ୍ୟ ବିଚାର କରିବାକୁ କୁହାଯାଇଛି।







## ଜେଲ୍‌ରେ ଇମ୍ରାନଙ୍କୁ ମାନସିକ ନିର୍ଯାତନା!

ଲଣ୍ଡନ, ୨୯।୮(ଏଜେନ୍ସି): ପାକିସ୍ତାନର କାରାଗାରରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କ ପୁଅମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଇମ୍ରାନ୍ ଖାନ୍‌ଙ୍କୁ ଏକାନ୍ତରେ ରଖାଯିବା ସହ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ତାଙ୍କ ପୁଅ



ସୁଲେମାନ ଏବଂ କାସିମ୍ ଅଲଜାଜିରାକୁ ଦେଇଥିବା ଏକ ସାକ୍ଷାତକାରରେ ଅଭିଯୋଗ କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍ ଖାନ୍ ତିନି ବର୍ଷ ହେବ ରାୱଲପିଣ୍ଡିର ଆଡିଆଲା ଜେଲରେ ବନ୍ଦୀ ଅଛନ୍ତି। ଗତ ମାର୍ଚ୍ଚ ମାସରେ ଇଦ୍ ଅବସରରେ ପୁଅମାନେ ତାଙ୍କ ସହ ଶେଷଥର ପାଇଁ ଫୋନରେ କଥା ହୋଇଥିଲେ ଏବଂ ସେତେବେଳେ ତାଙ୍କ ବାପା ଅତ୍ୟନ୍ତ ଉଦ୍‌ବିଗ୍ନ ଓ ଗମ୍ଭୀର ଚିନ୍ତାରେଥିବା ଜାଣିବାକୁ ପାଇଥିଲେ। ଜେଲରେ ତାଙ୍କୁ ଉପଯୁକ୍ତ ଚିକିତ୍ସା ଓ ସ୍ୱାଧୀନ ଡାକ୍ତରୀ ପରୀକ୍ଷା ସୁବିଧା ଦିଆଯାଉ ନାହିଁ ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ପାକିସ୍ତାନ ସରକାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ସରକାର କହିଛନ୍ତି ଯେ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ସମସ୍ତ ମାନବୀୟ ସୁବିଧା ଏବଂ ନିୟମିତ ଡାକ୍ତରୀ ପରୀକ୍ଷା ଯୋଗାଇ ଦିଆଯାଉଛି। ତାଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଏବଂ ଏହାକୁ ନେଇ ଅଯଥା ରାଜନୀତି କରାଯାଉଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତଥାପି, ଅନ୍ତର୍ଜାତୀୟ ସ୍ତରରେ କ୍ରିକେଟ୍ କିମ୍ବଦନ୍ତୀ ଏବଂ ବିଭିନ୍ନ ମାନବାଧିକାର ସଂଗଠନମାନେ ଇମ୍ରାନ୍ ଖାନ୍‌ଙ୍କ ସୁରକ୍ଷା ଓ ଉପଯୁକ୍ତ ଚିକିତ୍ସା ଦାବି କରିଛନ୍ତି।

## ରକ୍ଷାବନ୍ଧନରେ ଭଉଣୀକୁ ମେସେଜ୍ କରି ଆତ୍ମହତ୍ୟା କଲା ଭାଇ

ଜଳଗାଁଓ, ୨୯।୮(ଏଜେନ୍ସି): ମହାରାଷ୍ଟ୍ରର ଜଳଗାଁଓ ଜିଲ୍ଲାରେ ରକ୍ଷାବନ୍ଧନ ପବିତ୍ର ପର୍ବ ଦିନ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ଏକାଦଶ ଶ୍ରେଣୀରେ ପଢୁଥିବା ୧୭ ବର୍ଷୀୟ ରୋହିତ ସାହେବରାଓ ଧଙ୍ଗର ନାମକ ଜଣେ କିଶୋର ଭଉଣୀକୁ ଭାବପ୍ରବଣ ମେସେଜ୍ ପଠାଇବା ପରେ ଆତ୍ମହତ୍ୟା କରିଛନ୍ତି। ରୋହିତ ରକ୍ଷାବନ୍ଧନ ଦିନ ବାପାଙ୍କ ସହିତ ଯାଇ ଭଉଣୀଠାରୁ ହାତରେ ରାଖୀ ବନ୍ଧାଇଥିଲେ ଏବଂ ଘରକୁ ଫେରିବା ପରେ ସୋସିଆଲ ମିଡିଆରେ ଭଉଣୀ ସହ ଏକ ଫଟୋ ପୋଷ୍ଟ କରି 'ମାଆ-ବାପାଙ୍କୁ ଏକା ଛାଡ଼ିବନି, ମୁଁ ଯାଉଛି' ବୋଲି ଲେଖିଥିଲେ। ପ୍ରାଥମିକ ସୂଚନା ମୁତାବକ, ଅନଲାଇନ୍ ଗେମିଂରେ ଟଙ୍କା ହରାଇଥିବାରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ସେ ଜଣେ ବନ୍ଧୁଙ୍କୁ ମଧ୍ୟ ଏନେଇ ଭିଡିଓ ମେସେଜ୍ ପଠାଇଥିଲେ। ବନ୍ଧୁ ଓ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## କଶ୍ମୀରରେ ପାକିସ୍ତାନୀ ଡ୍ରୋନ୍; ଏଲ୍‌ଓସିରେ ହାଇଆଲର୍ଟ

ଜମ୍ମୁ, ୨୯।୮(ଏଜେନ୍ସି): ଜମ୍ମୁ-କଶ୍ମୀରର ରାଜୌରି ସେକ୍ଟରରେ ନିୟନ୍ତ୍ରଣ କୋଟ୍ (ଏଲ୍‌ଓସି) ନିକଟରେ ପାକିସ୍ତାନର ଏକ ଡ୍ରୋନ୍ ବା ୟୁଏଭି ଦୃଶ୍ୟମାନ ହେବା ପରେ ସୁରକ୍ଷା ବାହିନୀକୁ ହାଇ ଆଲର୍ଟରେ ରଖାଯାଇଛି। ସୀମାପାରୁ ହୋଇଥିବା ଏହି ନୂତନ ଆକାଶମାର୍ଗର ଗତିବିଧି ପରେ ସମଗ୍ର ସେକ୍ଟରରେ କଡ଼ା ନଜର ରଖାଯାଇଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ରାତିରେ ୨୨ ଜମ୍ମୁ-କଶ୍ମୀର ରାଇଫଲ୍ସର ଅନ୍ତର୍ଗତ ବେହରୁତି ଅଞ୍ଚଳରେ ଏହି ଡ୍ରୋନ୍‌ଟିକୁ ଦେଖିବାକୁ ମିଳିଥିଲା। ସୁରକ୍ଷା କର୍ମଚାରୀମାନେ ଡ୍ରୋନଟିର ଗତିବିଧିକୁ ଟ୍ରାକ୍ କରିଥିଲେ। ଏହି ଅନୁପ୍ରବେଶକୁ ଲକ୍ଷ୍ୟ କରି ସୁରକ୍ଷା ବାହିନୀ ତୁରନ୍ତ ସମଗ୍ର ଅଞ୍ଚଳକୁ କଡ଼ା ଆକାଶମାର୍ଗ ଏବଂ ଭୂମିଗତ ନଜରରେ ରଖିଛନ୍ତି। କୌଣସି ଅସ୍ତ୍ରଶସ୍ତ୍ର କିମ୍ବା ମାଦକଦ୍ରବ୍ୟ ପକାଯାଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ସର୍ଚ୍ଚ ଅପରେସନ୍ କଡ଼ାକଡ଼ି କରାଯାଇଛି। ସୀମା ନିକଟସ୍ଥ ବିଭିନ୍ନ ଅଞ୍ଚଳରେ ଏଭଳି ଡ୍ରୋନ୍ ଗତିବିଧି ବୃଦ୍ଧି ପାଇଥିବାରୁ ସେନା ସର୍ବଦା ସତର୍କ ରହିଛି।

## ହସ୍ପିଟାଲରେ ଆଖିବୁଜିଲେ ପଞ୍ଜାବୀ ଇନଫ୍ଲୁଏନ୍ସର ମଞ୍ଜିତ କୌର୍

ଚଣ୍ଡିଗଡ଼, ୨୯।୮(ଏଜେନ୍ସି): ପଞ୍ଜାବୀ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଞ୍ଜିତ କୌର ଚଣ୍ଡିଗଡ଼ର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପ୍ରାୟ ଦୁଇ ମାସ ପୂର୍ବରୁ ତାଙ୍କୁ ଅପହରଣ କରାଯାଇ ନିର୍ମମ ଭାବେ ନିଆଁ ଲଗାଇ ଜାଳିଦିଆଯାଇଥିଲା, ଯାହା ପରେ ସେ ପିଜିଆଇରେ ଚିକିତ୍ସାଧୀନ ଥିଲେ। ମୃତକଙ୍କ ମାଆଙ୍କ



ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ଶୁଭି ଏବଂ ପିଣ୍ଡା ନାମକ ଦୁଇ ପରିଚିତ ବ୍ୟକ୍ତି ମଞ୍ଜିତଙ୍କୁ ଚଣ୍ଡିଗଡ଼ର ସେକ୍ଟର ୩୪ ରୁ ଅପହରଣ କରି ପଞ୍ଜାବର ମୋରିନ୍ଦା ନେଇଥିଲେ। ସେଠାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ଏକ ଗଛରେ ବାନ୍ଧି ଜୀବନ୍ତ ଜାଳିଦିଆଯାଇଥିଲା। ତାଙ୍କ ଜଣେ ବନ୍ଧୁ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ମଞ୍ଜିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାରେ ପୋଲିସ ବିଏନ୍‌ଏସ୍‌ର ବିଭିନ୍ନ ଧାରା ଅଧିନରେ ମାମଲା ରୁଜୁ କରିବା ସହ ଅପରାଧୀମାନଙ୍କୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ କରୁଛି।

## ବନ୍ୟାରେ ଭାସିଯାଇଥିବା ବ୍ୟାଙ୍କ ଲକର ଭାଙ୍ଗି ଲୁଟ୍, ଧରାପଡ଼ିଲେ ୨୯

କାଠମାଣ୍ଡୁ, ୨୯।୮(ଏଜେନ୍ସି): ଭୟଙ୍କର ବନ୍ୟାରେ ଲୋକଙ୍କ ଜୀବନ ଓ ସମ୍ପତ୍ତି ଉଜାଡ଼ି ଯାଇଥିବା ବେଳେ ନେପାଳରେ ଏକ ବ୍ୟାଙ୍କ ସିନ୍ଦୁକକୁ ନେଇ ଚାଞ୍ଚଲ୍ୟକର ଲୁଟ୍ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ ଭାସିଯାଇଥିବା ଏକ ବ୍ୟାଙ୍କ ସିନ୍ଦୁକକୁ ଭାଙ୍ଗି ଟଙ୍କା ନେଇଯିବା ଅଭିଯୋଗରେ ପୁଲିସ ୨୯ ଜଣଙ୍କୁ ଅଟକ ରଖିଛି। ରାସୁୱା ଜିଲ୍ଲାର ଭୋଟେକୋଶି ଅଞ୍ଚଳରୁ ବନ୍ୟାରେ ଭାସିଯାଇଥିବା ଏହି ସିନ୍ଦୁକ ପରେ ଧାଦିଙ୍ଗ ଜିଲ୍ଲାର ଗାଲଛି ଗ୍ରାମପାଳିକା ଅଞ୍ଚଳର ତ୍ରିଶୂଳୀ ନଦୀ ନିକଟରେ ମିଳିଥିଲା। ସ୍ଥାନୀୟ ଲୋକେ ସିନ୍ଦୁକ ଭାଙ୍ଗି ଭିତରେ ଥିବା ଟଙ୍କା ନେଇଯାଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରେ ଅଟକ ୨୯ ଜଣଙ୍କ ନିକଟରୁ ୯୨ ଲକ୍ଷ ୬୮ ହଜାର ୫୦୫ ନେପାଳୀ ଟଙ୍କା, ଯାହାର ଭାରତୀୟ ମୁଦ୍ରାରେ ପ୍ରାୟ ୫୭ ଲକ୍ଷ ଟଙ୍କା, ଜବତ କରାଯାଇଛି। ଅଟକ ଥିବା ଅଧିକାଂଶ ବ୍ୟକ୍ତି ଗାଲଛି-୪ ଅଞ୍ଚଳର ମାସ୍ତାର ଗାଁର ବାସିନ୍ଦା। ଅନ୍ୟ କେତେକ ବ୍ୟକ୍ତି ଗାଲଛି ଓ ସିଦ୍ଧଲେଖ ଅଞ୍ଚଳର ବୋଲି ପୁଲିସ କହିଛି। ଅଟକ ବ୍ୟକ୍ତିଙ୍କ ବୟସ ୧୯ରୁ ୪୯ ବର୍ଷ ମଧ୍ୟରେ। ଉଦ୍ଧାର ହୋଇଥିବା ଟଙ୍କାର ପ୍ରକୃତ ଉତ୍ସ କ'ଣ ଏବଂ ଘଟଣାରେ ଆହୁରି କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ପୁଲିସ ତାହାର ତଦନ୍ତ କରୁଛି। ଏହାର କିଛି ସମୟ ପୂର୍ବରୁ ନେପାଳରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା। ନରାୟଣୀ ନଦୀର ବନ୍ୟାରେ ଭାସିଆସିଥିବା ଜଣେ ମହିଳାଙ୍କ ମୃତଦେହରୁ ସୁନା କାନଫୁଲ ଚୋରି କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଘଟଣାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା



ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏପଟେ ଭୟଙ୍କର ବନ୍ୟାରେ ନେପାଳରେ ମୃତ୍ୟୁସଂଖ୍ୟା ୬୨୬ରେ ପହଞ୍ଚିଥିବା ବେଳେ ୨, ୪୨୬ ଜଣ ନିଖୋଜ ଥିବା ଦେଶର ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଜଣାଇଛନ୍ତି। ନିଖୋଜଙ୍କ ମଧ୍ୟରେ ୫୧୭ ଜଣ ବିଦେଶୀ ନାଗରିକ ରହିଛନ୍ତି। ଉଦ୍ଧାର ଓ ତଲାସୀ ଅଭିଯାନ ଏବେ ମଧ୍ୟ ଜାରି ରହିଛି।

# ଚିନ୍ତା ବଢ଼ାଉଛି ଦୁଇ ନୂଆ ହ୍ରଦ

## ୩୨୦ ଭାରତୀୟଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ



କାଠମାଣ୍ଡୁ, ୨୯।୮(ଏଜେନ୍ସି): ଭୟଙ୍କର ବନ୍ୟା ଓ ଭୂସ୍ଖଳନ ପରେ ନେପାଳରେ ବିପଦ ଏବେ ବି ଟଳିନାହିଁ। ନେପାଳ ଓ ତିବ୍ବତରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୭୦୦ରେ ପହଞ୍ଚିଛି। ପ୍ରାୟ ୩୦୦୦ ଲୋକ ନିଖୋଜ ଥିବାବେଳେ, ସେମାନଙ୍କ ମଧ୍ୟରେ ୩୨୦ ଜଣ ଭାରତୀୟ ନାଗରିକ ରହିଛନ୍ତି। ଏହା ସହ ପ୍ରାୟ ୪୦୦ ଭାରତୀୟ ତିବ୍ବତରେ ଫସି ରହିଥିବା ଜଣାପଡ଼ିଛି। ବୁଧବାର ନେପାଳ-ଚୀନ୍ ସୀମା ନିକଟରେ ହୋଇଥିବା ଭୟଙ୍କର ଭୂସ୍ଖଳନ ଓ ହଠାତ୍ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପାହାଡ଼ରୁ ମାଟି, ବାଲି, ଗୋଡ଼ି ଓ ବଡ଼ ବଡ଼ ପଥର ସହ ପ୍ରବଳ ଜଳପ୍ରବାହ ତଳିଆ ଅଞ୍ଚଳକୁ ମାଡ଼ି ଆସିଥିଲା। ବନ୍ୟା ଓ ଭୂସ୍ଖଳନ ପରେ ନେପାଳ-ଚୀନ୍ ସୀମା ନିକଟରେ ଦୁଇଟି ନୂଆ କୃତ୍ରିମ ଜଳାଶୟ ବା ହ୍ରଦ ସୃଷ୍ଟି ହୋଇଛି। ଏହାକୁ ନେଇ ପ୍ରଶାସନର ଚିନ୍ତା ବଢ଼ିଛି। ଗୋଟିଏ ହ୍ରଦରୁ ଲଗାତାର ପାଣି ଲିକ୍ ହେଉଥିବା ବେଳେ ଅନ୍ୟ ହ୍ରଦଟିର ଆକାର ବଢ଼ି ଚାଲିଛି। ଫଳରେ ହଠାତ୍ ଜଳପ୍ରବାହ ବଢ଼ିବା କିମ୍ବା ପୁଣି ଭୂସ୍ଖଳନ ଘଟିବା ଆଶଙ୍କା ରହିଛି। ଏହା ତଳିଆ ଅଞ୍ଚଳରେ ଆଉ ଏକ ବଡ଼ ବନ୍ୟାର କାରଣ ହୋଇପାରେ ବୋଲି କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି। ଏହି ବିପର୍ଯ୍ୟୟ ମଧ୍ୟରେ ତିବ୍ବତ ନିକଟସ୍ଥ ନେପାଳ ଅଞ୍ଚଳରେ ଘଟିଥିବା ଏକ ହିମସ୍ଖଳନର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ବୁଧବାର ସକାଳେ କିଛି ପର୍ଯ୍ୟଟକ ଓ ପର୍ବତାରୋହୀ ଏକ ଉଚ୍ଚସ୍ଥାନକୁ ଯାଇଥିଲେ। ସେଠାରୁ ନେପାଳ ସୀମାପାର ପର୍ବତ ଓ ହିମନଦୀଗୁଡ଼ିକ ସ୍ପଷ୍ଟ ଦେଖାଯାଉଥିଲା। ସେମାନେ ହିମସ୍ଖଳନ ପୂର୍ବରୁ ଓ ପରେ ଭିଡିଓ ରେକର୍ଡ କରିଥିଲେ। ଭିଡିଓରେ ହିମନଦୀର ଏକ ବଡ଼ ଅଂଶ ସହ ପଥର ଭାଙ୍ଗି ପାହାଡ଼ ତଳକୁ ଖସିପଡୁଥିବା ଦେଖାଯାଇଛି। ପରେ ପର୍ଯ୍ୟଟକମାନେ ତଳକୁ ଫେରିବା ସମୟରେ ରାସ୍ତା

### ତିବ୍ବତ ନିକଟରେ ହିମସ୍ଖଳନର ଭୟଙ୍କର ଦୃଶ୍ୟ

ବନ୍ଦ ଥିବା ଦେଖିଥିଲେ। ହିମସ୍ଖଳନ ପରେ ଅଞ୍ଚଳରେ ହଠାତ୍ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ସେମାନେ ପରେ ଜାଣିଥିଲେ। ୬୩୩ ଜଣଙ୍କ ମୃତ୍ୟୁ, ହଜାର ହଜାର ଲୋକ ନିଖୋଜ ଓ ନୂଆ ଜଳାଶୟରୁ ବନ୍ୟା ଆଶଙ୍କା ମଧ୍ୟରେ ନେପାଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଚ୍ୟାଲେଞ୍ଜ ଏବେ ବି ଜାରି ରହିଛି।

## ଶ୍ରଦ୍ଧାଞ୍ଜଳି ପାଇଁ ସଜ୍ଜନଙ୍କ ଘରେ ୩ ବିଜେପି ସାଂସଦ

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ଘରକୁ ଯାଇ ଶୋକ ପ୍ରକାଶ କରିବା ତିନିଜଣ ବିଜେପି ସାଂସଦଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦଳର ଜାତୀୟ ସଭାପତି ନିତିନ ନବୀନ ତିନି ସାଂସଦଙ୍କୁ ଡାକି ଏନେଇ ସ୍ପଷ୍ଟୀକରଣ ମାଗିଛନ୍ତି। ଯେଉଁ ତିନିଜଣ ସାଂସଦ ସଜ୍ଜନ କୁମାରଙ୍କ ଘରକୁ ଯାଇଥିଲେ, ସେମାନେ ହେଲେ ରାମବୀର ସିଂହ ବିଧୁରୀ,



ବିବାଦ ପରେ ସମନ୍ କଲେ ବିଜେପି ସଭାପତି

ଯୋଗେନ୍ଦ୍ର ଚାନ୍ଦୋଲିଆ ଓ କମଲଜୀତ ସେହରାୱତ। ଏହି ଘଟଣାକୁ ନେଇ ଦଳ ଭିତରେ ଓ ବାହାରେ ରାଜନୈତିକ ଚର୍ଚ୍ଚା ତୀବ୍ର ହୋଇଛି। ବିଜେପି ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି, 'ସେମାନେ ସେଠାକୁ ଯିବା ଉଚିତ ନଥିଲା।' ଏହା ପରେ ତିନି ସାଂସଦଙ୍କୁ ଡକାଯାଇଛି। ସଜ୍ଜନ କୁମାର ପୂର୍ବତନ କଂଗ୍ରେସ ସାଂସଦ ଥିଲେ। ୧୯୮୦ରେ ସେ ଦିଲ୍ଲୀର ବାହ୍ୟ ଦିଲ୍ଲୀ ଲୋକସଭା ଆସନରୁ ବିଜୟୀ ହୋଇଥିଲେ। ୧୯୮୪ ଦଙ୍ଗା ପରେ ମଧ୍ୟ ସେ ୧୯୯୧ ଓ ୨୦୦୪ରେ କଂଗ୍ରେସ ଟିକେଟ୍‌ରେ ନିର୍ବାଚିତ ହୋଇଥିଲେ। ୧୯୮୪ର ଦଙ୍ଗା ସମୟରେ ହତ୍ୟା, ଦଙ୍ଗା, ଅପରାଧିକ ଷଡ଼ଯନ୍ତ୍ର ଓ ହିଂସାକୁ ଉସକାଇବା ଭଳି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ହୋଇଥିଲା। ୨୦୧୮ରେ ତାଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ୨୦୨୫ରେ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ମଧ୍ୟ ତାଙ୍କୁ ଦୋଷୀ କରାଯାଇଥିଲା। ସଜ୍ଜନ କୁମାରଙ୍କ ବୟସ ୮୦ ବର୍ଷ ଥିଲା। ଆଜୀବନ କାରାଦଣ୍ଡ ଭୋଗୁଥିବା ସମୟରେ ଏହି ମାସରେ ତାଙ୍କର ମୃତ୍ୟୁ ହୋଇଥିଲା। ତିନି ବିଜେପି ସାଂସଦଙ୍କ ଏହି ଗସ୍ତକୁ ଆମ୍ ଆଦମୀ ପାର୍ଟି ତୀବ୍ର ସମାଲୋଚନା କରିଛି। ଆପ୍ ନେତା ବଲତେଜ ପନ୍ନୁ କହିଛନ୍ତି, ସଜ୍ଜନ କୁମାରଙ୍କ ଶେଷ ଧାର୍ମିକ କାର୍ଯ୍ୟରେ ତିନି ବିଜେପି ସାଂସଦଙ୍କ ଉପସ୍ଥିତି ଦଳର ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଛି।

## ରୁଷିଆର ଭୟଙ୍କର ଆକ୍ରମଣ; କିଭ୍‌ରେ ୨୭ ନିହତ



କିଭ୍, ୨୯।୮(ଏଜେନ୍ସି): ୟୁକ୍ରେନର ରାଜଧାନୀ କିଭ୍ ନିକଟସ୍ଥ ବୁଚା ଜିଲ୍ଲାରେ ରୁଷିଆର ଭୟଙ୍କର ଆକ୍ରମଣରେ ଅତି କମରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ପ୍ରାୟ ୫୦ଟି ଆବାସିକ ଘର କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନର ଅଧିକାରୀମାନେ ଶନିବାର ସୂଚନା ଦେଇଛନ୍ତି। ଆକ୍ରମଣ ପରେ ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଅନେକ ଘର ସହ ଏକ ରେସ୍ତୋରାଁକୁ ମଧ୍ୟ ବ୍ୟାପିଥିଲା। ଆଞ୍ଚଳିକ ସାମରିକ ପ୍ରଶାସନ ମୁଖ୍ୟ ତିମୁର ତକାଚେଙ୍କୋ କହିଛନ୍ତି, ଆକ୍ରମଣରେ ଅନେକ ଆବାସିକ କୋଠାରେ ଗୁରୁତର କ୍ଷତି ହୋଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ଅନୁସାରେ, ମିଲା ଗାଁରେ ଥିବା ଏକ ଗୋଦାମକୁ ଆକ୍ରମଣ କରାଯାଇଥିଲା ଏବଂ ପରେ ସେଠାରେ ବିସ୍ଫୋରଣ ଘଟିଥିଲା। ଗୋଦାମରେ କ'ଣ ସାମଗ୍ରୀ ରହିଥିଲା, ସେନେଇ ସେ ସ୍ପଷ୍ଟ କରିନାହାନ୍ତି। ଘଟଣାକୁ ନେଇ ଅଧିକାରୀମାନେ ସମ୍ଭାବ୍ୟ ସରକାରୀ ଅବହେଳା ଦିଗରୁ ମଧ୍ୟ ତଦନ୍ତ ଆରମ୍ଭ କରିଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ଆବାସିକ ଅଞ୍ଚଳ ନିକଟରେ ଗୋଳାବାରୁଦ କିମ୍ବା ବିସ୍ଫୋରକ ସାମଗ୍ରୀ ରଖିବା ନେଇ ନିୟମ ରହିଛି। ଏହି ଆକ୍ରମଣ ସମୟରେ କିଭ୍‌ରେ ଲଗାତାର ତୃତୀୟ ଦିନ ଧରି ବାୟୁ ଆକ୍ରମଣ ଜାରି ରହିଥିଲା। ଏହା ଫଳରେ ରାଜଧାନୀର ସାଧାରଣ ଜୀବନ ଓ ଆର୍ଥିକ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରୁଷିଆ ୨୦୨୨ ମସିହାରେ ୟୁକ୍ରେନ ବିରୋଧରେ ବ୍ୟାପକ ଯୁଦ୍ଧ ଆରମ୍ଭ କରିଥିଲା। ଚାରି ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଜାରି ରହିଛି।




## ନଦୀକୁ ଡେଇଁଲେ ଦମ୍ପତି, ସେତୁ ଉପରେ କାନ୍ଦୁଥିଲା ୩ ବର୍ଷର ଶିଶୁ

ପଶ୍ଚିମ ଗୋଦାବରୀ, ୨୯।୮(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଦମ୍ପତି ବନ୍ୟାଜଳ ପ୍ରବାହିତ ଗୋଦାବରୀ ନଦୀକୁ ଡେଇଁଥିବା ଅଭିଯୋଗ ହୋଇଛି। ଏହି ସମୟରେ ସେମାନଙ୍କ ୩ ବର୍ଷର ଶିଶୁକୁ ସେତୁ ଉପରେ ଏକା ଛାଡ଼ି ଦିଆଯାଇଥିଲା। ପୁଲିସ ଅନୁସାରେ, ଭେଲପୁରୁ ଗାଁର ୨୯ ବର୍ଷୀୟ ଦୋଣ୍ଡା ସାଇ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ ଶିରୀଷା ରାତି ପ୍ରାୟ ୧୦ଟାରେ ନିଜ ୩ ବର୍ଷର ଶିଶୁ ସହ ସ୍କୁଟରରେ ଚିଞ୍ଚିନାଡା ବଶିଷ୍ଠ ସେତୁ ନିକଟରେ ପହଞ୍ଚିଥିଲେ। ପରେ ଶିଶୁକୁ ସ୍କୁଟର ନିକଟରେ ଛାଡ଼ି ଦମ୍ପତି ନଦୀକୁ ଡେଇଁଥିବା ଅଭିଯୋଗ ହୋଇଛି। ଅନ୍ଧାର ଓ ଥଣ୍ଡା ରାତିରେ ଶିଶୁଟି ସେତୁ ଉପରେ ଏକା କାନ୍ଦୁଥିଲା। ଯାତ୍ରୀମାନେ ଶିଶୁଟିକୁ ଦେଖି ପୁଲିସକୁ ଖବର ଦେଇଥିଲେ। ଶିଶୁଟି ବାରମ୍ବାର 'ଆମ୍ମା... ନାନ୍ନା'ବୋଲି ଡାକୁଥିବାରୁ ସ୍ଥାନୀୟ ଲୋକେ ତା'ର ବାପା-ମାଆଙ୍କୁ ଖୋଜିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ନିଜ ହେପାଜତକୁ ନେବା ସହ ସ୍କୁଟରକୁ ଜବତ କରିଥିଲା। ପରେ ଶିଶୁଟିକୁ ପରିବାର ଲୋକଙ୍କ ହାତରେ ଦିଆଯାଇଛି। ଏପଟେ ଦମ୍ପତିଙ୍କୁ ଖୋଜିବା ପାଇଁ ପୁଲିସ ସହ ସ୍ଥାନୀୟ ଉଦ୍ଧାରକାରୀ, ପହଁରାଳି ଓ ଡଙ୍ଗା ଦଳ ଗୋଦାବରୀ ନଦୀରେ ତଲାସି ଅଭିଯାନ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ସାଇ ଗାଡ଼ି ଚାଳକ ଭାବେ କାମ କରୁଥିଲେ ଏବଂ କିଛି ସମୟ ଉପସାଗରୀୟ ଦେଶରେ ମଧ୍ୟ ରହିଥିଲେ। ତାଙ୍କ ଉପରେ ଋଣ ଓ ଆର୍ଥିକ ଚାପ ଥିବା ପୁଲିସ ସନ୍ଦେହ କରୁଛି। ଆର୍ଥିକ ସମସ୍ୟା ଯୋଗୁଁ ଦମ୍ପତି ଘର ବିକ୍ରି କରିଥିବା ନେଇ ମଧ୍ୟ ତଦନ୍ତକାରୀମାନେ ଖୋଜଖବର ନେଉଛନ୍ତି। ତେବେ ଆର୍ଥିକ ସଙ୍କଟ ହିଁ ଘଟଣାର ଏକମାତ୍ର କାରଣ ବୋଲି ପୁଲିସ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ। ଘଟଣାର ସମସ୍ତ ପରିସ୍ଥିତି ନେଇ ତଦନ୍ତ ଜାରି ରହିଛି।

## ସୋନିଆଙ୍କ ଆତ୍ମଜୀବନୀକୁ ନେଇ କଂଗ୍ରେସ-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ପକ୍ଷରୁ କଂଗ୍ରେସ ସଂସଦୀୟ ଦଳର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆଗାମୀ ଆତ୍ମଜୀବନୀ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ପ୍ରକାଶନରୁ ଓହରିଯିବା ପରେ ରାଜନୈତିକ ଲଢେଇ ଆରମ୍ଭ ହୋଇଛି। ପେଙ୍ଗୁଇନ୍‌ର ଏଭଳି ପଦକ୍ଷେପ ପଛରେ ସରକାରୀ ଚାପ ରହିଥିବା ନେଇ କଂଗ୍ରେସ ପ୍ରକାଶ କରିଥିବା ବେଳେ ବିଜେପି ଏହାକୁ ଖଣ୍ଡନ କରିଛି। ପେଙ୍ଗୁଇନ୍ ଇଣ୍ଡିଆ ସ୍ପଷ୍ଟ କରିଛି ଯେ ସେମାନେ ଏହି ବହିର ପ୍ରକାଶକ ନୁହଁନ୍ତି, ଯଦିଓ ଏହାର ଅନ୍ତର୍ଜାତୀୟ ପ୍ରକାଶନ ସଂସ୍ଥା ଆଲଫ୍ରେଡ୍ ଏ କ୍ନପ୍ ନଭେମ୍ବର ୧୦ରେ ଏହାକୁ ବିଶ୍ୱବ୍ୟାପୀ ପ୍ରକାଶ କରିବାକୁ ଘୋଷଣା କରିସାରିଛି। ତଥ୍ୟ ଯାଞ୍ଚ ଏବଂ ସମ୍ପାଦନାଗତ ପରିବର୍ତ୍ତନକୁ ନେଇ ସହମତି ନ ହେବାରୁ ପ୍ରକାଶକ ଏହି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

ତେବେ କଂଗ୍ରେସ ନେତାମାନେ ପ୍ରକାଶନ ସଂସ୍ଥା ଉପରେ ବିଜେପି ସରକାର ପକ୍ଷରୁ ପ୍ରବଳ ରାଜନୈତିକ ଚାପ ପ୍ରୟୋଗ କରାଯାଥିବା ଅଭିଯୋଗ କରିଛନ୍ତି। ଲୋକସଭାରେ କଂଗ୍ରେସ ନେତା ଗୌରବ ଗୋଗୋଇ ପେଙ୍ଗୁଇନ ଇଣ୍ଡିଆର ସ୍ପଷ୍ଟୀକରଣକୁ ଅତ୍ୟନ୍ତ ଦୁର୍ବଳ ଦର୍ଶାଇଛନ୍ତି। ସେ ଏକ୍ସରେ ଲେଖିଛନ୍ତି ଯେ ପେଙ୍ଗୁଇନ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କ ଏକ୍‌ଜାମ୍ ୱାରିୟର୍ସ ଏବଂ ଆରଏସଏସ ସମ୍ବନ୍ଧୀୟ ଅନେକ ପୁସ୍ତକ ଅନାୟାସରେ ପ୍ରକାଶ କରିପାରୁଛି। କିନ୍ତୁ ବିଜେପି ସରକାର ସୋନିଆ ଗାନ୍ଧୀଙ୍କ ପୁସ୍ତକକୁ ଦେଶର ଜନସାଧାରଣ ପଢ଼ିବାକୁ ନେଇ ଭୟଭୀତ ହୋଇପଡ଼ିଛି। ସେହିପରି ଅଶୋକ ଗେହଲଟ ପ୍ରଶ୍ନ କରିଛନ୍ତି ଯେ ପେଙ୍ଗୁଇନର ବିଶ୍ୱସ୍ତରୀୟ ଶାଖା ଏହି ପୁସ୍ତକକୁ ମୂଳ ରୂପରେ ପ୍ରକାଶ କରିବାକୁ ପ୍ରସ୍ତୁତ ଥିବାବେଳେ ଭାରତୀୟ ଶାଖା କାହିଁକି ଏଥିରେ ପରିବର୍ତ୍ତନ ଚାହୁଁଛି? ଏନେଇ ସେ ଦେଶରେ ମତବ୍ୟକ୍ତ କରିବାର ସ୍ୱାଧୀନତାକୁ ହତ୍ୟା କରାଯାଉଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ବିଜେପି କଂଗ୍ରେସର ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ବିଜେପିର ଜାତୀୟ ମୁଖପାତ୍ର ସିଆର. କେଶବନ କହିଛନ୍ତି ଯେ କଂଗ୍ରେସ ନେତାମାନେ ଦେଶରେ ମିଥ୍ୟା ଭୟର ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ବିଜେପି ନେତା ଅଜୟ ଆଲୋକ କହିଛନ୍ତି ଯେ ନିଜ ପୁସ୍ତକରେ ସଠିକ୍ ତଥ୍ୟ ଓ ପରିସଂଖ୍ୟାନ ଉପସ୍ଥାପନ ନ କରିବା କଂଗ୍ରେସ ପାଇଁ ଅତ୍ୟନ୍ତ ଲଜ୍ଜାଜନକ। ଅନ୍ୟପକ୍ଷେ ପୁସ୍ତକରେ ଭାରତୀୟ ସୀମାରେ ଚୀନର ଅନୁପ୍ରବେଶ ଏବଂ ବର୍ତ୍ତମାନର ସୀମା ସ୍ଥିତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଏହାସହ ମୋଦୀଙ୍କ କାର୍ଯ୍ୟଶୈଳୀ, ନେତୃତ୍ୱ ଏବଂ କେନ୍ଦ୍ର ସରକାରଙ୍କ ନୀତିଗୁଡ଼ିକୁ ଏଥିରେ କଡ଼ା ସମାଲୋଚନା କରାଯାଇଛି। ପୁଣି ଦେଶର ସାମାଜିକ ସ୍ଥିତି ଏବଂ ଜାତୀୟ ବ୍ୟାପାରରେ ଆର୍‌ଏସ୍‌ଏସ୍‌ର ନକାରାତ୍ମକ ପ୍ରଭାବ ଉପରେ ସୋନିଆ ଗାନ୍ଧୀ ନିଜର ବ୍ୟକ୍ତିଗତ ମତ ରଖିଛନ୍ତି।






## ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ବିଜେପି ବିଧାୟକଙ୍କୁ ଅଣଦେଖା ଅଭିଯୋଗ

# ମୁକେଶଙ୍କ ଉପସ୍ଥିତିରେ ରାଗିଗଲେ ଲକ୍ଷ୍ମଣ

ବଲାଙ୍ଗିର,୨୯।୮(ସମିସ): ବଲାଙ୍ଗିରର ଏକ ସରକାରୀ କାର୍ଯ୍ୟକ୍ରମରେ ସରକାରୀ ଦଳର ବିଧାୟକ ଲକ୍ଷ୍ମଣ ବାଗ ନିଜର ଅସନ୍ତୋଷ ଝାଡ଼ିଛନ୍ତି। ତାହା ପୁଣି ଖୋଦ୍ ଜଣେ ମନ୍ତ୍ରୀଙ୍କ ଉପସ୍ଥିତିରେ। 'ମୋ ଫଟୋ କାହିଁକି ଲଗାଇଲ? ଯଦି ମତେ ଡାକିନାହଁ ଫଟୋ କାହିଁକି ଲାଗିବ? ବଲାଙ୍ଗିର ଆସି ବାବୁଗିରି ଚଳିବନି। ସରକାରୀ ଟଙ୍କାରେ କାର୍ଯ୍ୟକ୍ରମରେ କାମ ହେଉଛି; କିନ୍ତୁ ଜନପ୍ରତିନିଧିଙ୍କୁ କାହିଁକି ଅଣଦେଖା କରାଯାଉଛି? ଏହା ଚଳିବ ନାହିଁ। ଏହାର ପ୍ରତିଶୋଧ ନିଆଯିବ। ବିଧାନସଭାରେ କଥା ଉଠିବ। କାରଣ ଦର୍ଶାଇବାକୁ ପଡିବ।' ଏହିଭଳି କଡା ଭାଷାରେ ପ୍ରଶାସନିକ ଅଧିକାରୀଙ୍କୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଟ୍ୟୁସନ କରିଛନ୍ତି। ଶନିବାର ବଲାଙ୍ଗିରରେ ଅନୁଷ୍ଠିତ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ଅଂଶୀଦାର ପରାମର୍ଶ କର୍ମଶାଳା କାର୍ଯ୍ୟକ୍ରମରେ ଲକ୍ଷ୍ମଣଙ୍କ ଏହିଭଳି ବ୍ୟବହାର ଓ ବୟାନକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହିଭଳି ଭାବେ ଅସନ୍ତୋଷ ଝାଡି ସେ ଅଧିକାରୀଙ୍କୁ ତାଗିଦ କରୁଥିଲେ ନା ବଲାଙ୍ଗିରରେ ଶକ୍ତିଭେଦ କରିବା ପାଇଁ ଉଦ୍ୟମ କରୁଥିବା ବିଜେପି ମୁଣ୍ଡିଆଳଙ୍କ ବିରୋଧରେ ବିଷୋଦଗାର କରିଥିଲେ ତାହା ପ୍ରଶ୍ନ ସୃଷ୍ଟି କରୁଛି।


ଶନିବାର ବଲାଙ୍ଗିର ନଟରାଜ ପ୍ୟାଲେସରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ଏଜେଣ୍ଡା ଅନୁସାରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ସାଂସଦ ସଙ୍ଗିତା କୁମାରୀ ସିଂହଦେଓଙ୍କ ସହ ନିର୍ଦ୍ଦେଶକ ଓ ସଚିବ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିଲା; କିନ୍ତୁ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ନିଜ ବକ୍ତବ୍ୟ ରଖିବା ପୂର୍ବରୁ ରାଗିଯାଇ ତାଙ୍କ ଅସନ୍ତୋଷ ଝାଡିବା ଆରମ୍ଭ କରିଥିଲେ। ତାଙ୍କ କହିବା ଅନୁସାରେ ତାଙ୍କ ଫଟୋ ଲଗାଯାଇଛି। ଏଜେଣ୍ଡାରେ ନାମ ବି ରହିଛି; କିନ୍ତୁ ତାଙ୍କୁ କାହିଁକି ଏହି କାର୍ଯ୍ୟକ୍ରମକୁ ଡକାଯାଇ ନ ଥିଲା? ମନ୍ତ୍ରୀଙ୍କ ପାଖରୁ ଫୋନ ଯିବା ପରେ ସେ ଆସି ଉପସ୍ଥିତ ରହିଛନ୍ତି। ତାଙ୍କ ଅନୁମତି ନ ନେଇ କାହିଁକି ପୋଷ୍ଟରରେ ଫଟୋ ଲଗାଯାଇଛି? କାହା ଅନୁମତିରେ ବିଧାୟକଙ୍କ ପୋଷ୍ଟର ଲାଗିଛି? ସରକାରଙ୍କୁ ବଦନାମ କରିବାକୁ କାହିଁକି ଚେଷ୍ଟା କରାଯାଉଛି? ବିଭାଗୀୟ ଅଧିକାରୀଙ୍କୁ କୈଫିୟତ ଦେବାକୁ ପଡିବ ବୋଲି କହିଥିଲେ। ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପ୍ରତିକ୍ରିୟା ଦେଇ ଶ୍ରୀ ବାଗ କହିଛନ୍ତି ଯେ ଲୋକଙ୍କ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସହାୟତା ନେଲେ ଲୋକେ ସୁବିଧା ପାଇବେ; କିନ୍ତୁ ଏହିଭଳି କରିବାକୁ ନେଇ ସେ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ନିଜ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ବାହାନାରେ ମନ୍ତ୍ରୀ ମୁକେଶ ମହାଲଙ୍ଗ କାର୍ଯ୍ୟକ୍ରମ ଅଧାରୁ ଚାଲିଯାଇଥଲେ। ସଦର ବିଧାୟକ କଳିକେଶ ସିଂହଦେଓ ଏବଂ ଟିଟିଲାଗଡ ବିଧାୟକ ନବୀନ ଜୈନ ପ୍ରମୁଖ ଅନୁପସ୍ଥିତ ରହିଥିଲେ। ତେବେ ସେମାନଙ୍କୁ ଯୋଗାଯୋଗ କରାଯାଇଥିଲା ନା ନାହିଁ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଏହା ପ୍ରଥମ ଘଟଣା ନୁହଁ; କିଛି ମାସ ପୂର୍ବରୁ ଜିଲ୍ଲାସ୍ତରୀୟ ଏକ ସମୀକ୍ଷା ବୈଠକରେ ଟିଟିଲାଗଡ ବିଧାୟକ ନବୀନ ଜୈନ ମନ୍ତ୍ରୀଙ୍କ ସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କୁ ସରକାରୀ ସମୀକ୍ଷା ବୈଠକକୁ ଡକା ନ ଯିବା ନେଇ ଅଭିଯୋଗ କରିଥିଲେ। ସେ ପରୋକ୍ଷରେ ସାଂସଦ ଓ ଉପମୁଖ୍ୟମନ୍ତ୍ରୀଙ୍କ ଆଡକୁ ଇଙ୍ଗିତ କରି ବୟାନ ରଖିଥିଲେ। ସରକାରୀ ଦଳର ବିଧାୟକମାନଙ୍କ ଏହିଭଳି ସର୍ବସମ୍ମୁଖରେ ଅସନ୍ତୋଷ ପ୍ରକାଶ କରିବା ଦଳ ଭିତରେ ଚାଲିଥିବା ପାୱାର ଲଢେଇ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଅଣଦେଖାକୁ ସ୍ପଷ୍ଟ କରିଛି।

- ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଲେ
- କାର୍ଯ୍ୟକ୍ରମରେ ଜନ ପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିବା ଅଭିଯୋଗ
- ପ୍ରଶାସନ ଡାକିଲାନି, ମନ୍ତ୍ରୀଙ୍କ ଫୋନ୍ ପାଇ କାର୍ଯ୍ୟକ୍ରମକୁ ଆସିଲେ
- ବାବୁଗିରି ଚଳିବନି, ବିଧାନସଭାରେ କଥା ଉଠାଇବାକୁ ଚେତାବନୀ

## ୨୦୨୩ରେ କାହିଁକି ବିଶ୍ୱର ସବୁଠାରୁ ଗରମ ସହର ହୋଇଥିଲା ବାରିପଦା

# ବାୟୁ ଅବରୋହଣ, ଆର୍ଦ୍ରତା, ଶୁଷ୍କ ପବନ ଓ ପୋଡ଼ାମାଟି ସହରକୁ କରିଥିଲା 'ନିଆଁଭାଟି'

ବାରିପଦା, ୨୯।୮(ସମିସ): ୨୦୨୩ ଏପ୍ରିଲ୍ ୧୪ ତାରିଖ। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରର ତାପମାତ୍ରା ଛୁଇଁଥିଲା ୪୪ ଡିଗ୍ରୀ ସେଲସିୟସ୍। ସେଦିନ ବିଶ୍ୱର ବିଭିନ୍ନ ପାଣିପାଗ ନିରୀକ୍ଷଣ ପ୍ଲାଟଫର୍ମରେ ବାରିପଦାର ନାମ ଥିଲା ଶୀର୍ଷରେ। ଭାରତ ନୁହେଁ, ସାରା ବିଶ୍ୱରେ ସେଦିନ ସବୁଠାରୁ ଅଧିକ ତାପମାତ୍ରା ଏହି ଛୋଟ ସହରରେ ରେକର୍ଡ ହୋଇଥିଲା। ଏଭଳି ଅଭୂତପୂର୍ବ ତାପପ୍ରବାହର କାରଣ କ'ଣ? ଏହି ପ୍ରଶ୍ନର ଉତ୍ତର ଖୋଜିବାକୁ କରାଯାଇଥିବା ଏକ ନୂତନ ଗବେଷଣା "ଆଡଭାନ୍ସେସ୍ ଇନ୍ ସ୍ପେସ୍ ରିସର୍ଚ୍ଚ' ପତ୍ରିକାରେ ପ୍ରକାଶ ପାଇଛି। ଶିକ୍ଷା "ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଏନ୍‌ଭାର୍ଣ୍ଣମେଣ୍ଟ ଆଣ୍ଡ କ୍ଲାଇମେଟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ରିମୋଟ ସେନ୍ସିଂ ଆଣ୍ଡ ଜିଆଇଏସ୍ ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ରିମୋଟ ସେନ୍ସିଂ ଆଣ୍ଡ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟର ମିଳିତ ସହଯୋଗରେ ଏହି ଅଧ୍ୟୟନ ସମ୍ପନ୍ନ ହୋଇଛି। ଗବେଷକ ରୋଶନ ବେଉରିଆ, ଡ ଦେବବ୍ରତ ନନ୍ଦୀ, ଡ ରାକେଶ ରଞ୍ଜନ ଠାକୁର ଓ ଶୁଭସ୍ମିତା ଦାସ ଏହି ଗବେଷଣା କରିଛନ୍ତି।




ସେମାନଙ୍କର ୨୮ ପୃଷ୍ଠା ବିଶିଷ୍ଟ ଗବେଷଣା ପତ୍ରରୁ ଜଣାପଡ଼ିଛି ଯେ, ଆକାଶର ଉପର ସ୍ତରରେ ସୃଷ୍ଟି ହୋଇଥିବା ଏକ ବିଶେଷ ପାଣିପାଗ ବ୍ୟବସ୍ଥା, ଅତ୍ୟନ୍ତ ଆର୍ଦ୍ରତା, ଶୁଷ୍କ ପବନ ଓ ପୋଡ଼ାମାଟି ମିଶି ବାରିପଦାରେ ଏକ ପ୍ରକାର "ନିଆଁ ଭାଟି' ପରି ପରିସ୍ଥିତି ସୃଷ୍ଟି କରିଥିଲା। ଏଥିପାଇଁ ଗବେଷକମାନେ "ୱେଦର୍ ରିସର୍ଚ୍ଚ ଆଣ୍ଡ ଫୋରକାଷ୍ଟିଂ' (ଡବ୍ଲ୍ୟୁଆରଏଫ) ମଡେଲ୍ ବ୍ୟବହାର କରି ଆକାଶର ପ୍ରାୟ ୧୦ରୁ ୧୩ କିଲୋମିଟର ଉଚ୍ଚତାରେ ଘଟିଥିବା ବାୟୁର ସଂଗମନ ଓ ତା'ପରେ ହୋଇଥିବା ଅବରୋହଣ ପ୍ରକ୍ରିୟାକୁ ଚିହ୍ନଟ କରିଥିଲେ। ବାୟୁ ତଳକୁ ଖସିବା ସମୟରେ ସଂକୁଚିତ ହୋଇ ଅଧିକ ଉଷ୍ମ ହୋଇଥାଏ ଏବଂ ୨୦୨୩ ଏପ୍ରିଲ୍ ୧୩ ଓ ୧୪ ତାରିଖରେ ବାରିପଦା ଉପରେ ଏହି ପ୍ରକ୍ରିୟା ଅତ୍ୟନ୍ତ ଶକ୍ତିଶାଳୀ ଥିଲା। ସେ ସମୟରେ ବାରିପଦାର ଆପେକ୍ଷିକ ଆର୍ଦ୍ରତା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଥିଲା। ୮୫୦ ଏଚପିଏ ସ୍ତରରେ ସୃଷ୍ଟି ହୋଇଥିବା ଆଣ୍ଟିସାଇକ୍ଲୋନିକ୍ ସର୍କୁଲେସନ୍ ଝାଡ଼ଖଣ୍ଡ ଓ ବିହାର ଦିଗରୁ ଶୁଷ୍କ ପବନକୁ ଓଡ଼ିଶା ଆଡ଼କୁ ବହନ କରି ଆଣିଥିଲା। ଫଳରେ ଉପର ଆକାଶରୁ ବାୟୁର ଅବରୋହଣ, ଅତ୍ୟନ୍ତ ଆର୍ଦ୍ରତା ଓ ଶୁଷ୍କ ପବନର ମିଳିତ ପ୍ରଭାବରେ ତାପପ୍ରବାହ ଅଧିକ ପ୍ରଚଣ୍ଡ ହୋଇଥିଲା। ୨୦୨୩ର ଏହି ଘଟଣାର ଆଉଏକ

**୩ ବର୍ଷ ପରେ ନୂତନ ଗବେଷଣାରେ ଉନ୍ମୋଚିତ ହେଲା ରହସ୍ୟ**

ବିଶେଷତା ହେଲା ଏପ୍ରିଲ୍ ୧୨ରୁ ୨୦ ପର୍ଯ୍ୟନ୍ତ ଲଗାତର ୯ ଦିନ ବାରିପଦାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଏହି ସମୟର ୬ ଦିନ ଭାରତୀୟ ପାଣିପାଗ ବିଭାଗର ତାପପ୍ରବାହ ମାନଦଣ୍ଡ ପୂରଣ କରିଥିଲା। ଏପ୍ରିଲ୍ ୧୪ରେ ତାପମାତ୍ରା ସାଧାରଣଠାରୁ ୫.୨୬ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା। ସରଳ ଭାଷାରେ କହିଲେ, ଉପର ଆକାଶରୁ ତଳକୁ ଖସୁଥିବା ବାୟୁତାପକୁ ଆହୁରି ବଢ଼ାଇଥିବାବେଳେ ତଳେ ଶୁଷ୍କ ଓ ତପ୍ତ ଭୂପୃଷ୍ଠ ଏହି ଉତ୍ତାପକୁ ଆହୁରି ତୀବ୍ର କରିଥିଲା। ଫଳରେ ବାରିପଦା ଏକ ପ୍ରକାର ପ୍ରାକୃତିକ "ନିଆଁ ଭାଟି'ରେ ପରିଣତ ହୋଇଥିଲା। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣା ପରେ ଆସିଥିବା ତଥ୍ୟ ଭବିଷ୍ୟତର ସତର୍କତା ଭାବେ ନେଇ ସରକାରଙ୍କ ପକ୍ଷରୁ ପ୍ରତିହତ ଯୋଜନା ପ୍ରସ୍ତୁତି ଆବଶ୍ୟକ। ଏଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୌରପରିଷଦ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ୩ ତାରିଖ ଯାଏଁ ପ୍ରବଳ ବର୍ଷା

## ଆଜି ୧୧ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା

ଭୁବନେଶ୍ୱର,୨୯।୮(ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଶନିବାର ସକାଳେ ଲଘୁଚାପର ରୂପ ନେଇଛି। ଏହି ଲଘୁଚାପ କାରଣରୁ ଆସନ୍ତା ୩ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବା ନେଇ ବୁଲେଟିନ୍ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

**ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ**

କେନ୍ଦ୍ର ପ୍ରଦତ୍ତ ତଥ୍ୟ ଅନୁଯାୟୀ ରବିବାର ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କଟକ, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି। ଏତଦ୍‌ବ୍ୟତୀତ କେନ୍ଦ୍ରାପଡା, ଜଗତସିଂହପୁର, ଝାରସୁଗୁଡା, ବରଗଡ, ସୋନପୁର, ବୌଦ୍ଧ, ନୂଆପଡା, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ବିଜୁଳି, ଘଡଘଡି ସହ ବର୍ଷା ସମ୍ଭାବନା ଥିବା ନେଇ ଆକଳନ କରାଯାଇଛି। ସୋମବାର ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର ଓ ନୂଆପଡାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଥିବାବେଳେ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଦେବଗଡ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ବର୍ଷା ଥିବାବେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୩ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାବେଳେ ଏହାପରେ ପାଗରେ ପରିବର୍ତ୍ତ ଘଟିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

## ହୀରାକୁଦର ୫ ଗେଟ୍ ଖୋଲା, ଜଳସ୍ତର ୬୨୪.୮୯ ଫୁଟ୍

ସମ୍ବଲପୁର, ୨୯।୮ (ସମିସ) : ହୀରାକୁଦ ନଦୀବନ୍ଧରେ ୫ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ ହେଉଛି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୮୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୮,୩୫୭ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୧୫,୨୧୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୦,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୩୨୦୭୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁଠାରେ ୧୯,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପଥର୍ଲାଠାରେ ୩୫,୯୭୬ କ୍ୟୁସେକ୍, ଖଇରମାଳଠାରେ ୧,୬୨,୦୦୦ କ୍ୟୁସେକ୍, ବାରମୁଲଠାରେ ୨,୧୬,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୩,୭୮,୫୨୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଘର ଆଗରୁ ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର

ମାର୍ଶାଘାଇ, ୨୯।୮ (ସମିସ): ଘର ଆଗରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ବେରୁହାଁ ପଞ୍ଚାୟତର ହଳଦିଆ ଗ୍ରାମର ଅଶୋକ ଦାସଙ୍କ ପୁଅ ଚନ୍ଦନ ଦାସ ଓରଫ ହାପି (୩୦)ର ହାତଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ତାଙ୍କ ଘର ସମ୍ମୁଖରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାପଡ଼ାରୁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ତଦନ୍ତ କରିଛି। ପାରିପାର୍ଶିକ ଘଟଣାକୁ ଲକ୍ଷ୍ୟ କଲେ ଘଟଣା ରହସ୍ୟାବୃତ୍ତ ବୋଲି ଜଣାପଡୁଛି।

**ପୂର୍ବ ଶତ୍ରୁତାରୁ ରକ୍ତପାତ**

## ଯୁବକଙ୍କ ଗୋଡ଼ କାଟିଦେଲେ ଦୁର୍ବୃତ୍ତ

କଣ୍ଟାବାଞ୍ଜି,୨୯।୮(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କ ଗୋଡ଼ କାଟି ଦେଇଛନ୍ତି। କଣ୍ଟାବାଞ୍ଜି ଥାନା ଡଙ୍ଗାମରା ଗାଁର ବଳଦେବ ବନଛୋର ଏହି ଆକ୍ରମଣର ଶିକାର ହୋଇଛନ୍ତି। ବଳଦେବ କୌଣସି କାମରେ ନିଜ ଗାଁ ଡଙ୍ଗାମରାରୁ କଣ୍ଟାବାଞ୍ଜି ଆସୁଥିଲେ। ଚଟୁଅନକା ନିକଟ ଅଟା ମିଲ୍ ପାଖରେ ପୂର୍ବରୁ ଛକି ରହିଥିବା ସେହି ଗାଁର ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଥିଲେ। ସେଠାରେ ପୂର୍ବ ଶତ୍ରୁତାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୁର୍ବୃତ୍ତମାନେ ହଠାତ୍ ବଳଦେବଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନେ ଏତେ ନୃଶଂସ ହୋଇଯାଇଥିଲେ ଯେ ତାଙ୍କ ଗୋଡ କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ରାସ୍ତା ଉପରେ ପଡି ରହିଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଏ ନେଇ କଣ୍ଟାବାଞ୍ଜି ପୁଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତା ହିଁ ଏହି ଆକ୍ରମଣର ମୁଖ୍ୟ କାରଣ ବୋଲି ପୁଲିସ ସନ୍ଦେହ କରୁଛି। ଅଭିଯୁକ୍ତମାନେ ଘଟଣା ପରେ ଫେରାର ହୋଇଯାଇଛନ୍ତି। ପୁଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଛି। ଏହି ଘଟଣା ପରେ ଡଙ୍ଗାମରା ଗାଁରେ ଉତ୍ତେଜନା ଦେଖା ଦେଇଛି।



**ରାଉରକେଲା ସର୍କିଟ୍ ହାଉସ୍ ଅସ୍ତ୍ରଶସ୍ତ୍ର ଜବତ ମାମଲା**

## ପ୍ରକାଶଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଲା ପୁଲିସ

ରାଉରକେଲା,୨୯।୮(ସମିସ): ରାଉରକେଲା ସର୍କିଟ୍ ହାଉସ୍‌ର ଏକ କୋଠରୀରୁ ବନ୍ଧୁକ ଓ ଗୁଳି ଜବତ ଘଟଣାରେ ଗିରଫ ନିଲମ୍ବିତ ବିଜେପି ଯୁବନେତା ପ୍ରକାଶ ପାଣ୍ଡାନ୍‌ଙ୍କୁ ୨ଦିନିଆ ରିମାଣ୍ଡରେ ନେଇଛି ରଘୁନାଥପାଲି ପୁଲଇସ। ଶନିବାର ପ୍ରକାଶଙ୍କୁ ଜେଲ୍‌ରୁ ଆଣି ସରକାରୀ ଡାକ୍ତରଖାନାକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଅଧିକ ପଚରାଉଚରା ପାଇଁ ରଘୁନାଥପାଲ୍ଲୀ ଥାନାକୁ ନିଆଯାଇଥିଲା। ପଚରାଉଚରା ପାଇଁ ନେବାବେଳେକ ପ୍ରକାଶ ଗଣମାଧ୍ୟମକୁ ଅଭିଯୋଗ କରି କହିଥିଲେ ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ଅସ୍ତ୍ରଶସ୍ତ୍ର ସହ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ପ୍ରକାଶଙ୍କର ସମ୍ପର୍କ, ସର୍କିଟ୍ ହାଉସ୍‌ରେ ସେମାନଙ୍କ ରହିବାର ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସ ପଚରାଉଚରା କରିବ। ମାମଲାରେ ଆଉକିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ପୁଲିସ ଖୋଳତାଡ଼ କରୁଥିବାବେଳେ ପ୍ରକାଶଙ୍କଠାରୁ ଏହାର ଗୁମର ଖୋଲିବ ବୋଲି ପୁଲିସ ଯୋଜନା କରିଛି। ଗିରଫ ଅନ୍ୟ ୧୧ ଅପରାଧିମାନଙ୍କ ସହ ପ୍ରକାଶଙ୍କ ନେଟୱାର୍କ କିପରି ଥିଲା, ବାଲି ଚୋରାଚାଲାଣ, ବନ୍ଧୁକ ଚୋରା କାରବାର, ତଥା ଅନ୍ୟାନ୍ୟ ଅନୈତିକ କାର୍ଯ୍ୟକଳାପର ମୋଡ୍‌ସ ଅପ୍ ଅପରେଟିଂ କିପରି ଥିଲା, ପ୍ରକାଶଙ୍କର ଭୂମିକା କ'ଣ ଥିଲା ଏବଂ ପୁରା କଳା କାରବାର ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ରହିଥିଲା କି ନାହିଁ ସେନେଇ ମଧ୍ୟ ପୁଲିସ ମଧ୍ୟ ପ୍ରକାଶଙ୍କୁ ପଚରାଉଚରା କରିପାରେ। ପ୍ରକାଶ ଯେ, ଗତ ଅଗଷ୍ଟ ୧୪ ଦିନ ରାଉରକେଲା ସର୍କିଟ୍ ହାଉସ୍‌ର ୧୦୭ ନମ୍ବର କୋଠରୀରୁ ପୁଲିସ ୨ଟି ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରି ୨ ଅପରାଧୀଙ୍କୁ ଗିରଫ କରିଥିଲା। ରୁମ୍ ଗୁଡ଼ିକ ପ୍ରକାଶ ବୁକ୍ କରିଥିବାବେଳେ ତଦନ୍ତବେଳେ ପୁଲିସ ଅଭିଯୁକ୍ତମାନଙ୍କ ମଧ୍ୟରେ ତାଙ୍କର ସମ୍ପର୍କ ଥିବା ଜାଣିବାକୁ ପାଇଥିଲା। ଏହାପରେ ପ୍ରକାଶ ଫେରାର ହୋଇଯାଇଥିବାବେଳେ ତାଙ୍କୁ ବିହାର ସମସ୍ତିପୁରରୁ ରାଉରକେଲା ପୁଲିସ ଗିରଫ କରି ଆଣିଥିଲା।

## ଦନ୍ତ ଚିକିତ୍ସକଙ୍କ ପାଇଁ ମାସିକ ୨୦ହଜାର ଟଙ୍କା ପ୍ରୋତ୍ସାହନ ଘୋଷଣା

ଭୁବନେଶ୍ୱର,୨୯।୮(ସମିସ):ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦ ହଜାରଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍‌ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ପୋଷ୍ଟଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବ।

## ୩ ବର୍ଷ ରହିବ +୨ ଇଣ୍ଟରନାଲ୍ ପରୀକ୍ଷାର ବୈଧତା

ଭୁବନେଶ୍ୱର, ୨୯।୮(ସମିସ): ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ଇଣ୍ଟରନାଲ୍ ପରୀକ୍ଷାକୁ ନେଇ ଲାଗି ରହିଥିବା ଦ୍ୱନ୍ଦକୁ ଦୂର କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଇଣ୍ଟରନାଲ୍ ପରୀକ୍ଷା ଫଳ ୩ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ଏହା ପରେ ପୁନଃ ଇଣ୍ଟରନାଲ୍ ପରୀକ୍ଷା ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ପରିଷଦର ଏକାଡେମିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି।

ଗତ ୧୪ ଅଗଷ୍ଟରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଆଲୋଚନା ହୋଇଛି। ୨୦୨୬ ବାର୍ଷିକ ପରୀକ୍ଷା ବେଳେ କିଛି ଏକ୍ସ-ରେଗୁଲାର୍ ପିଲାଙ୍କ ଇଣ୍ଟରନାଲ୍ ପରୀକ୍ଷାରେ ଅନୁପସ୍ଥିତ ଦର୍ଶାଯାଇଥିଲା। ଯାହାକୁ ନେଇ ଆଲୋଚନା ହେବା ପରେ ଇଣ୍ଟରନାଲ୍ ପରୀକ୍ଷାର ଅବଧି ୩ ବର୍ଷ ରହିବ ବୋଲି ନିଷ୍ପତ୍ତି ହୋଇଛି। ଯଦି ଜଣେ ପରୀକ୍ଷାର୍ଥୀ ପରୀକ୍ଷାରେ ଫେଲ୍ ହୁଅନ୍ତି ତାହାଲେ ତାହାର ୩ ବର୍ଷ ପର୍ଯ୍ୟନ୍ତ ଆଉ ଇଣ୍ଟରନାଲ୍ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ଏହି ସମୟ ଅବଧି ମଧ୍ୟରେ ପରୀକ୍ଷାର୍ଥୀ ଜଣକ ଯଦି ପାସ୍ କରି ନ ପାରନ୍ତି, ତାହେଲେ ପରବର୍ତ୍ତୀ ବର୍ଷ ଏକ୍ସ-ରେଗୁଲାର ପରୀକ୍ଷା ଦେବା ପୂର୍ବରୁ ଇଣ୍ଟରନାଲ୍ ପରୀକ୍ଷା ଦେବେ। ସେହିପରି, ଥିଓରୀ ପରୀକ୍ଷା ଦେଉଥିବା କୌଣସି ପରୀକ୍ଷାର୍ଥୀ ଯଦି ଇଣ୍ଟରନାଲ ବା ପ୍ରୋଜେକ୍ଟ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡ଼େ, ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକଙ୍କ ଅନୁମତି ନେଇ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କିମ୍ବା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ପରୀକ୍ଷା ସମୟରେ ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା କରିପାରିବେ। ୨୦୨୭ରେ ବାର୍ଷିକ ପରୀକ୍ଷା ଦେବାକୁ ଥିବା ରେଗୁଲାର ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀଙ୍କ ପାଇଁ ଏହା ଲାଗୁ ହେବ। ବୈଠକରେ ବିଭିନ୍ନ ବାହ୍ୟ ବୋର୍ଡ ଓ ସଂସ୍ଥାକୁ ସମକକ୍ଷତା ପ୍ରଦାନ ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଜାମିଆ ଉର୍ଦ୍ଦୁ ବୋର୍ଡ, ଆଲିଗଡ଼ର "ଆଦିବ-ଇ-ମାହିର' ସାର୍ଟିଫିକେଟକୁ ସିଏଚ୍‌ଏସ୍‌ର ଉଚ୍ଚ ମାଧ୍ୟମିକ ପରୀକ୍ଷା ସହ ସମକକ୍ଷ ଭାବେ ବିବେଚନା କରାଯିବ। ସେହିପରି ସିକିମର ମୁକ୍ତ ବିଦ୍ୟାଳୟ ଓ ଦକ୍ଷତା ଶିକ୍ଷା ବୋର୍ଡର ମାନବିକ ଓ ବାଣିଜ୍ୟ ବିଷୟକୁ ସମକକ୍ଷ ମାନ୍ୟତା ମିଳିଥିବାବେଳେ ପ୍ରାକ୍ଟିକାଲ ଥିବା ବିଜ୍ଞାନ ବିଷୟରେ ସମକକ୍ଷ ମାନ୍ୟତା ଦିଆଯାଇନାହିଁ।

# ସର୍ଭର୍ ଧିମା; ରାତି ୧୧ଟା ଯାଏ ଚାଲିଛି ପଞ୍ଜୀକରଣ

ସମ୍ବଲପୁର, ୨୯।୮ (ସମିସ) : ଚାଷୀଙ୍କ ପାଇଁ ସରକାରୀ ଯୋଜନା, କିନ୍ତୁ ସେହି ଯୋଜନାର ଲାଭ ପାଇବାକୁ ଚାଷୀ ଏବେ ହନ୍ତସନ୍ତ। ସର୍ଭରର ଧୀମା ଗତି ଏବଂ ଅତ୍ୟଧିକ ଭିଡ଼ ଯୋଗୁଁ ଶାସନ ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀ ପଞ୍ଜୀକରଣ ପାଇଁ ଦିନରାତି ଅପେକ୍ଷା କରୁଛନ୍ତି ଚାଷୀ। ଅନେକ ଚାଷୀ ଘଣ୍ଟା ଘଣ୍ଟା ଧରି ଭୋକିଲା ପେଟରେ ବସି ନିଜ ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିବା ଦୃଶ୍ୟ ସରକାରୀ ବ୍ୟବସ୍ଥାର ଅବ୍ୟବସ୍ଥାକୁ ପଦାରେ ପକାଇଛି। ଶାସନ, ବିଶାଳଖିଣ୍ଡା, କନଖିଣ୍ଡା ଏବଂ କିଲାସମା ପଞ୍ଚାୟତର ଅଧୀନ କିଛି ଅଞ୍ଚଳର ଚାଷୀ ଶାସନ ସମବାୟ ସମିତି ଅଧୀନରେ ପଞ୍ଜୀକରଣ କରୁଛନ୍ତି। ସରକାରଙ୍କ ପକ୍ଷରୁ ଏଠାରେ ୧୮୯୨ ଜଣ ଚାଷୀଙ୍କ ପଞ୍ଜୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଗଷ୍ଟ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ୩୧ ତାରିଖରେ ଏହା ଶେଷ ହେବ। କିନ୍ତୁ ସରକାରୀ ସର୍ଭର୍‌ର ଅତ୍ୟଧିକ ଧୀମା ଗତି ଏବଂ ଚାଷୀଙ୍କ ଅସମ୍ଭବ ଭିଡ଼ ଯୋଗୁଁ ପଞ୍ଜୀକରଣ ପ୍ରକ୍ରିୟା ପ୍ରଭାବିତ ହେଉଛି। ଚାଷୀଙ୍କ ଭିଡ଼ ସମ୍ଭାଳିବା ସହ ସର୍ଭର୍‌ର ଅସୁବିଧା ଦୂର କରିବା ପାଇଁ ସମବାୟ ସମିତିର କର୍ମଚାରୀ ସକାଳ ସାଢ଼େ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ନିର୍ଦ୍ଧାରିତ ଅଫିସ୍ ସମୟରେ କାମ ସାରି ଘରକୁ ଫେରିବା ବଦଳରେ କର୍ମଚାରୀ ରାତି ପର୍ଯ୍ୟନ୍ତ ଚାଷୀଙ୍କ ପଞ୍ଜୀକରଣ କରିବାରେ ବ୍ୟସ୍ତ। ଅନ୍ୟପଟେ ଦୂରଦୂରାନ୍ତରୁ ଆସିଥିବା ଚାଷୀ ନିଜ ପାଳି ଆସିବା ଅପେକ୍ଷାରେ ସମବାୟ କାର୍ଯ୍ୟାଳୟରେ ଘଣ୍ଟା ଘଣ୍ଟା ବସି ରହୁଛନ୍ତି। କେହି ଖାଇବାକୁ ସମୟ ପାଉନାହାନ୍ତି, କେହି ଘରକୁ ଫେରିପାରୁନାହାନ୍ତି। ଯେଉଁ ଚାଷୀ ଦେଶବାସୀଙ୍କୁ ଖାଦ୍ୟ ଯୋଗାଉଛି ସେହି ଚାଷୀଙ୍କୁ ନିଜ ଅଧିକାର ପାଇଁ ଏଭଳି ଭୋକ ଓ ଯନ୍ତ୍ରଣା ସହିବାକୁ ପଡୁଛି କାହିଁକି ବୋଲି ପ୍ରଶ୍ନ ଉଠୁଛି। ସରକାର ଯଦି ପଞ୍ଜୀକରଣର ଲକ୍ଷ୍ୟ ୧୮୯୨ ଧାର୍ଯ୍ୟ କରିଛନ୍ତି ତେବେ ମାତ୍ର ୨୫ ଦିନ ମଧ୍ୟରେ ଏତେ ସଂଖ୍ୟାର ଚାଷୀଙ୍କ ପଞ୍ଜୀକରଣ ପାଇଁ ସର୍ଭର, ମାନବ ସମ୍ବଳ ଓ ଆବଶ୍ୟକ ବ୍ୟବସ୍ଥା କାହିଁକି ସୁନିଶ୍ଚିତ କରାଯାଇନାହିଁ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢୁଛି। ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହି ଗତିରେ ୧୮୯୨ ଜଣ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ପ୍ରାୟ ଅସମ୍ଭବ ବୋଲି ସବୁ ମହଲରେ ଆଶଙ୍କା ପ୍ରକାଶ ପାଉଛି।



ADMISSION OPEN ADMISSION OPEN
NIGHTINGALE SCHOOL & COLLEGE OF NURSING
GROUP OF INSTITUTIONS
B.SC.(N)/ GNM
Kataka, Bhubaneswar
B.SC. NURSING (4 Years)
Elligibility: 10+2 PCB with OJEE Entrance
General : 50%
SC/ST/SCBC - 40%
GNM (3 Years)
Elligibility: 10th, +2 (Any stream)
Free Admission for SC/ST Candidates
- Innovative Learning Programme
- Sale & Supportive Community
- Holistic Character Development
- Modern Facilities & Technology
9078970907
9437480907
9937646464
Adhalia, DPS Road, Phulnakhara, Cuttack, Pin-754001

## ଗୋପୀନାଥଜୀଉ ମଠରେ ଝୁଲଣ ଯାତ୍ରା



ବରୁଆଁ,୨୯।୮ (ସମିସ): ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ଶ୍ରୀଶ୍ରୀଗୋପୀନାଥ ଜୀଉ ମଠ ଋଷିପୁର ଠାରେ ୩ ଦିନ ଧରି ମହାଆଡ଼ମ୍ବର ସହିତ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝୁଲଣ ମଣ୍ଡପରେ ସୁସଜ୍ଜିତ ବିମାନରେ ଗୋପୀନାଥଜୀଉ ରାଧାରାଣୀଙ୍କୁ ଭକ୍ତମାନେ ଝୁଲାଇଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଆଖ ପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଝୁଲଣ ମଣ୍ଡପରେ ରାଧା ଗୋପୀନାଥଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଭଜନ କୀର୍ତ୍ତନ ହେବା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି। ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ସମୂହ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ମଠର ମହାରାଜ ଅଧିକାରୀ ଶକ୍ତିନନ୍ଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବା ବେଳେ ପୂଜକ ଗୋପାଳ ଚନ୍ଦ୍ର ମିଶ୍ର ମଧ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନମୋହନ ସାହୁ, ପ୍ରଦୀପ କୁମାର ବିଶ୍ୱାଳ, ଜଗନ୍ନାଥ ସାହୁ, ବାବୁଲି ମହାରଣା, ଦୀନବନ୍ଧୁ ସାହୁ, ବିଜୟ କୁମାର ପଲ୍ଲାଇ, ମଦନ ମୋହନ ସାହୁ, ନାଥ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଚୌଧୁରୀ ଉଆସରେ ଝୁଲଣ ଯାତ୍ରା



ଯାଜପୁର,୨୯।୮ (ସମିସ): ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କଳସଡିହ ସ୍ଥିତ ଚୌଧୁରୀ ଉଆସରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଝୁଲାରେ ରଖାଯାଇ ପାରମ୍ପରିକ ରତିନିତି ଅନୁଯାୟୀ ଭୋଗ ଦୀପ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଝୁଲଣ ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କ ଭିଡ ହୋଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଥାନାରୁ ଫେରାର ଅଭିଯୁକ୍ତ ୧୪ ଦିନ ପରେ ଗିରଫ

ବିଞ୍ଝାରପୁର,୨୯।୮ (ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗଲୋ ଗ୍ରାମରେ ଘଟିଥିବା ଚୋରି ମାମଲାରେ ସନ୍ଦେହରେ ଥାନାକୁ ଅଣାଯାଇଥିବା ଟୁକୁନା ଦାସ ଗତ ୧୫ ତାରିଖ ଶନିବାର ଅପରାହ୍ନରେ କୌଶଳକ୍ରମେ ଥାନାରୁ ଚମ୍ପଟ ମାରିଥିଲା। ଅଭିଯୁକ୍ତ ଫେରାର ହେବା ପରେ ତାକୁ ଧରିବା ପାଇଁ ବିଞ୍ଝାରପୁର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସହ ଖୋଜାଖୋଜି ଜାରି ରହିଥିଲା। ଶେଷରେ ଶୁକ୍ରବାର ଅପରାହ୍ନରେ ପୁଲିସ ଟୁକୁନାକୁ ଧରିବାରେ ସକ୍ଷମ ହୋଇଥିଲା। ଶନିବାର ତାକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଥାନା ପରିସରରୁ ଅଭିଯୁକ୍ତ ଫେରାର ହୋଇଯିବା ଘଟଣାକୁ ନେଇ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା। ବିଞ୍ଝାରପୁର ଥାନାର ଏଏସ୍ଆଇ ରାଧାକାନ୍ତ ମାଝୀ ଓ କନଷ୍ଟେବଳ ସୁନିଲ କୁମାର କୁଲୁଙ୍କୁ ଯାଜପୁର ଏସ୍ପି ଯଶ ପ୍ରତାପ ଶ୍ରୀମଲ୍ ନିଲମ୍ବିତ କରିଥିଲେ।



## ତହସିଲ ପକ୍ଷରୁ ରାଜସ୍ୱ ଶିବିର ଅଦାଲତ

କବାଟବନ୍ଧ,୨୯।୮ (ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓଡ଼ିଶା ସରକାରଙ୍କ ତଥା ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏକ ରାଜସ୍ୱ ଶିବିର ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବଳରାମପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୧. ୩୦ ମିନିଟ ସମୟ ପର୍ଯ୍ୟନ୍ତ ଚାଲିଥିଲା। ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦୁଇ ଜଣ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଏବଂ ଶୁଭଲକ୍ଷ୍ମୀ ବାରିକ ଉଭୟ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ତଥା ଲୋକମାନଙ୍କୁ ରାଜସ୍ୱ କାର୍ଯ୍ୟାଳୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ଶିବିରରେ ବିଭାଗ ପକ୍ଷରୁ ବକେୟା ଓ ହାଲ ଆଦିର ରାଜସ୍ୱ ଆଦାୟ, ୨ ଖାନା ସଂଶୋଧନ ନିମନ୍ତେ ହିତାଧିକାରୀ ଚୟନ ଏବଂ ପଟ୍ଟା ବଣ୍ଟନ, ସମସ୍ତ ବିବିଧ ପ୍ରମାଣପତ୍ର ଓ ଅନୁମୋଦନ, ଦାଖଲ ଖାରଜ ମାମଲାର ତ୍ୱରିତ ବିଚାର ଓ ଫଇସଲା, ବିଭିନ୍ନ ରାଜସ୍ୱ ବିଚାରର ତ୍ୱରିତ ସମାଧାନ ଏବଂ ରାଜସ୍ୱ କାର୍ଯ୍ୟାଳୟ ସମ୍ପର୍କିତ ଅଭିଯୋଗ ଏବଂ ଦରଖାସ୍ତ ଗ୍ରହଣ ଆଦି କ୍ଷେତ୍ରରେ ଲୋକ ମାନଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ବଳରାମପୁର ରାଜସ୍ୱ ନିରୀକ୍ଷକ ମଧୁସୂଦନ ହାଇବ୍ରୁ ସୂଚନା ଦେଇଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ବଳରାମପୁର ରାଜସ୍ୱ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମର ଜନସାଧାରଣ ତଥା ହିତାଧିକାରୀ ମାନେ ପହଞ୍ଚି ଉକ୍ତ ସେବାର ସୁଯୋଗ ନେଇଥିଲେ।



## ମୃତ ସାମ୍ବାଦିକଙ୍କ ପରିବାର ବର୍ଗଙ୍କୁ ସମବେଦନା

ମଙ୍ଗଳପୁର,୨୯।୮ (ସମିସ): ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ପୂଜ୍ୟ ପିତୃଦେବ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଶ୍ରୀଧର ନାୟକ ୮୧ ବର୍ଷ ବୟସରେ ମଙ୍ଗଳବାର ଭୋର ୫. ୩୦ ଘଟିକା ସମୟରେ ଇହଲୀଳା ସମ୍ବରଣ କରିଛନ୍ତି। କିଛି ଦିନ ହେବ ସେ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସମଗ୍ର ଯାଜପୁରରେ ଶୋକର ଛାୟା ଖେଳିଯାଇଛି। ଏମିତି ଦୁଃଖଦ ସମୟରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଜୟପ୍ରକାଶ ନାୟକ, ସହସମ୍ପାଦକ ଆନନ୍ଦ ଚନ୍ଦ୍ର ବାରିକ, କୋଷାଧକ୍ଷ ରାକେଶ କୁମାର ସାହୁ, ସାମ୍ବାଦିକ ମନୋରଞ୍ଜନ ମଲ୍ଲିକ, ବିଜୟ ରାଉତ, ବିଶ୍ୱଜିତ ପଣ୍ଡା ପ୍ରମୁଖ ଶ୍ରୀଯୁକ୍ତ ନାୟକଙ୍କ ଯାଜପୁରସ୍ଥ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନିର୍ମାଣ ଓ ଅଣସଂଗଠିତ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ବ୍ୟାସନଗର,୨୯।୮ (ସମିସ):



ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଯାଜପୁର ପକ୍ଷରୁ ଯାଜପୁର ରୋଡ୍‌ସ୍ଥିତ ସଂସ୍କୃତି ଭବନଠାରେ ଜିଲ୍ଲାର ପଞ୍ଜିକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସହାୟତା ରାଶି ଏବଂ ପରିଚୟ ପତ୍ର ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଏହି ବୃହତ୍ ସମାରୋହରେ ଜିଲ୍ଲାର ମୋଟ ୫୪୩ ଜଣ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୧୮ ଲକ୍ଷ ଟଙ୍କାର ବିଭିନ୍ନ କଲ୍ୟାଣକାରୀ ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବା ସହ ନୂତନ ଶ୍ରମିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଏବଂ କୋରେଇର ବିଧାୟକ ଆକାଶ ଦାସନାୟକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟ ନାରାୟଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ମଧ ଉପସ୍ଥିତ ଥିଲେ। ସରକାରୀ ସହାୟତା ବାବଦକୁ ୩୫୨ ଜଣ ଶ୍ରମିକଙ୍କ ପିଲାମାନଙ୍କୁ ୪୦,୦୧,୮୦୦ ଟଙ୍କାର ଶିକ୍ଷା ସହାୟତା, ୯୧ ଜଣ ହିତାଧିକାରୀଙ୍କୁ ୪୪.୭୫ ଲକ୍ଷ ଟଙ୍କାର ବିବାହ ସହାୟତା, ୪ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୧.୩୦ କୋଟି ଟଙ୍କାର ମୃତ୍ୟୁକାଳୀନ ସହାୟତା, ୪୫ ଜଣଙ୍କୁ ୨.୨୫ ଲକ୍ଷ ଟଙ୍କାର ଅନ୍ତେଷ୍ଟିକ୍ରିୟା ଖର୍ଚ୍ଚ ଏବଂ ୧୧ ଜଣଙ୍କୁ ୧.୧୦ ଲକ୍ଷ ଟଙ୍କାର ପ୍ରସୂତିକାଳୀନ ସହାୟତା ପ୍ରଦାନ କରାଯାଇଥିଲା। ଶ୍ରମିକମାନଙ୍କ ଆବେଦନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା ପାଇଁ ସରକାରୀ ପୋର୍ଟାଲ୍ ଏବଂ 'ଓଡ଼ିଶା ଶ୍ରମିକ ସାଥୀ' ମୋବାଇଲ୍ ଆପ୍ ସମ୍ପର୍କରେ ଶ୍ରମିକମାନଙ୍କୁ ସଚେତନ କରାଯାଇଥିଲା। ଶ୍ରମିକମାନେ ନିଜେ କିମ୍ବା 'ମୋ ସେବା କେନ୍ଦ୍ର' ମାଧ୍ୟମରେ ଆବେଦନ କରିପାରିବେ। ଅଭିଯୋଗ ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୮୦୦-୩୪୫୬୭୦୩ ଉପଲବ୍ଧ ରହିଛି। ଏଥିସହିତ ୧୪ ବର୍ଷରୁ କମ୍ ଶିଶୁଙ୍କୁ କାମରେ ଲଗାଇବା ଦଣ୍ଡନୀୟ ଅପରାଧ (ଫାଇନ୍ ୫୦,୦୦୦ କିମ୍ବା ୨ ବର୍ଷ ଜେଲ୍) ବୋଲି ସତର୍କ କରାଯିବା ସହ ଶିଶୁ ଶ୍ରମିକ ନିରୋଧ ପାଇଁ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ ରେ ସୂଚନା ଦେବାକୁ ଶ୍ରମ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ସହକାରୀ ଶ୍ରମ ଅଧିକାରିଣୀ ସତ୍ୟରୂପା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶ୍ରମ ଅଧିକାରୀଣୀ ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ବ୍ରାହ୍ମଣୀରେ ଯୁବକ ନିଖୋଜ ଘଟଣା

## ଦୁଇ ଦିନ ପରେ ମଧ ମିଳିଲାନି ସନ୍ଧାନ

କବାଟବନ୍ଧ,୨୯।୮ (ସମିସ): ଶୁକ୍ରବାର ବ୍ରାହ୍ମଣୀ ନଦୀରେ ଗାଧୋଇବା ସମୟରେ ନିଖୋଜ ଯୁବକଙ୍କର କୌଣସି ସନ୍ଧାନ ମିଳିନାହିଁ। ପ୍ରଥମେ ଦିନ ଅର୍ଥାତ ନିଖୋଜ ଶୁକ୍ରବାର ଏବଂ ଶନିବାର ଦିନ ଲଗାତାର ଦୁଇ ଦିନ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର ପାଇଁ ଦୀର୍ଘ ସମୟ ଧରି ଅପରେସନ କରାଯାଇଥିଲେ ମଧ ନିଖୋଜ ଜେନାପୁର ଗ୍ରାମର ପ୍ରତାପ ଦଳାଇ(୨୧)ଙ୍କର କୌଣସି ସନ୍ଧାନ ନ ମିଳିବାରୁ ପରିବାର ଏବଂ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ପ୍ରଖର ସ୍ରୋତରେ ଦୂରକୁ ଭାସି ଯାଇଥିବା ମଧ ଅନୁମାନ କରାଯାଉଛି। ତେବେ ଦ୍ୱିତୀୟ ଦିନରେ ନିଖୋଜ ଯୁବକଙ୍କ ସନ୍ଧାନ ନ ମିଳିବାରୁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଜେନାପୁର ଦଳାଇସାହିର ବିଜୟ କୁମାର ଦଳାଇଙ୍କ ପୁଅ ପ୍ରତାପ ଦଳାଇ(୨୧) ସେହି ଗ୍ରାମର ଅନ୍ୟ ଦୁଇ ଜଣ ସାଙ୍ଗ ଶାନ୍ତନୁ ଏବଂ ସିଦ୍ଧାନ୍ତ ଦଳାଇଙ୍କ ସହିତ ଜେନାପୁର କଲେଜ ନିକଟରେ ଥିବା ଜେନାପୁର- ଯାବରା ସେତୁ ନିକଟରେ ବ୍ରାହ୍ମଣୀ ନଦୀ ରେ ଗାଧୋଇବା ସମୟରେ ଅସାବଧାନତା କାରଣରୁ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଶାନ୍ତନୁ ଏବଂ ସିଦ୍ଧାନ୍ତଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ମାତ୍ର ପ୍ରତାପର କୌଣସି ସନ୍ଧାନ ମିଳି ନ ଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ଖୋଜା ଖୋଜି କରିଥିଲେ ମଧ ପ୍ରଥମ ଦିନରେ ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇ ନ ଥିଲା। ପୁନର୍ବାର ପରଦିନ ସକାଳ ପ୍ରାୟ ୭ . ୩୦ ମିନିଟରୁ ଚଢ଼େଇଧରା ଅଗ୍ନିଶମ କର୍ମଚାରୀ କରୁଣାକର ମଲ୍ଲିକ, କୃପାସିନ୍ଧୁ ସ୍ୱାଇଁ, ବିନୋଦ ପାତ୍ର, ମୀନକେତନ ସାମଲ, ଜିତୁରଞ୍ଜନ ପରିଡା ଓ ସୁମନ୍ତ ଦାଶ ପ୍ରମୁଖ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ ପ୍ରତାପର କୌଣସି ସନ୍ଧାନ ପାଇ ନ ଥିଲେ। ଭାସି ଯାଇ ଉଦ୍ଧାର ହୋଇଥିବା ଶାନ୍ତନୁ ଏବଂ ସିଦ୍ଧାନ୍ତ ସୁସ୍ଥ ଥିବା ବେଳେ ନିଖୋଜ ପୁଅ ପ୍ରତାପର ସନ୍ଧାନ ନ ମିଳିବାରୁ ପରିବାର ଲୋକେ ବହୁ ଚିନ୍ତାରେ ରହିଛନ୍ତି।

## ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ




ବଡଚଣା,୨୯।୮ (ସମିସ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ନବମାଳତୀ ପ୍ରେକ୍ଷାଳୟ ଠାରେ ବଡ଼ଚଣା ବ୍ଲକ୍‌ସ୍ତରୀୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଏକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡଚଣା ବ୍ଲକ୍ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇଥିଲେ। ବଡଚଣା ରେ ଶିକ୍ଷାର ବିକାଶ ପାଇଁ ପର୍ଯ୍ୟାୟ କ୍ରମେ ଭିତ୍ତିଭୂମିକୁ ସୁଦୃଢ କରାଯିବ ବୋଲି କହିବା ସହିତ ଛାତ୍ରଛାତ୍ରୀ ବଡ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସହକାରୀ ଶିକ୍ଷା ଅଧିକାରିଣୀ ସବିତା ସାହୁ, ଆଲୋକ ଗନ୍ଧ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡଚଣା ବ୍ଲକ୍ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ, ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟବ୍ରତ ମହାନ୍ତି, ବଡଚଣା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ପୃଷ୍ଟି, ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର କୁମାର ରାଉତ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ବଡଚଣା ବ୍ଲକ୍ ଅଧକ୍ଷା ଙ୍କ ପ୍ରତିନିଧି ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ୍ ଉପାଧ୍ୟକ୍ଷ ବିଭାଶ ଚନ୍ଦ୍ର ନନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ବଡଚଣା ବ୍ଲକ୍ ଓଷ୍ଟା ର ସମ୍ପାଦକ ସତ୍ୟବାଦୀ ପଣ୍ଡା, ସ୍ମୃତିରଂଜନ ଆଚାର୍ଯ୍ୟ, ଶ୍ରଦ୍ଧାଞ୍ଜଳୀ ଦାସ, ପ୍ରିୟତମା ଜେନା ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ଯୋଗ ଦେଇ ଥିଲେ।

## ବନ୍ୟାଞ୍ଚଳରେ ରନ୍ଧାଖାଦ୍ୟ ବଣ୍ଟନ

ଦଶରଥପୁର,୨୯।୮ (ସମିସ): ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବନ୍ୟା ପୀଡ଼ିତଙ୍କୁ ସମାଜସେବୀ ସରୋଜ ବିଶ୍ୱାଳ, ଦୀପକ ଦାସ, ସତ୍ୟସାରଥୀ ଦାସ ରନ୍ଧାଖାଦ୍ୟ ଓ ପିଇବା ପାଣି ବାଣ୍ଟିଥିଲେ। ଜୟନ୍ତରା, ତରପଦା, କସପା ଆଦି ପଞ୍ଚାୟତର ଶତାଧିକ ବନ୍ୟା ପୀଡିତଙ୍କ ନିକଟରେ ପହଞ୍ଚି ସେମାନଙ୍କର ପରିସ୍ଥିତି ପଚାରି ବୁଝିବା ସହ ରନ୍ଧାଖାଦ୍ୟ ଓ ପିଇବା ପାଣି ପ୍ରଦାନ କରିଥିଲେ। ଏହା ସହ ଜୟନ୍ତରା ସ୍କୁଲ, ବୈତରଣୀ ନଦୀ ବନ୍ଧ ଉପରେ ପାଲକୁଡ଼ିଆରେ ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଥିବା ପୀଡିତାଙ୍କୁ ଭେଟି ରନ୍ଧା ଓ ଶୁଖିଲା ଖାଦ୍ୟ ଦେଇଥିଲେ। ସେମିତି ଓଡ୍ରାଫ ଟିମ ସାହାଯ୍ୟରେ ବୋଟ ଯୋଗେ ପାଣିଘେରରେ ଥିବା ତରପଦା ଗ୍ରାମରେ ପହଞ୍ଚି ଖାଦ୍ୟ ଓ ପାଣି ବାଣ୍ଟିଥିଲେ। ଏହି ସେବାରେ ଅମୃତ ଦାସ, ରାହୁଲ ଦାସ, ବଳିଆ ଦାସ, ନିର୍ମଳ ଦାସ, ଆଶିଷ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ମରଣଯନ୍ତା ପାଲଟିଛି ମାନପୁର ଓଭର ବ୍ରିଜ**

## ଦୁର୍ଘଟଣାରେ ମହିଳା ଠିକା ଶ୍ରମିକଙ୍କ ମୃତ୍ୟୁ

ଦାନଗଦି,୨୯।୮ (ସମିସ): ଚୋରଦା - ଡୁବୁରୀ ରାସ୍ତା ମାନପୁର ଓଭରବ୍ରିଜ ଉପରେ ଆଜି ଜଣେ ମହିଳା ଠିକା ଶ୍ରମିକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଚନ୍ଦ୍ରିକା ମହାନ୍ତ (୨୯) ଓ ତାଙ୍କ ଘର କେନ୍ଦୁଝର ଜିଲ୍ଲାରେ ହୋଇଥିବା ବେଳେ ସେ ଦାନଗଦିର ଶୋଲେଇ ଗାଁରେ ଭଡାଘରେ ରହୁଥିଲେ। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ତେବେ ମୃତ ଚନ୍ଦ୍ରିକା ନିକଟସ୍ଥ ଜିନ୍ଦଲ କାରଖାନାରେ ଏକ ଠିକାସଂସ୍ଥା ଅଧୀନରେ ଶ୍ରମିକ ଭାବେ କାମ କରନ୍ତି। ଆଜି ସକାଳୁ ସେ ନିଜ ସ୍କୁଟିରେ ଡ୍ୟୁଟିକୁ ଯାଉଥିବାବେଳେ ମାନପୁର ବ୍ରିଜ ଉପରେ ହଟାତ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା ଯାହାଫଳରେ ଚନ୍ଦ୍ରିକା ସ୍କୁଟି ସହ ତଳେ ପଡିଯାଇଥିଲେ ସେହି ସମୟରେ ପଛପଟୁ ଆସୁଥିବା ଏକ ବସ ର ପଛଚକା ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଯାହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପର ପକ୍ଷେ ଦୁର୍ଘଟଣା ଘଟାଇଥିବା ବସ ଓ ସ୍କୁଟି ଗାଡ଼ିକୁ ପୁଲିସ ଜବତ କରିଛି। ଏହି ରାସ୍ତା ରେ ଦୈନନ୍ଦିନ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ସବୁ ଘଟି ଚାଲିଥିବା ବେଳେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେମାନେ ଦାବି କରିଛନ୍ତି।

## ଅଭିଯୋଗ ପରେ ତତ୍ପରତା ପ୍ରକାଶ କଲା ତହସିଲ ପ୍ରଶାସନ

ବରୀ,୨୯।୮ (ସମିସ): ଲଗାଣ ବର୍ଷା ଯୋଗୁ ବରୀ ଅଞ୍ଚଳକୁ ଦୁଇ ଦୁଇ ଥର ବନ୍ୟା ଆସିବା ଦ୍ୱାରା ଏହି ବ୍ଲକର ସମସ୍ତ ୨୯ ଗୋଟି ପଞ୍ଚାୟତର ଲୋକମାନେ ପ୍ରଭାବିତ ହୋଇଥିଲେ। ମାତ୍ର ପ୍ରଶାସନ ତରଫରୁ ବନ୍ୟା ପ୍ରଭାବିତ ପଞ୍ଚାୟତର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ଯୋଗାଇ ଦିଆଯାଇଥିବା ବେଳେ ଅଙ୍ଗାଲୋ ଓ ମଧୁସୂଦନପୁର ପଞ୍ଚାୟତର ବନ୍ୟା ଦ୍ୱାରା ପ୍ରଭାବିତ ଲୋକ ପଲିଥିନ ପାଇବାରେ ବଞ୍ଚିତ ହୋଇଥିଲେ। ଏହି ୨ଗୋଟି ପଞ୍ଚାୟତର ବଞ୍ଚିତ ହୋଇଥିବା ଲୋକମାନଙ୍କ ଅଭିଯୋଗ କ୍ରମେ ବରୀ ତହସିଲଦାର ଦିପ୍ତିମୟୀ ବେହେରା ଅଭିଯୋଗକୁ ଭିତ୍ତି କରି ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମ ପରିଦର୍ଶନ କରିବା ସହିତ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। ଏତଦ ବ୍ୟତୀତ ଏହି ୨ଗୋଟି ପଞ୍ଚାୟତର ରାଜସ୍ୱ ଗ୍ରାମ ଗୁଡିକ ବନ୍ୟା ଦ୍ୱାରା ଅଧିକ ପ୍ରଭାବିତ ହୋଇଥିବାରୁ ସରକାରୀ ନିୟମ ମୁତାବକ କ୍ଷତି ଗ୍ରସ୍ତ ହୋଇଥିବା କ୍ଷତି ପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷ କରି ଏହି ୨ ଗୋଟି ପଞ୍ଚାୟତ ଭୌଗୋଳିକ ଦୃଷ୍ଟି କୋଣରୁ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ବରୀ ତହସିଲଦାର ଶ୍ରୀମତୀ ବେହେରା ଘଟଣା ସ୍ଥଳ ପରିଦର୍ଶନ କରି ବାସ୍ତବତାକୁ ଅନୁଭବ କରିଥିଲେ।



# ରିଲିଫ ବଣ୍ଟନକୁ ନେଇ ବରୀ କଂଗ୍ରେସରେ ବିଦ୍ରୋହ

ବରୀ,୨୯।୮ (ସମିସ):

ଚଳିତ ବନ୍ୟା ବରୀ ବ୍ଲକକୁ ଯଥେଷ୍ଟ ପ୍ରଭାବିତ କରିଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଏହି ଅଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ଆସିଥିଲା। କିନ୍ତୁ ଦାୟିତ୍ୱରେ ଥିବା ଦଳୀୟ କର୍ମକର୍ତ୍ତା ମାନେ ଏହି ରିଲିଫ୍ ସାମଗ୍ରୀକୁ ସୁଚାରୁ ରୂପେ ବଣ୍ଟନ କରିନଥିବାର ଅଭିଯୋଗ ଆସିଛି। ଆଜି ଏହି ମର୍ମରେ ସ୍ଥାନୀୟ କଳାମାଟିଆ ଠାରେ ପୂର୍ବତନ କଂଗ୍ରେସ ନେତ୍ରୀ କଳ୍ପନା ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସମୀର ନାୟକ, ଯୁବ ନେତା ଅପୂର୍ବ ସାମଲ, ରମେଶ ଚନ୍ଦ୍ର ଜେନା, ରାଖାଲ ମଲିକ, ରାମଚନ୍ଦ୍ର ମଲିକଙ୍କ ସମେତ ଶତାଧିକ କର୍ମୀ ଦଳର ବିଭିନ୍ନ ପଦପଦବୀ ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଷୋଦଗାର କରିଛନ୍ତି। ବିଶେଷ କରି ଯେଉଁ ମାନେ କଂଗ୍ରେସ ଦଳ ସହିତ ପୂର୍ବରୁ କିମ୍ବା ବର୍ତ୍ତମାନ ସାମିଲ ନାହାନ୍ତି ସେମାନଙ୍କ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଆଗାମୀ ଦିନରେ ବରୀ କଂଗ୍ରେସ ପାଇଁ କ୍ଷତିକାରକ ହେବ ବୋଲି ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ପ୍ରକାଶ ଥାଉକି ବନ୍ୟା ସମୟରେ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ସମୀର ନାୟକ ଓ ୨୦୧୭ ମସିହାରେ ୨୪ ନମ୍ବର ଜିଲ୍ଲାପରିଷଦ ଜୋନରୁ କଂଗ୍ରେସ ଦଳ ପକ୍ଷରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିବା କଳ୍ପନା ପଣ୍ଡାଙ୍କୁ ନିଲମ୍ବନ କରାଯିବା ଘଟଣା ନେଇ ବରୀ କଂଗ୍ରେସରେ ବିଦ୍ରୋହ ଦେଖା ଦେଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ବରୀ ବ୍ଲକର କଂଗ୍ରେସ ଦଳର କର୍ମୀମାନଙ୍କୁ ବିଶ୍ୱାସକୁ ନ ନେଇ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର କର୍ମକର୍ତ୍ତାଙ୍କ ପ୍ରରୋଚନାରେ କାର୍ଯ୍ୟ କରିବା ବରୀ କଂଗ୍ରେସକୁ କ୍ଷତି ପହଞ୍ଚାଇବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା କର୍ମୀ ମାନେ ମତ ରଖିଛନ୍ତି। ବରୀ ବ୍ଲକରେ କଂଗ୍ରେସ ଦଳର ସାଂଗଠାନିକ ଦକ୍ଷତା ଅଭାବରୁ ପୁରୁଖା କର୍ମୀ ମାନେ ଦଳ ଠାରୁ ଦୂରେଇ ଯାଉଥିବା ବେଳେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଓ ନାରୀନେତ୍ରୀଙ୍କ ବୟାନ ଆଗାମୀ ଦିନରେ ଦଳ ପାଇଁ କ୍ଷତିକାରକ ହେବ ବୋଲି ରାଜନୈତିକ ପଣ୍ଡିତ ମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରୀ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ଛାମୁଆ କର୍ମୀ ମାନଙ୍କ ସହିତ ଶତାଧିକ କଂଗ୍ରେସ ସମର୍ଥିତ ମହିଳା ମାନେ ଉପସ୍ଥିତ ଥିଲେ।



## ନିଶା ନିବାରଣ ପାଇଁ ଶପଥ ପାଠ



ଦାନଗଦି,୨୯।୮ (ସମିସ): ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟରେ ଟମକା ଥାନା ଆନୁକୂଲ୍ୟରେ ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟମକା ଥାନା ଏଏସଆଇ ଦୀପ୍ତିଶେଖର ଦାସ, କନଷ୍ଟେବଲ ସୀତାରାମ ବେହେରା, ବାସନ୍ତୀ ସାମାଡ, ମଳୟ ପ୍ରଧାନ, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଶ୍ରୀମନ୍ତ ନାୟକ ପ୍ରମୁଖ ଯୋଗଦେଇ ନିଶାର କୁପରିଣାମ ସମ୍ପର୍କରେ ବିଶଦ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ଏଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଟମକା ଥାନାର ଏଏସ୍ଆଇ ନିଶା ନିବାରଣ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀମାନେ ଯୋଗଦେଇ ଶପଥ ପାଠରେ ଅଂଶଗ୍ରହଣ କରିଥିଲେ।

# କୁଜିବର ବାଲିଘାଟ ଉପରେ ଚଢ଼ଉ



ସକାଳ ପ୍ରଭାବ

ଯାଜପୁର,୨୯।୮ (ସମିସ): ଯାଜପୁର ଜିଲ୍ଲାରେ ଏବେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ବେଆଇନ ବାଲି ଘାଟ ଖୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତି ବିପଦସୃଷ୍ଟି କରୁଛନ୍ତି ବାଲି ମାଫିଆ। ବର୍ଷା ଦିନେ କୌଣସି ନଦୀଶଯ୍ୟାରୁ ବାଲି ଉତ୍ତୋଳନ ପାଇଁ ଅନୁମତି ନଥିବା ବେଳେ ସଂପୁର୍ଣ୍ଣ ବେଆଇନ ଭାବେ ଭରା ନଦୀରୁ ବାଲି ଛାଣି ଚୋରା ଚାଲାଣ କରି ମୁନାଫା କମାଉଛନ୍ତି ମାଫିଆ। ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଆଜି କାର୍ଯ୍ୟାନୁଷ୍ଠାନ ସ୍ୱରୁପ ସେଠାରେ ଚଢ଼ଉ କରାଯାଇଛି। ସୂଚନା ମୁତାବକ ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡା ପଞ୍ଚାୟତ ଓ ଖରସ୍ରୋତା ନଦୀ କୂଳରେ ଥିବା କୁଜିବର ଗ୍ରାମରେ ଥିବା ବାଲି ଘାଟରେ ଏଭଳି ବେଆଇନ ବାଲି ଚାଲାଣ ଜାରିରହିଛି। ସରକାର ପରିବର୍ତ୍ତନ ପରେ କୁଜିବର ଠାରେ ନୂତନ କରି ଏକ ବାଲିଘାଟ ନିର୍ମାଣ କରାଗଲା। ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କା ଟିକସ ଫାଙ୍କି ପ୍ରଶାସନକୁ ହାତକରି ଦୀର୍ଘ ଦିନ ଧରି ବାଲି ଚୋରା ଚାଲାଣ କରାଯାଉଛି। ସ୍ଥାନୀୟ ଲୋକେ ବହୁବାର ପ୍ରଶାସନକୁ ଏହି ବେଆଇନ ବାଲି ଘାଟ କୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ ମଧ ପ୍ରଶାସନ ତରଫରୁ କୌଣସି ଦିନ ଏହି ବେଆଇନ ବାଲି ଘାଟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗତ ୨୪ ତାରିଖରେ "ସକାଳ'ରେ ଏହି ବେଆଇନ ବାଲିଘାଟ ଉପରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ଆଜି ଚଢ଼ଉ କରାଯାଇଛି।

ଆଜି ବେଆଇନ କୁଜିବର ବାଲିଘାଟ ଉପରେ ଦିନ ୧୨.୩୦ରେ ପ୍ରଶାସନ ତରଫରୁ ଅଚାନକ ଚଢ଼ଉ କରାଯାଇଥିଲା। ଗତକାଲି ଲଘୁ ଖଣିଜ ବିଭାଗର ଅଧିକାରୀ ବାଲିଘାଟକୁ ଚଢ଼ଉ ପାଇଁ ଆସିଥିବା ବେଳେ ନିର୍ଦ୍ଦିଷ୍ଟ ସ୍ଥାନରେ ନପହଞ୍ଚି ପାରି ଫେରିଯାଇଥିଲେ। ଏହି ଖବର ପାଇ ବାଲି ମାଫିଆ ନଦୀରୁ ଉଠାଉଥିବା ଡଙ୍ଗା ମେସିନକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲେ। ପରେ ବାଲି ଚୋରାଚାଲାଣ ପାଇଁ ଡଙ୍ଗା ମେସିନକୁ ଆଣି ବାଲି ଉଠାଇଥିଲେ। ଆଜି ଚଢ଼ଉର ମାତ୍ର ଅଳ୍ପ କିଛି ସମୟ ପୂର୍ବରୁ ମାଫିଆ ଖବର ପାଇଥିଲେ ମଧ ଲୋଡ ଦେଉଥିବା ହିଟାଜି ମେସିନ୍ ଓ ହାଇୱା ଗାଡିକୁ ଅନ୍ୟ ସ୍ଥାନକୁ ନେଇଯାଇଥିଲେ। ମାତ୍ର ସମୟ ଅଭାବରୁ ବାଲି ମାଫିଆ ମାନେ ନଦୀରୁ ଉଠାଉ ଥିବା ଡଙ୍ଗା ମେସିନକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିନଥିଲେ। ଯାହାଫଳରେ ଲଘୁ ଖଣିଜ ବିଭାଗର ଅଧିକାରୀ, ରସୁଲପୁର ତହସିଲଦାର, କୁଆଖିଆ ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଚଢ଼ଉ କରି କୁଜିବର ବାଲିଘାଟରେ ବ୍ୟବହୃତ ଡଙ୍ଗା ମେସିନକୁ ଜବତ କରାଯାଇଛି। ପ୍ରତିଦିନ ନଦୀରୁ ଉଠିଥିବା ବାଲିକୁ ଏକ ବଡ଼ ହିଟାଜି ମେସିନ ସାହାଯ୍ୟରେ ହାଇୱା ଗାଡିକୁ ଲୋଡ ଦେଇଥାଏ। ଆଜି କୌଣସି ସୂତ୍ରରୁ ଖବର ପାଇ ସେହି ମେସିନଟିକୁ ଲୋଡ ଦେଉଥିବା ସ୍ଥାନରୁ ଅଳ୍ପ କିଛି ଦୂରକୁ ନେଇଯାଇଥିଲେ ମଧ ଏହା ଉପରେ ପ୍ରଶାସନର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହ। ଏ ବାବଦରେ ରସୁଲପୁର

## ବାଲି ଉଠା ଡଙ୍ଗା ମେସିନ ଜବତ

ତହସିଲଦାରଙ୍କୁ ପଚାରିବାରୁ ହିଟାଜି ମେସିନଟି ଏକ ନିଜସ୍ୱ ଜାଗାରେ ଥିବାରୁ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିଲାନାହିଁ। ବେଆଇନ ଭାବେ କୁଜିବର ବାଲିଘାଟରୁ ଉଠାଯାଇଥିବା ଡଙ୍ଗା ମେସିନଟି ସରକାର ତରଫରୁ ସୀକୃତିପ୍ରାପ୍ତ ନଥାଇ ବାଲି ଉଠୁଛି। ତେବେ ମିଳିଥିବା ଶେଷ ସୂଚନା ଅନୁସାରେ, ପ୍ରଶାସନ ପକ୍ଷରୁ ଜବତ କରିବା ପରେ ପୁନର୍ବାର ଡଙ୍ଗା ମେସିନକୁ ଠିକ କରି ବାଲି ଉଠାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଠି ପ୍ରଶ୍ନ ଉଠିଛି ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ଡଙ୍ଗା ମେସିନ କିପରି ଓ କାହା ସାହାଯ୍ୟରେ ପୁନର୍ବାର ବାଲି ଚୋରି ପାଇଁ ବ୍ୟବହୃତ କରାଗଲା।

## ଅବସରପ୍ରାପ୍ତ ସୈନିକ କୈଳାଶ କବିଙ୍କ ସ୍ମୃତିସଭା

ଦଶରଥପୁର,୨୯।୮ (ସମିସ): ଦଶରଥପୁର ବ୍ଲକ ଦଶରଥପୁର ପଞ୍ଚାୟତର କବିସାହିର ଅବସରପ୍ରାପ୍ତ ଦିବଂଗତ ସୈନିକ କୈଳାଶ ଚନ୍ଦ୍ର କବିଙ୍କ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ସରୋଜ ମହାପାତ୍ର, ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ମହେଶ୍ୱର ସାହୁ, ଅବସରପ୍ରାପ୍ତ ସୈନିକ ସଙ୍ଘ ସଭାପତି ଶ୍ରୀକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦିବଂଗତ କୈଳାଶ ଚନ୍ଦ୍ର କବିଙ୍କ ବ୍ୟକ୍ତିତ୍ୱ ଓ ଜୀବନୀକୁ ନେଇ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁନା ସାହୁ, ପ୍ରଫୁଲ୍ଲ ରାଉତ, ସୟେଦ ବଫାତୁଲା, ଦିପକ ବେହେରା, ଅଜୟ ମହାନ୍ତି, ପୀତାମ୍ବର ଦାସ, ଆଶୁତୋଷ ପାଣିଗ୍ରାହୀ,ସୁଦର୍ଶନ ସେନାପତି, ଧନେଶ୍ୱର ବାରିକ୍, ଅଞ୍ଜନେୟ ରାୟ, ଅମିତ ଦାସ, ଫକିର ସେନାପତି, ଅନିଲ କୁମାର ରାୟ, ଭାସ୍କର ଚନ୍ଦ୍ର ପଣ୍ଡା, ଶ୍ରୀଧର ତ୍ରିପାଠୀ, ଗଗନ ବିହାରୀ ଗୋଛାୟତ, ବିନୋଦ ବିହାରୀ ସେଠୀ, ମଦନ ରଣା, ସୁରେନ୍ଦ୍ର ସୁତାର, ନିରଞ୍ଜନ ଦାସ୍, ରମାକାନ୍ତ ବିଶ୍ୱାଳଙ୍କ ସମେତ ବହୁ ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ।

## ରାଧାରାହାସ ବିହାରୀଜୀଉଙ୍କ ଝୁଲଣ ଯାତ୍ରା



ଧର୍ମଶାଳା,୨୯।୮ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ରାଧାରାହାସ ବିହାରୀଜୀଉଙ୍କ ଝୁଲଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ୨୨ ଅଗଷ୍ଟରୁ ଠାକୁରଙ୍କ ଝୁଲଣ ଯାତ୍ରା ଅରମ୍ଭ ହୋଇ ୨୮ ଅଗଷ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ଇଷ୍ଟଦେବଙ୍କ ଏହି ଝୁଲଣ ପର୍ବ ବହୁପୁରାତନ ଓ ଚିତାକର୍ଷକ ଅଟେ। ସାତଦିନ ଧରି ଚାଲିଥିବା ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ମୁର୍ତ୍ତୀକୁ ସୁସଜିତ ଏକ ସ୍ୱତନ୍ତ୍ର ଦୋଳିରେ ବସାଇ ଝୁଲାଯାଇଥାଏ। ଏହି ଅବସରରେ ପ୍ରତ୍ୟେକ ସାନ୍ଧ୍ୟାରେ ଭଜନ କୀର୍ତ୍ତନମାନ କରାଯାଇଥାଏ। ଗ୍ରାମର ଉଦୟମାନ ଯୁବକମାନେ ମହାପ୍ରଭୁଙ୍କ ମନ୍ଦିର ଓ ମଣ୍ଡପକୁ ରଙ୍ଗିନ ଆଲୋକମାଳା ଓ ଫୁଲରେ ସଜାଇଥିଲେ। ଫଳରେ ସାତଦିନ ବ୍ୟାପି ଗ୍ରାମରେ ଏକପ୍ରକାର ଭକ୍ତିମୟ ପରିବେଷ ସୃଷ୍ଟି ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ଭଜନ ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ କୃପାଲାଭ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ।

## ଦେଶୀ ମଦ ଜବତ

ବ୍ରହ୍ମବରଦା,୨୯।୮ (ସମିସ): ବ୍ରହ୍ମବରଦା ଥାନା ଅଧୀନ ଝାଲପଡ଼ା ଗ୍ରାମରେ ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କ ନିକଟରୁ ୪ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଝାଲପଡ଼ା ଗ୍ରାମର ପ୍ରସାନ୍ତ ବେହେରା (୪୦)ଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗତକାଲି ରାତିରେ ବ୍ରହ୍ମବରଦା ଥାନା ଏଏସ୍ଆଇ ଲକ୍ଷ୍ମୀଧର ରାଜଙ୍କ ନେତୃତ୍ୱରେ ପୁଲିସ ଟିମ୍ ଝାଲପଡ଼ା ଓ କାକୁଡ଼ିକୁଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଝାଲପଡ଼ା ଗ୍ରାମରେ ପ୍ରସାନ୍ତ ନିଜ ଘର ପଛପଟେ ବେଆଇନ ଭାବେ ମଦ ବିକ୍ରି କରୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ସେଠାରେ ପହଞ୍ଚି ଯାଞ୍ଚ କରିବା ସମୟରେ ପ୍ରସାନ୍ତଙ୍କ ନିକଟରୁ ଏକ ପ୍ଲାଷ୍ଟିକ୍ ବ୍ୟାଗ ଥିବା ଆସ୍କା-୪୦ ୨୦ଟି ବୋତଲ ଜବତ କରିଥିଲା। ଏହି ମଦ ବିକ୍ରି ପାଇଁ ପ୍ରସନ୍ନଙ୍କ ନିକଟରେ କୌଣସି ବୈଧ ଦସ୍ତାବିଜ ନଥିବା ବେଳେ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ତାଲିକା ପ୍ରସ୍ତୁତ କରାଯାଇ ୧୬୬/୨୬ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଜବର ଦଖଲକାରୀଙ୍କୁ ନୋଟିସ

ପାଣିକୋଇଲି,୨୯।୮ (ସମିସ): ଦିନକୁ ଦିନ ପାଣିକୋଇଲିର ଟ୍ରାଫିକ ସମସ୍ୟା ଗୁରୁତର ହେବାରୁ ଲକ୍ଷ୍ୟ କରି କୋରେଇ ବିଧାୟକ ସମେତ ଜିଲ୍ଲାପାଳ, ରାଜପଥ ବିଭାଗ ଓ ପୂର୍ତ୍ତବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରାଯାଇଥିଲା। ସରକାରୀ ଜମି ମାପ କରାଯାଇ ଚିହ୍ନଟ କରାଯିବା ସହ ବେଆଇନ ଦଖଲକାରୀକୁ ଉଠିଯିବାକୁ କୁହାଯାଇଥିଲା। ହେଲେ ରାଜସ୍ୱ ବିଭାଗ ମାତ୍ର ଦୁଇଟି ଘର ଭାଙ୍ଗିଥିଲା। ହେଲେ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଆଜି ରାଜପଥ ବିଭାଗ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ଜାରି କରାଯାଇଛି। ୭ଦିନ ମଧ୍ୟରେ ଜବରଦଖଲ ହଟାନଗଲେ ବିଭାଗ ପକ୍ଷରୁ ଏହାକୁ ଉଚ୍ଛେଦ କରାଯିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି।

## ହାଇୱା ସହ ଜେସିବି ଜବତ

ପାଣିକୋଇଲି,୨୯।୮ (ସମିସ): ପାଣିକୋଇଲି ପୁଲିସ ଗଚ୍ଛିତ ବାଲିରୁ ଚୋରା ଚାଲାଣ କରାଯିବାର ଖବର ପାଇ ଚଢ଼ଉ କରିଥିଲା। ଜାତୀୟ ରାଜପଥରୁ ରୁମାପଶି ଯାଇଥିବା ରାସ୍ତାର ବଜରପଡା ମୌଜାରୁ ଚୋରା ଚାଲାଣ କରାଯାଉଥିଲା। ପୁଲିସ ଘଟଣାସ୍ଥଳେ ପହଞ୍ଚି ଲୋଡ କରୁଥିବା ଜେସିବି ଓ ହାଇୱା (ଓଡି ୦୧ଏପି୭ ୭୦୭) କୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଏହି ଚଢ଼ଉ ନିୟମିତ ଭାବେ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ଚୋରା କାର୍ ଜବତ

ପାଣିକୋଇଲି,୨୯।୮ (ସମିସ): ପାଣିକୋଇଲି ପୁଲିସ ଏକ ଚୋରା କାର୍ ଜବତ କରିବାରେ ସକ୍ଷମ ହୋଇଛି। ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ରାଧାନଗର ପାଟଣା ଗ୍ରାମରୁ ପାଣିକୋଇଲି ପୁଲିସ ଉକ୍ତ କାର (ଓଡି୧୪ୱାଇ ୨୨୮୪) ଜବତ କରିଛି। ଘଟଣାରୁ ପ୍ରକାଶଯେ ଉକ୍ତ କାରର ମାଲିକ କହିବା ଅନୁଯାୟୀ ତାଙ୍କ ଗାଡିର ଚାଳକ ଗାଡିଟିକୁ ନେଇ ଫେରାର ହୋଇଯାଇଥିଲା। ପରେ ଜିପିଏସ ଦ୍ୱାରା ଏହା ପାଣିକୋଇଲି ଥାନା ଅଧିନରେ ରହିଥିବା ଜାଣି ସୂଚନା ଦେଇଥିଲେ। ଫଳରେ ପୁଲିସ କାରଟି ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।

## ନାବାଳିକାକୁ ବଳତ୍କାର ଅଭିଯୋଗ

ପାଣିକୋଇଲି, ୨୯।୮ (ସମିସ) ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ଭକଣ୍ଡରୀ ଗ୍ରାମର ଜୈନିକ ନାବଳିକା ବଳତ୍କାର ହୋଇଥିବା ଅଭିଯୋଗ ଥାନାରେ ହୋଇଛି। ପୁଲିସ ଏନେଇ ଏକ ମାମଲା ୩୧୭/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାର ଅଭିଯୋଗ ମୁତାବକ ଅମୃତିଆ ପଞ୍ଚାୟତ ବଣହରା ଗ୍ରାମର ସୁମନ ମଳିକ ଶୁକ୍ରବାର ଅପରାହ୍ନରେ ନାବାଳିକାକୁ ଫୋନ କରି ଡାକିଥିଲା। ନାବାଳିକା ଓ ତାର ଯାଆଁଳା ଭଉଣୀକୁ ଧରି ଯାଇଥିଲା। ସେଠାରେ ସୁମନର ସହଯୋଗୀ ଡାମରା ତାକୁ ବଳତ୍କାର କରିଥିଲା। ଏନେଇ ନାବଳିକା ଘରେ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଶୈଳଜା ବାରିକଙ୍କୁ 'ଲେ-ଲେକ୍‌ଚର' ପ୍ରମାଣ ପତ୍ର



ପ୍ରୀତିପୁର,୨୯।୮ (ସମିସ): ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ରେଡକ୍ରସ ଭବନ ଭୁବନେଶ୍ୱରଠାରେ ଆୟୋଜିତ ସଭାରେ ବିଞ୍ଝାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶୈଳଜା କୁମାର ବାରିକଙ୍କୁ ପ୍ରାଥମିକ ଉପଚାର କ୍ଷେତ୍ରରେ ଲେ-ଲେକ୍‌ଚର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ରେଡକ୍ରସ ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ସବର, ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ରାଜ୍ୟ କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ମାଷ୍ଟର ଟ୍ରେନର ବିକାଶ ପ୍ରସାଦଙ୍କ ଠାରୁ ଜାତୀୟ ସ୍ତରର ପ୍ରମାଣପତ୍ର ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶଙ୍କର୍ଷଣ ବେହେରା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଏବଂ ସମସ୍ତ ସହକର୍ମୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

● ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ବଡଚଣା ବାଦ୍

## ପ୍ରତିବାଦରେ ବିଜେଡିର ଆନ୍ଦୋଳନ ଡାକରା

ବଡଚଣା,୨୯।୮ (ସମିସ): ବଡଚଣା ବ୍ଲକ୍‌ରେ ପ୍ରବାହିତ ବିରୂପା, ଗେଙ୍ଗୁଟି ନଦୀର ବନ୍ୟାରେ ବ୍ଲକ୍‌ର ୧୯ଗୋଟି ପଞ୍ଚାୟତର କ୍ଷତି ଗ୍ରସ୍ତ ହେବା ସହିତ ଚାଷ କାର୍ଯ୍ୟ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମାତ୍ର ପ୍ରଶାସନର ଅବହେଳା ଓ ବନ୍ୟା ପରିଚାଳନାରେ ଅନଭିଜ୍ଞତା ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୂର୍ବ ସରକାରଙ୍କ ବନ୍ୟା ସୁ ପରିଚାଳନା ପାଇଁ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହୋଇଛନ୍ତି। ମାତ୍ର ନିଜକୁ ଲୋକଙ୍କ ସରକାର କହୁଥିବା ବର୍ତ୍ତମାନର ସରକାର ବନ୍ୟା ପ୍ରପୀଡ଼ିତ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି ଆଜି ଚଣ୍ଡିଖୋଲ ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର ଅଭିଯୋଗ କରିଛନ୍ତି। ବନ୍ୟା ଦେଖିବାକୁ ଆସି ଉପମୁଖ୍ୟମନ୍ତ୍ରୀ ବଡଚଣା ବ୍ଲକ୍ ବନ୍ୟାରେ ବ୍ୟାପକ କ୍ଷତି ହୋଇଥିବା ସ୍ୱୀକାର କରିଥିଲେ ମଧ ବଡଚଣା ସରକାରୀ ସାହାଯ୍ୟରୁ ବଞ୍ଚିତ ହେବା, ଦଳୀୟ ଭିତ୍ତିରେ ରିଲିଫ୍ ବଣ୍ଟନ, ଜନୈକ ସରପଞ୍ଚଙ୍କ ଦ୍ୱାରା ବଜାରରେ ପଲିଥିନ ବିକ୍ରି କରିବା, ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ବଡଚଣା ବାଦ୍ ପଡିବା ଆଦିକୁ ନିନ୍ଦା କରିବା ସହିତ ଆଗାମୀ ଦିନରେ ଏହାର ପୁନଃ ବିଚାର କରା ନ ଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି ତାପସ ରାୟ, ଜିଲ୍ଲା ବିଜେଡି ଯୁବ ସଭାପତି ଆଶିଷ ରଞ୍ଜନ ଚୌଧୁରୀ, ଜିଲ୍ଲା ବିଜେଡି ସମ୍ପାଦକ ସଂଜୟ କୁମାର ସ୍ୱାଇଁ, ବ୍ଲକ୍ ଉପ ସଭସତି ଧୂଳେଶ୍ୱର ଦାସ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ କୁମାର ମହାନ୍ତି, ମନ୍ମଥ ସାହେବ୍ ରାୟ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଶେଷରେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଚଣ୍ଡିଖୋଲ ଟ୍ରାଫିକଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିଧାୟକ ଅମର ନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା,୨୯।୮ (ସମିସ): ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ସହୟତା ପ୍ରଦାନ କରାଯାଇଛି। ମସ୍ତିଷ୍କ ଆଘାତରେ ପୀଡିତ ତାଳଜଙ୍ଗ ପଞ୍ଚାୟତ ତାଳଜଙ୍ଗ ଗ୍ରାମର ବିଦ୍ୟାଧର ମଳିକ, ଅଭାବ ଅନାଟନରେ ଚଳୁଥିବା ତାଳଜଙ୍ଗ ଗ୍ରାମର କାଠି ମଳିକ, ଘରେ ବିଦ୍ୟୁତ ସଂଯୋଗ ପାଇଁ ତାଳଜଙ୍ଗ ଗ୍ରାମର କନକ ମଳିକ, ଦେହ ଅସୁସ୍ଥ ପାଇଁ ତାଳଜଙ୍ଗ ଗ୍ରାମର ମନମୋହନ ମଳିକ, ଦେହ ଅସୁସ୍ଥତା ଚିକିତ୍ସା ଲାଗି ତାଳଜଙ୍ଗ ଗ୍ରାମର ପ୍ରମିଳା ମଳିକ, ଝିଅ ବହାଘର ନିମନ୍ତେ ତାଳଜଙ୍ଗ ଗ୍ରାମର ସୁକାନ୍ତ ମଳିକ, ଘର ମରାମତି ଲାଗି ଜେନାପୁର ପଞ୍ଚାୟତ ବରହମପୁର ଗ୍ରାମର ଗାୟତ୍ରୀ ଦଳେଇ, ସଡ଼କ ଦୁର୍ଘଟଣାରେ ପୀଡିତ ଗଡମଧୁପୁର ପଞ୍ଚାୟତ ପନ୍ତୁରୀ ଗ୍ରାମର ହୃଷିକେଶ ମଳିକ, ଘର ନିର୍ମାଣ ନିମନ୍ତେ ସମ୍ପାରୁ ପଞ୍ଚାୟତ କାଦୁଅମାଗୁରା ଗ୍ରାମର ଚନ୍ଦନ ମଳିକଙ୍କୁ ଟ୍ରଷ୍ଟ ପକ୍ଷରୁ ଅର୍ଥକ ସହାୟତା ପ୍ରଦାନ କରାଯାଇଛି। ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟ ମାନେ ସେମାନଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

## ଖରସ୍ରୋତା ମହାବିଦ୍ୟାଳୟରେ ସଂସ୍କୃତ ଦିବସ




ସିଂହପୁର,୨୯।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଆଜି ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ପୁର୍ଣ୍ଣଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସ ସଂସ୍କୃତ ଭାଷାର ଦଶା ଓ ଦିଶା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ବରୁନେଶ୍ୱର୍ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଅରୁଣ ବିକାଶ କର ସଂସ୍କୃତ ଦିବସର ମହତ୍ତ୍ୱ ଉପରେ ଆଲୋକ ପାତ କରିଥିଲେ। ଅଧ୍ୟାପକ ବିଜୟ କୁମାର ପତି , ମିନକେତନ ତ୍ରିପାଠୀ , ଅଧ୍ୟାପିକା ରୂପାଲି ମହାରଣା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଅର୍ପିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବୈଭବ ନାୟକ , ଚିତ ରଂଜନ ସାହୁ , ସତ୍ୟବ୍ରତ ସେଠୀ , ବିବେକ ମେହେର , ପ୍ରଦୀପ କୁମାର ରାଉଳ , ବନ୍ଦନ କୁମାର ପତି , ନୀଳମଣି ମଲ୍ଲିକ , ଅଧ୍ୟାପିକା ଜ୍ୟୋତି ପ୍ରଭା ମହାନ୍ତି , ରୋଜାଲିନ କୁଅ ର, ରୁବି ଏକା , ଡ ଗାୟତ୍ରୀ ଧଳ , ଯୋଗ ଦେଇଥିଲେ। ସଂସ୍କୃତ ବିଭାଗର ଛାତ୍ର, ଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ଦୀପ୍ତି ରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର



ଧର୍ମଶାଳା,୨୯।୮ (ସମିସ): ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକର ୪୫ ଗୋଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଉପସ୍ଥିତ ହୋଇ ନିଜର ଭିନ୍ନକ୍ଷମତା ଚିହ୍ନଟ କରାଇଥିଲେ। ବହୁ ଡାକ୍ତରଙ୍କ ଉପସ୍ଥିତିରେ ଏହି ଚିହ୍ନଟ ପ୍ରକ୍ରିୟା ଚାଲିଥିଲା। ବିଡିଓ ଜ୍ୟୋତିର୍ମୟ କରଙ୍କ ତତ୍ତ୍ୱାବଧାନରେ ଆଜି ୩୪୪ଜଣଙ୍କୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ଅସ୍ଥି ଓ ଶଲ୍ୟ ବିଭାଗର ୨୦୬, ମୁକ ଓ ବଧିର ବିଭାଗର ୫୭,ଚକ୍ଷୁ ବିଭାଗର ୩୧, ମାନସିକ ରୋଗୀ ବିଭାଗର ୪୮ ଏବଂ ଭେଷଜ ବିଭାଗର ୨ ଜଣ ମୋଟ ୩୪୪ଜଣଙ୍କୁ ଚିହ୍ନଟ କରାଯାଇଥିଲା। ବ୍ଲକ ପ୍ରଶାସନ ତରଫରୁ ରୋଗୀ ଓ ସେମାନଙ୍କ ସହିତ ଆସିଥିବା ଲୋକମାନଙ୍କ ପାଇଁ ପାଣି ଓ ଖାଇବା ଭଳି ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ସୁକିନ୍ଦା ଥାନା ଅଞ୍ଚଳରୁ ବାଇକ୍ ଚୋରି

ସୁକିନ୍ଦା,୨୯।୮ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ କନ୍ତିରା ଗ୍ରାମରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୬ ତାରିଖ ରାତିରେ କନ୍ତିରା ଗ୍ରାମର ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ଘର ସମ୍ମୁଖରେ ତାଙ୍କ ହିରୋ ମୋଟରସାଇକଲ ଥିଲା। ବିଳମ୍ବିତ ରାତିରେ ଉଠିବା ସମୟରେ ମଟରସାଇକେଲ ନଥିବା ଦେଖି ପରିବାର ଲୋକେ ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରିଥିଲେ ମଧ ଗାଡ଼ିର କୌଣସି ପତ୍ତା ମିଳିନଥିଲା। ପରେ ସେମାନେ ସୁକିନ୍ଦା ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ସୁକିନ୍ଦା ପୁଲିସ ଲିଖିତ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା

ସୁକିନ୍ଦା,୨୯।୮ (ସମିସ): ସୁକିନ୍ଦା ପୁଲିସ ପକ୍ଷରୁ ସୁକିନ୍ଦା ମହାବିଦ୍ୟାଳୟରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଯୋଗଦେଇଥିଲେ। ନିଶା କାରବାର ସମ୍ପର୍କରେ ଜାଣିଲେ ଛାତ୍ର ଛାତ୍ରୀ ମାନେ ୧୯୩୩ ଟୋଲ ଫ୍ରି ନମ୍ବରରେ ଫୋନ କରି ଜଣାଇବାକୁ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧାପକ ପ୍ରଫୁଲ୍ଲ କୁମାର ସାହୁ, ।ଜେନ୍ଦ୍ର ନାରାୟଣ ରାଉଳଙ୍କ ସମେତ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଏବଂ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ।

# ରସୁଲପୁର ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

କୁଆଖିଆ,୨୯।୮ (ସମିସ): ଦୀର୍ଘ ୧୪ମାସ ପରେ ଆଜି ରସୁଲପୁର ପଞ୍ଚାୟତ ସମିତିର ୧୧ତମ ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ୍ ତିନି ଜଣ ବିଧାୟକ ଓ ଦୁଇଜଣ ସାଂସଦଙ୍କ ଅଧୀନରେ ଆସୁଥିବା ବେଳେ ଆଜିର ବୈଠକରେ କୌଣସି ବିଧାୟକ କିମ୍ବା ସାଂସଦ ଯୋଗ ଦେଇନଥିଲେ। ଧର୍ମଶାଳା ଓ କୋରେଇ ବିଧାୟକଙ୍କ ପ୍ରତିନିଧି ଓ ଲୋକସଭା ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଆଜି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଡା ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଥିଲା। କୁଆଖିଆ ଥାନାର ପୁଲିସ କର୍ମଚାରୀଙ୍କ ସହିତ ଧର୍ମଶାଳା ଥାନା ଅଧିକାରୀ, ପୁଲିସ ମୁଖ୍ୟାଳୟରୁ ଆଉ ଦୁଇଜଣ ଇନିସପେକ୍ଟରଙ୍କ ସମେତ ୨୦ରୁ ଅଧିକ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷ ବୈଠକ ୨୦୨୫ ମସିହା ଜୁନ୍ ୧୮ ତାରିଖରେ ବସିଥିଲା। କିନ୍ତୁ ଏତେ ଦିନ ବିତି ଯାଇଥିଲେ ମଧ ଗତ ବୈଠକରେ ହୋଇଥିବା ଆଲୋଚନା ଓ ଅଭିଯୋଗ ଗୁଡିକର ସମାଧାନ ବର୍ତମାନ ପର୍ଯ୍ୟନ୍ତ ହୋଇନଥିବାରୁ ପଞ୍ଚାୟତ ପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ବୈଠକରେ ଲକ୍ଷ୍ମୀନଗର, ରାହାମ୍ବା, ଓଡ଼ିଶୋ, ଗନ୍ଧଣ, ବଡକଇଁଚି, ନରସିଂହପୁର, ରାଉତରାପୁର, ଅତଲାପୁର ଓ ଟିକରପଡା ପଞ୍ଚାୟତର ପ୍ରତିନିଧିମାନେ ସେମାନଙ୍କ ପଞ୍ଚାୟତର ସମସ୍ୟା ସଂପର୍କରେ କହିବା ସହିତ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ୨୦୨୬-୨୭ ବିପିଡିପ ଓ ବିଜିବିଓ ଯୋଜନାରେ ପ୍ରକଳ୍ପ ଚିଠା ଶୀଘ୍ର ଦେବାକୁ ସବୁ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଅନୁରୋଧ କରାଯାଇଥିଲା। ରାସନ କାର୍ଡ, ଭତ୍ତା, ଗ୍ରାମୀଣ ଆବାସ, ଅନ୍ତୋଦୟ ଗୃହ ଯୋଜନା ସଂପର୍କରେ ବିଡିଓ ତଥ୍ୟ ପ୍ରଦାନ କରିଥିଲେ। ଗନ୍ଧଣ ପଞ୍ଚାୟତରେ ବନ୍ୟା ସମ୍ୟା ଓ କ୍ଷୟକ୍ଷତି ସଂପର୍କରେ ସମିତିସଭ୍ୟ ଅଜୟ କୁମାର ପଣ୍ଡା ଦୃଷ୍ଟି ଆକର୍ଷଣ କରିବା ସହିତ ରିଲିଫ୍ ସଂପର୍କରେ ଜାଣିବାକୁ ଚାହିଁଥିଲେ। କେଉଁ ଆଧାରରେ ପାଲ ବଣ୍ଟନ ହେଉଛି ଓ ଏହି ଚିଠା କିଏ କରୁଛି ତାହାମଧ ଜାଣିବାକୁ ଚାହିଁଥିଲେ। ପାନୀୟ ଜଳ ସମସ୍ୟା ସଂପର୍କରେ ଅଧିକାଂଶ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ କେବେ ପାଣି ମିଳିବ ବୋଲି ଅଧ୍ୟକ୍ଷଙ୍କ ପ୍ରଶ୍ନକୁ ମଧ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏଡାଇ ଯାଇଥିଲେ। ଏହାକୁ ନେଇ ବୈଠକରେ ଖୁବ୍ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବିଡିଓ ସତ୍ୟାନନ୍ଦ ଦାଶ ସ୍ୱାଗତ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଜୟନ୍ତୀ ଦାଶ,ତହସିଲଦାର ସିଦ୍ଧାର୍ଥ ବେହେରା, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ତୀର୍ଥରାଜ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଫଣିନ୍ଦ୍ର ମିଶ୍ର, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିପିଡିଓ ସୌରଭ ପାଲ୍ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶେଷରେ ସହକାରୀ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ବୈଠକରେ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ ସଭ୍ୟା ଓ ସମସ୍ତ ୪ଜଣ ଜିଲାପରିଷଦ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ମହିଳାଙ୍କ ରୁଟି



ମୂଳ ହିନ୍ଦୀ - ପ୍ରଫେସର ରଣଯୋଧ ସିଂହ
ଅନୁବାଦ: ପ୍ରଭାତ କୁମାର ମହାପାତ୍ର



ସାରା ମଞ୍ଚ ଦର୍ଶକ କିମ୍ବା କହିବାକୁ ଗଲେ ଭକ୍ତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା। ସ୍ୱାମୀଜୀ ଶ୍ୱେତ ବସ୍ତ୍ର ପରିଧାନ କରି, କପାଳରେ ଚନ୍ଦନ ତିଳକ ଲଗାଇ, ଜୀବନର ଗୂଢ଼ ରହସ୍ୟ ଉପରେ ଆଲୋକପାତ କରୁଥିଲେ। ଶ୍ରୋତାମାନେ ନିଶ୍ୱାସ ଚାପି ଧରି ସ୍ୱାମୀଜୀଙ୍କ ଉପଦେଶକୁ ଏପରି ଗ୍ରହଣ କରୁଥିଲେ, ଯେପରି ସ୍ୱର୍ଗର ଦ୍ୱାର ସେମାନଙ୍କ ପାଇଁ ମାଗଣାରେ ଖୋଲିଯାଇଛି। ହଠାତ୍ ସ୍ୱାମୀଜୀ ଭକ୍ତମାନଙ୍କୁ ଏକ ଅଦ୍ଭୁତ ପ୍ରଶ୍ନ ପଚାରିଲେ ଯେ, ରୁଟି କେତେ ପ୍ରକାର ହୋଇଥାଏ। ଯେତେବେଳେ ଭକ୍ତମାନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ, ସେତେବେଳେ ସେ ହସି ହସି କହିଲେ, "ରୁଟି ଚାରି ପ୍ରକାରର ହୋଇଥାଏ। ପ୍ରଥମ ରୁଟି ହେଉଛି ମା'ଙ୍କ ହାତର, ଯାହାର ତୁଳନା ଇହଲୋକ କିମ୍ବା ପରଲୋକରେ କେହି କରିପାରିବେ ନାହିଁ। ଏହାକୁ ଗ୍ରହଣ କରିବା ଦ୍ୱାରା କେବଳ ପେଟ ପୂରି ନଥାଏ, ବରଂ ମନ ମଧ୍ୟ ତୃପ୍ତ ହୋଇଯାଏ। ଦ୍ୱିତୀୟ ରୁଟି ହେଉଛି ପତ୍ନୀଙ୍କ ହାତର, ଯେଉଁଥିରେ ମା'ଙ୍କ ଭଳି ମମତା ନ ମିଳିଲେ ମଧ୍ୟ ଜଣେ ସମର୍ପିତ ପତ୍ନୀ ନିଜ ସ୍ୱାମୀଙ୍କୁ ଅତି ସୁସ୍ୱାଦୁ ଖାଦ୍ୟ ଖୁଆଇବାକୁ ଚାହିଁଥାଏ। ତୃତୀୟ ପ୍ରକାରର ରୁଟି ହେଉଛି ବୋହୂଙ୍କ ହାତର, ଯାହା ସମସ୍ତଙ୍କ ଭାଗ୍ୟରେ ନ ଥାଏ। ଭଲ ବୋହୂ ମିଳିଗଲେ ଖାଦ୍ୟ ମିଳିପାରେ, ନଚେତ୍ ଏହା ଈଶ୍ୱରଙ୍କ ଇଚ୍ଛା। କିନ୍ତୁ ବୋହୂ ପାଇଁ ପ୍ରଥମେ ନିଜ ସ୍ୱାମୀ, ସନ୍ତାନ ଏବଂ ତା'ପରେ ଆପଣ ଆସନ୍ତି। ଚତୁର୍ଥ ପ୍ରକାରର ରୁଟି ହେଉଛି ସେହି ରୁଟି, ଯାହା ଚାକରାଣୀ ହାତରେ ତିଆରି ହୋଇଥାଏ। ମନେ ରଖିବେ, ଏହି ରୁଟି ଦ୍ୱାରା ନା' ମନ ତୃପ୍ତ ହୁଏ ନା' ପେଟ ପୂରେ! ସେଥିରେ ସ୍ନେହ-ଆଦରର ଅଂଶ ମଧ୍ୟ ତିଳେମାତ୍ର ନ ଥାଏ।"

ସ୍ୱାମୀଜୀ ବୁଝାଇଲେ ଯେ, ଈଶ୍ୱର ନ କରନ୍ତୁ ଯେ ଆପଣଙ୍କୁ ଚତୁର୍ଥ ରୁଟି ଖାଇବାକୁ ପଡୁ, ତେଣୁ ଏହା ପୂର୍ବରୁ ଆପଣ ନିଜ ପତ୍ନୀ କିମ୍ବା ବୋହୂଙ୍କ ସହିତ ସମ୍ପର୍କ ଭଲ ରଖନ୍ତୁ, ଯଦ୍ୱାରା ଚତୁର୍ଥ ପ୍ରକାରର ରୁଟିର ଆବଶ୍ୟକତା ହିଁ ପଡ଼ିବ ନାହିଁ। ସ୍ୱାମୀଜୀଙ୍କ କଥାରେ ଶତ-ପ୍ରତିଶତ ସତ୍ୟତା ଥିଲା। ସାରା ମଞ୍ଚ କରତାଳିରେ ଗୁଞ୍ଜରିତ ହୋଇଉଠିଲା। ସମସ୍ତେ ତାଙ୍କ ଜ୍ଞାନର ପ୍ରଶଂସକ ହୋଇଗଲେ। ଠିକ୍ ସେହି ସମୟରେ ଜଣେ ଯୁବତୀ କେଜାଣି କାହିଁକି ନିଜ ସ୍ଥାନରୁ ଉଠି ଛିଡ଼ା ହୋଇଗଲେ ଏବଂ ସ୍ୱାମୀଜୀଙ୍କୁ ପଚାରିବାକୁ ଲାଗିଲେ, "ସ୍ୱାମୀଜୀ, ଆପଣ ଯେଉଁ ରୁଟିର ପ୍ରକାରଗୁଡ଼ିକ କହିଲେ, ମୋତେ ଲାଗୁଛି ଏହା କେବଳ ପୁରୁଷମାନଙ୍କ ପାଇଁ ଅଟେ। ଆପଣ ତ ଏହା ସ୍ପଷ୍ଟ କରିନାହାନ୍ତି ଯେ ମହିଳାମାନଙ୍କ ପାଇଁ ରୁଟି କେତେ ପ୍ରକାରର ହୋଇଥାଏ?" ଯୁବତୀ ଜଣକର ଏହି ସିଧାସଳଖ ପ୍ରଶ୍ନରେ ଉପଦେଶକ ଜଣକ ପ୍ରଥମେ ଅବାକ୍ ହୋଇଗଲେ, କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସମ୍ଭାଳି ନେଇ କଠୋର ସ୍ୱରରେ କହିଲେ, "ରୁଟି, ରୁଟି ହୋଇଥାଏ ଏବଂ ଏହା ସମସ୍ତଙ୍କ ପାଇଁ ସମାନ। ଭୋକ ପୁରୁଷ ଏବଂ ମହିଳା ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ।"

ସେଠାରେ ବସିଥିବା ଭକ୍ତମାନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ଯେତେବେଳେ ସେହି ଯୁବତୀ ଜଣକ ପୂରା ଉତ୍ସାହ ଓ ଆତ୍ମବିଶ୍ୱାସ ସହିତ କହିଲେ, "ନା ସ୍ୱାମୀଜୀ, ପୁରୁଷର ରୁଟି ଏବଂ ମହିଳାର ରୁଟି ମଧ୍ୟରେ ପାର୍ଥକ୍ୟ ଅଛି। ଆପଣ ମା' ହାତର ରୁଟିକୁ ସର୍ବଶ୍ରେଷ୍ଠ ଶ୍ରେଣୀରେ ରଖିଛନ୍ତି। ପୁରୁଷକୁ ଏହି ରୁଟି ସେତେବେଳ ପର୍ଯ୍ୟନ୍ତ ମିଳିପାରିବ ଯେତେବେଳ ପର୍ଯ୍ୟନ୍ତ ମା' ବୁଢ଼ୀ କିମ୍ବା ଅକ୍ଷମ ନ ହୋଇଯାଆନ୍ତି, କିନ୍ତୁ ମହିଳାଙ୍କ ଭାଗ୍ୟରେ ଏହି ରୁଟି ସେତେବେଳ ପର୍ଯ୍ୟନ୍ତ ହିଁ ମିଳେ ଯେତେବେଳ ପର୍ଯ୍ୟନ୍ତ ତାଙ୍କର ବିବାହ ହୋଇନଥାଏ।" ସେ କିଛି ସମୟ ଅଟକି ଗଲେ ଏବଂ ତା'ପରେ ମୁରୁକି ହସି କହିଲେ, "ଆପଣ ପତ୍ନୀଙ୍କ ହାତର ରୁଟିକୁ ଅନ୍ୟ ପ୍ରକାରର ରୁଟି ବୋଲି କହିଛନ୍ତି। ମହିଳାଙ୍କ ଭାଗ୍ୟରେ ତ ଏହି ରୁଟି ଲେଖା ହିଁ ନଥାଏ, ବିବାହ ପରେ ତାଙ୍କୁ ସାରା ଜୀବନ ସ୍ୱାମୀ, ପିଲାମାନେ ଏବଂ ଘରର ଅନ୍ୟ ସଦସ୍ୟମାନଙ୍କ ପାଇଁ ରୁଟି ତିଆରି କରିବାକୁ ପଡ଼ିଥାଏ। ଅତି କମ୍‌ରେ ଭାରତବର୍ଷରେ ତ ପୁରୁଷମାନେ ନିଜ ସ୍ତ୍ରୀଙ୍କ ପାଇଁ ରୁଟି କରି ହି ନ ଥାନ୍ତି।"

ସ୍ୱାମୀଜୀ କିଛି କହିପାରିଲେ ନାହିଁ, ଯେତେବେଳେ କି ଭକ୍ତଗଣ ନିଶ୍ୱାସ ରୁଦ୍ଧ କରି ସ୍ୱାମୀଜୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଥିଲେ। ଯୁବତୀ ଜଣକ କିଛି ସମୟ ଅଟକି, ପୁଣି ଦୃଢ଼ତାର ସହ କିନ୍ତୁ ବିନମ୍ରତାର ସହିତ କହିଲେ, "ତୃତୀୟ ପ୍ରକାରର ରୁଟି, ଅର୍ଥାତ୍ ବୋହୂ ହାତର ରୁଟି କୌଣସି ଭାଗ୍ୟବତୀ ମହିଳାଙ୍କୁ ହିଁ ମିଳିଥାଏ। ଯଦି ସଠିକ୍ ଭାବରେ ସବୁ କିଛି ସାଧାରଣ ହୋଇଥାନ୍ତା, ତେବେ ଆମ ଦେଶରେ ବୃଦ୍ଧାଶ୍ରମର ଆବଶ୍ୟକତା ପଡ଼ିନଥାନ୍ତା। ଚତୁର୍ଥ ପ୍ରକାରର ରୁଟି, ଅର୍ଥାତ୍ ଚାକରାଣୀ ହାତର ରୁଟି କେବଳ ପୁରୁଷମାନଙ୍କ ଭାଗ୍ୟରେ ହିଁ ମିଳିଥାଏ, କାରଣ ରୁଟି ତିଆରି ପାଇଁ ଚାକର ସେତେବେଳେ ହିଁ ଘରକୁ ଆସିଥାଏ ଯେତେବେଳେ ଘରେ ରୋଷେଇ କରିବା ପାଇଁ କୌଣସି ମହିଳା ନଥାନ୍ତି।" ଏହା ଶୁଣିବା ମାତ୍ରେ ସ୍ୱାମୀଜୀ ନିରୁତ୍ତର ହୋଇ ସେହି ଯୁବତୀଙ୍କ ମୁହଁକୁ ଅନାଇ ରହିଲେ ଏବଂ ମଞ୍ଚରେ ବସିଥିବା ଜନତା ଜୋର୍‌ସୋରରେ ତାଳି ବଜାଇବାକୁ ଲାଗିଲେ...। ■

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ
କୋରାପୁଟ
ମୋ: ୭୮ ୯୪୦୦୫୪୫୫

# ଗୁଲାବ



ମୂଳ ଭୋଜପୁରୀ : କନକ କିଶୋର
ଅନୁବାଦ: ଚିରଶ୍ରୀ ଇନ୍ଦ୍ରସିଂ

ସେ ଦେହ ବିକେନାହିଁ
ବିକେ ପ୍ରେମ
ସେତ ସେଇଦିନ ମରିଯାଇଥିଲା
ଯେଉଁଦିନ
ପୁରୁଷ ସଜେଇଥିବା
ଏଇ ବଜାରରେ
ସେ ପାଦ ରଖିଥିଲା ।

ସେ ବି ଡାକିଥିଲା
କୃଷ୍ଣ କହ୍ନେୟାକୁ
ସେ ବି ଗୁହାରି କରିଥିଲା,
ବ୍ୟସ୍ତ ବିକଳ
କିନ୍ତୁ ନିଲାମୀର ବୋଲିରେ
ଲୁଚି ଯାଇଥିଲା ତା'ର ସ୍ୱର


କୃଷ୍ଣ ଶୁଣି ପାରିଲେ ନାହିଁ
କି ଶୁଣିବାକୁ ଚାହିଁଲେ ନାହିଁ
କିଏ କହିପାରିବ
ଏବଂ ସେଦିନ ସେବାସଦନର ଖାତାରେ
ଚଢ଼ିଗଲା ତା'ର ନାଁ
ମୁନିଆଁ ଜାଗାରେ ଗୁଲାବ ।

ସୁନ୍ଦରତାର ବଜାରରେ
ଗୁଲାବର ନାଁ ଅଛି
ଦେହର ବଜାରରେ ସେ
ବିକ୍ରି କରେ ପ୍ରେମ
ପ୍ରେମ ପାଇବାର ଆଶାରେ
ସେ ବାଟ ଚାହିଁ ବସିଥାଏ
ଜଣେ ଶୁଦ୍ଧ ପ୍ରେମିକର ।

ପଦ୍ମର ମଧୁ ପି' ଦେଇ
ଉଡ଼ିଯାଏ ଭ୍ରମର
ଖୋଜି ଖୋଜି ଅଲଗା ଫୁଲର ଠିକଣା
ଫୁଲର ପ୍ରେମ କାହାଣୀ
ରହିଯାଏ ଅଧା ଅଧୁରା
ତଥାପି ଉଦାସ ହୁଏନା ଫୁଲ
କାହିଁକିନା ସେ ଜାଣେ
କ'ଣ ତା'ର ଧର୍ମ ।

ହୀରାମଣ୍ଡିର ଚମକ ଗୁଲାବ
ଦେହପ୍ରତି ଅନାସକ୍ତ
ଦେହର ଶୋଷ ନେଇ
ଆସିଥିବା ଭଅଁରକୁ
ସେ ବାଢ଼ି ଦିଏ ଫୁଲର ପ୍ରେମ ।

ଭଅଁରମାନଙ୍କର ଏହି ଦୁନିଆରେ
ପ୍ରେମର ବଣିଜ କରି
ଏବେ ଖୁସିରେ ଅଛି ଗୁଲାବ । ■



# ଅନ୍ଧ ବିକାଶ

କାଲି ଏଠି ନଦୀ ଥିଲା
ପାହାଡ଼ ଥିଲା,
ଜଙ୍ଗଲ ଥିଲା,
ଥିଲା ଆଦିବାସୀଙ୍କର ଗାଁ
ସେ ସବୁକୁ ଯେ ଗିଳି ଦେଇଛି
ମାଟି କି ଆକାଶ,
ଏମିତି ନୁହେଁ
ସେ ସବୁକୁ ଗିଳି ଦେଇଛି
ଅନ୍ଧ ବିକାଶ । ■

ଅଧ୍ୟକ୍ଷା, ଡିଜିବିକେ ମହାବିଦ୍ୟାଳୟ
କସର୍ଦ୍ଦା, କଟକ
ମୋ: ୮୦୧୮୪୨୦୫୧୭

# ଇଲିୟାସ୍‌ଙ୍କ ସାହିତ୍ୟରେ ବିକ୍ଷୁବ୍ଧ ଜନତାର ସ୍ୱର



ପ୍ରଦୀପ୍ତ କୁମାର ଶ୍ରୀଚନ୍ଦନ

ବୁଲଗେରିୟାରେ ଜନ୍ମିତ ଜଣେ ବିଶିଷ୍ଟ ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ ଭାବେ ଇଲିୟାସ୍ କାନେତ୍ତି ପ୍ରସିଦ୍ଧ। ୧୯୨୭ ମସିହା ବେଳକୁ କାନେତ୍ତିଙ୍କ ବୟସ ବାଇଶ ବର୍ଷ। ଦିନେ ସିଏ ଦେଖିଲେ, ହଠାତ୍ ଦଳେ ଉନ୍ମତ୍ତ ଜନତା ଭିଏନାର 'ପ୍ୟାଲେସ୍ ଅଫ୍ ଜଷ୍ଟିସ୍'ରେ ନିଆଁ ଲଗେଇ ଦେଲେ। କ୍ରୋଧାନ୍ୱିତ ଜନତାର ଏହି ଆଚରଣ ଏବଂ ଅଗ୍ନିର ଧ୍ୱଂସ ଲୀଳା ସେଇ ମୁହୂର୍ତ୍ତରେ ତାଙ୍କ ମନରେ ଯେଉଁ ଗଭୀର ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତନ୍ମଧ୍ୟରୁ ତାଙ୍କର ବିଚାରବୋଧ ଓ ସାହିତ୍ୟକର୍ମ କେବେ ବି ମୁକ୍ତ ହୋଇପାରିନାହିଁ। ତେଣୁ କେଉଁ ରହସ୍ୟ ଜଣେ ସାଧାରଣ ସଂସାରୀ ମଣିଷକୁ 'ଜନତା'ରେ ରୂପାନ୍ତରିତ କରିଥାଏ, ସେ ସମ୍ପର୍କରେ କାନେତ୍ତି ଦୀର୍ଘ ତିରିଶବର୍ଷ କାଳ ଗବେଷଣା କରିଥିଲେ। ସେଇଥିପାଇଁ ୧୯୮୧ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିର୍ବାଚିତ କରି ନୋବେଲ କମିଟି କାନେତ୍ତିଙ୍କ ସଂପର୍କରେ କହିଥିଲେ, "ତାଙ୍କର ରଚନା ବୈଚିତ୍ର୍ୟମୟ। ଲେଖକର ଦୃଢ଼ ବ୍ୟକ୍ତିତ୍ୱ ଏ ଅନନ୍ୟ ଜୀବନଦର୍ଶନର ବନ୍ଧନରେ ଦୃଢ଼-ନିବଦ୍ଧ। କାନେତ୍ତିଙ୍କର ମୂଳ ଭାବନା ସହିତ, ଜନତା ଓ ଅଗ୍ନିର ରହସ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ତାଙ୍କର ରଚନା ସମଗ୍ର ମଧ୍ୟରେ ବିଚ୍ଛୁରିତ।"

ଦୀର୍ଘ ବର୍ଷକାଳ ଜନତାର ମନସ୍ତତ୍ତ୍ୱ ସମ୍ପର୍କରେ ଗବେଷଣା କରି ଅନେକ ଗ୍ରନ୍ଥ ରଚନା କରିଥିବା ଏହି ତତ୍ତ୍ୱବିତ୍ ସ୍ରଷ୍ଟା ବୁଲଗେରିୟାର ଦାନିୟୁବ ନଦୀ ତୀରରେ ଅବସ୍ଥିତ ଏକ ଛୋଟ ସହର ରୁଷେରେ ୧୯୦୫ ମସିହା ଜୁଲାଇ ୧୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ପିତା ଜାକ୍ ଥିଲେ ଜଣେ ବ୍ୟବସାୟୀ। କାନେତ୍ତିଙ୍କର ବୟସ ଯେତେବେଳେ ଛ' ବର୍ଷ, ସେତିକିବେଳେ ତାଙ୍କ ପରିବାରକୁ ବୁଲ୍‌ଗେରିୟା ତ୍ୟାଗ କରି ଇଂଲଣ୍ଡରେ ଆଶ୍ରୟ ନେବାକୁ ପଡ଼ିଥିଲା। ମାଞ୍ଚେଷ୍ଟରଠାରେ ତାଙ୍କର କେତେକ ଆତ୍ମୀୟସ୍ୱଜନ ବାସ କରୁଥିଲେ। ସେଇମାନଙ୍କ ସହାୟତାରେ ନୂଆ କରି ଜୀବନ ଆରମ୍ଭ କଲେ ଜାକ୍। କିନ୍ତୁ, ଜୀବନରେ ପ୍ରତିଷ୍ଠିତ ହେବା ଆଗରୁ ଦିନେ ସକାଳ ଚା' ଟେବୁଲ ପାଖରେ ଅକସ୍ମାତ ତାଙ୍କର ମୃତ୍ୟୁ ହେଲା। ତା'ପରେ ଘର-ସଂସାରର ଦାୟିତ୍ୱ ଗ୍ରହଣ କଲେ ଇଲିୟାସ୍‌ଙ୍କର ମା' ମାତିଲଦା। ସିଏ ଥିଲେ ଜଣେ ବୁଦ୍ଧିମତୀ ବ୍ୟକ୍ତିତ୍ୱ ସଂପନ୍ନା ମହିଳା। ପିଲାମାନଙ୍କୁ ଧରି ମାତିଲଦା ଭିଏନା ଚାଲି ଆସିଲେ। କାନେତ୍ତି ଇଂଲଣ୍ଡ, ଅଷ୍ଟ୍ରିଆ, ସୁଇଜରଲ୍ୟାଣ୍ଡ ଓ ଜର୍ମାନ ଆଦି ଭାଷାଭାଷୀ ସ୍କୁଲ ଗୁଡ଼ିକରେ ଅଧ୍ୟୟନ କଲାପରେ ଭିଏନା ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଡକ୍ଟରେଟ୍ ଉପାଧି ଲାଭ କରିଥିଲେ। ଅଧ୍ୟୟନ ଶେଷ ପରେ କାନେତ୍ତି କୌଣସି ନିର୍ଦ୍ଦିଷ୍ଟ ବୃତ୍ତିରେ ବାନ୍ଧି ହୋଇ ଜୀବନ ବିତେଇ ନଥିଲେ। ସ୍ୱାଧୀନ ଆଉ ନିର୍ଭୀକ ସାମ୍ବାଦିକତା, ଅଭିଭାଷଣ ସାଙ୍ଗକୁ ଭିନ୍ନ ଭିନ୍ନ ଧରଣର ଲେଖାଲେଖି ଥିଲା ତାଙ୍କର ଉପାର୍ଜ୍ଜନର ମୂଳ ଉତ୍ସ।

ପିତା ଜାକ୍ ହିଁ ସାହିତ୍ୟ ଜଗତରେ ତାଙ୍କର ପ୍ରବେଶର ପଥ ସୁଗମ କରି ଦେଇଥିଲେ। ସେତେବେଳେ ସେମାନେ ଇଂଲଣ୍ଡରେ ରହୁଥାନ୍ତି। ଜାକ୍ ପ୍ରତି ସପ୍ତାହରେ ଇଲିୟାସ୍‌ଙ୍କୁ ଖଣ୍ଡିଏ ଲେଖାଁଏ ବହି ଉପହାର ଦେଉଥାନ୍ତି। ଇଂରାଜୀ ଭାଷା-ସାହିତ୍ୟର ଉଚ୍ଚକୋଟୀର ଗ୍ରନ୍ଥଗୁଡ଼ିକର କିଶୋର ସଂସ୍କରଣ, ଯଥା- ସେକ୍‌ସପିୟର, ସୁଇଫଟ୍, ଡିଫୋ, ସାର୍ଭେଣ୍ଟିସ୍, ଦାନ୍ତେ ଆଦି ମହାନ୍ ସ୍ରଷ୍ଟାମାନଙ୍କର ରଚନା ସେଇସବୁ ଉପହାରରେ ସାମିଲ ଥିଲା। ଖାଲି ଯେ ପୁସ୍ତକ ଆଣି ଦେଇ ଦେଉଥିଲେ, ସେକଥା ନୁହେଁ। ପୁଅ ସେଇସବୁ ଗ୍ରନ୍ଥ ପଢୁଛି କି ନାହିଁ, ଯଦି ପଢୁଛି ତେବେ ବୁଝି ପାରୁଛି କି ନାହିଁ, ତାହା ଜାଣିବା ପାଇଁ ପରୀକ୍ଷାମୂଳକ ଭାବରେ ଧନ୍ଦା ପରି ଛୋଟ ଛୋଟ କୌତୁକିଆ ପ୍ରଶ୍ନ ମଧ୍ୟ ପଚାରିଥାନ୍ତି। ଫଳରେ କାନେତ୍ତି ପଢ଼ିବାକୁ ଉତ୍ସାହିତ ହେଉଥିଲେ ଏବଂ ତାଙ୍କର ସାରା ଜୀବନ ଗ୍ରନ୍ଥ ଅଧ୍ୟୟନରେ ବିତିଥିଲା। ଏହି ସବୁ ଅଧ୍ୟୟନରୁ ଆହୃତ ଭାବନା ଏବଂ ସମକାଳୀନ ୟୁରୋପୀୟ ଜୀବନର ଉଦ୍‌ବେଳ-ଅଭିଜ୍ଞତା କାନେତ୍ତିଙ୍କୁ ଲେଖିବାକୁ ଉଦ୍‌ବୁଦ୍ଧ କରିଥିଲା। ୧୯୨୯ ମସିହାରେ ବର୍ଲିନ୍‌ରେ କିଛି କାଳ କଟାଇ ସେଠାକାର 'ଅର୍ଜାମିର' ଉନ୍ମାଦନାରେ କ୍ଷୁବ୍ଧ ହୋଇ ସ୍ଥିର କଲେ ଆଠଖଣ୍ଡ ବିଶିଷ୍ଟ ଗୋଟିଏ କାହାଣୀ ଲେଖିବେ। ଯେଉଁ ଧାରାବାହିକ ରଚନାରେ ସିଏ ଚିତ୍ରଣ କରିବାକୁ ଚାହୁଁଥିଲେ କିଭଳି ବାଲଜାକ୍ ଯୁଗ ସହିତ ସେହି ସମୟର ସମାଜ ଆଉ ମଣିଷର ପ୍ରବୃତ୍ତି ମଧ୍ୟରେ ଥିଲା ଅନେକ ପ୍ରଭେଦ। ବିଶ୍ୱ ସେତେବେଳେ ହିଂସାର ହୁତାଶନରେ ଉନ୍ମତ୍ତ, ସମାଜ ବିଦ୍ୱେଷର ସଂଘାତରେ ବିତ୍ରସ୍ତ। ଆଉ ସେଇ କ୍ଷୁଦ୍ର ଛିଦ୍ର ମଧ୍ୟ ଦେଇ ପ୍ରବେଶ କରିଛି ଯୁକ୍ତିହୀନ ଉନ୍ମତ୍ତତା। ମଣିଷର ଶୁଭବୁଦ୍ଧି ସଂପୂର୍ଣ୍ଣ ଅନ୍ତର୍ହିତ। କିନ୍ତୁ ଇଲିୟାସ ଶେଷ ପର୍ଯ୍ୟନ୍ତ ପ୍ରଥମ ଆଠ ଖଣ୍ଡ ମଧ୍ୟରୁ କେବଳ ପ୍ରଥମ ଖଣ୍ଡଟି ସମ୍ପୂର୍ଣ୍ଣ କରିପାରିଥିଲେ।

କାନେତ୍ତିଙ୍କର ପ୍ରଥମ ରଚନା ଗୋଟିଏ ନାଟକ। ଏହି ନାଟକଟି ବ୍ୟତୀତ ସିଏ ଆଉ କେତୋଟି ନାଟକ ମଧ୍ୟ ରଚନା କରିଥିଲେ, ଯାହା ଜର୍ମାନ୍ ତଥା ଇଂଲଣ୍ଡରେ ମଞ୍ଚସ୍ଥ ହୋଇଥିଲା। ତାଙ୍କର ପ୍ରତିଟି ନାଟକ ଥିଲା ମୁଖ୍ୟତଃ ବ୍ୟଙ୍ଗ ଧର୍ମୀ। ତାଙ୍କର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟକୀର୍ତ୍ତି ଥିଲା De'e Blending ବା 'ଛଳନା'। ଏହି ଉପନ୍ୟାସଟି ୧୯୩୫ ମସିହାରେ ପ୍ରକାଶିତ ହୋଇଥିଲା। ଏଇ ପୁସ୍ତକକୁ ବିଚାରକୁ ନେଇ ପ୍ୟାରିସର ଆନ୍ତଃୟୁରୋପୀୟ ସାହିତ୍ୟ ପୁରସ୍କାର କାନେତ୍ତିଙ୍କୁ ପ୍ରଦାନ କରାଯାଇଥିଲା।

ସେହିପରି 'Auto da fe' ର ନାୟକ ଡକ୍ଟର କିୟେନ୍ ପୁସ୍ତକର ଜଗତରେ ବନ୍ଦୀ। ବାହାର ଜଗତରେ କଣ ସବୁ ଘଟୁଛି ତା'ର କୌଣସି ଖବର ରଖନ୍ତି ନାହିଁ। ସମାଜଠାରୁ ବିଚ୍ଛିନ୍ନ ଧୀମାନ୍ ବୁଦ୍ଧିଜୀବୀମାନଙ୍କର ପ୍ରତୀକ ସିଏ। କାନେତ୍ତିଙ୍କର ଶ୍ରେଷ୍ଠ ଗ୍ରନ୍ଥ ହେଉଛି- "The Tongue Set Free"। ଏହା ତାଙ୍କର ଆତ୍ମଜୀବନୀର ପ୍ରଥମ ଖଣ୍ଡ। ଜୀବନର ଷୋହଳ ବର୍ଷ ପର୍ଯ୍ୟନ୍ତର ଇତିହାସ ସେ ଏଇ ଖଣ୍ଡରେ ଲେଖିଛନ୍ତି। ଏହି ଗ୍ରନ୍ଥଟିର ପ୍ରଧାନ ଚରିତ୍ର ମା' ମାତିଲଦା।

'Auto da fe' ର ଲେଖକ ଇଲିୟାସ୍ କାନେତ୍ତି ଜଣେ ଔପନ୍ୟାସିକ ଭାବରେ ଯେଉଁ ଶକ୍ତିର ପରିଚୟ ଦେଇଛନ୍ତି, ତା'ର ପୂର୍ଣ୍ଣ ବିକାଶର ସୁଯୋଗ ପାଇଥିଲେ, ବିଶ୍ୱର ଆଗଧାଡ଼ିର ଔପନ୍ୟାସିକମାନଙ୍କ ମଧ୍ୟରେ ସ୍ଥାନ ପାଇ ପାରିଥାଆନ୍ତେ। କିନ୍ତୁ ସିଏ କଥା ସାହିତ୍ୟ ତ୍ୟାଗ କରି ପ୍ରବେଶ କଲେ ଗବେଷଣା ଜଗତ ମଧ୍ୟରେ। ଜନତାର ଇତିହାସ ଓ ମନସ୍ତତ୍ତ୍ୱର ଗବେଷଣା। ଯେଉଁ ଜନତାକୁ ସେ ନ୍ୟାୟାଳୟର ଅଟ୍ଟାଳିକାରେ ଅଗ୍ନି ସଂଯୋଗ କରିବାର ଦେଖିଥିଲେ, ତାହାରି ଛବି ମନରୁ ଲିଭିଯାଇନି କେବେବି। ଜନତା ହିଁ ଇତିହାସ ରଚନା କରେ, ବିପ୍ଳବ ସୃଷ୍ଟି କରେ, ନେତାମାନଙ୍କୁ ଗଢ଼େ, ପୁନଶ୍ଚ ଆବଶ୍ୟକ ପଡ଼ିଲେ ନେତାକୁ ପଦବିରୁ ପାଦ ତଳକୁ ଟାଣି ଆଣେ।


'ଜନତା'ର ସକଳ ଦିଗକୁ ବିଚାର କରି, ସେ ତାଙ୍କର ବହୁ ଅଭିଳଷିତ ଗ୍ରନ୍ଥ 'Crowds and Power' କୁ ୧୯୬୦ ମସିହାରେ ସଂପୂର୍ଣ୍ଣ କରିପାରି ଥିଲେ। କାନେତ୍ତିଙ୍କର ଏହି ଦୃଷ୍ଟିକୋଣ ଆଶ୍ରିତ ତତ୍ତ୍ୱ-ଚିନ୍ତନ ସଂପର୍କରେ ତେଣୁ ନୋବେଲ କମିଟି ପୁରସ୍କାର ପ୍ରଦାନ କରି କହିଥିଲେ "For writings, marked by a broad out – looks, wealth of ideas and artistic power'. ଦୃଷ୍ଟିରୁ ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଇଲିୟାସ୍ କାନେତ୍ତିଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି। ■

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାର ଭାରତୀ
ମୋ: ୮୫୯୪୯୫୦୩୨୪

## ପୁସ୍ତକ ପରିଚୟ

### ସମୟ ସହ ସମ୍ବାଦ

ଭାସ୍କର ପରିଛା





ଆଦିତ୍ୟ ଭାରତ
ସେକ୍ଟର-୬, ସିଡିଏ
କଟକ-୭୫୩୦୧୪
ପ୍ରଥମ ପ୍ରକାଶନ - ୨୦୨୬
ମୂଲ୍ୟ : ୨୦୦ ଟଙ୍କା

ସମ୍ବାଦପତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠା ହେଉଛି ସଂପାଦକୀୟ। ସଂପାଦକୀୟରେ ସଂପାଦକ ସାଂପ୍ରତିକ ଘଟଣାବଳୀ, ରାଜନୈତିକ ଓ ସାମାଜିକ ପ୍ରସଙ୍ଗ ଉପରେ ନିଜସ୍ୱ ଆଭିମୁଖ୍ୟ ସ୍ପଷ୍ଟ କରିଥାନ୍ତି। ଏଭଳି କିଛି ରାଜନୈତିକ ଓ ସାମାଜିକ ବିଶ୍ଳେଷଣ ସଂପାଦକୀୟକୁ ନେଇ ପ୍ରକାଶ ପାଇଛି ଭାସ୍କର ପରିଛାଙ୍କ 'ସମୟ ସହ ସମ୍ବାଦ' ପୁସ୍ତକ। ଏହି ପୁସ୍ତକରେ ସ୍ଥାନିତ ସଂପାଦକୀୟଗୁଡ଼ିକରେ ରାଜନୀତି, ସାହିତ୍ୟ, ସାମାଜିକ ନ୍ୟାୟ, ସଂସ୍କୃତି, ଅର୍ଥନୀତି, ସରକାରୀ ଓ ପ୍ରଶାସନିକ ଦୋଷ ଦୁର୍ବଳତା, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। 'ଆଜୀବନ ବିଚାରପତି', 'କଳାଧନ ଖୋଜ୍', 'ବଳକା ଖାଦ୍ୟ', 'ମୋଦୀଙ୍କ ମଡେଲ୍', 'ନିରକ୍ଷରତା ବ୍ୟାଧି', 'ନ୍ୟାୟପାଳିକାର କ୍ଷମତା', 'ସାଇବର ଅପରାଧ' ଆଦି ଲେଖାଗୁଡ଼ିକରେ ସାଂପ୍ରତିକ ସମାଜର ସମସ୍ୟା, ଦେଶର ସୁରକ୍ଷା, ସାମାଜିକ ମୂଲ୍ୟବୋଧ ଉପରେ ଆଲୋଚନା କରାଯାଇଛି। ଏହି ପୁସ୍ତକର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ

ପ୍ରମୋଦ ପଟ୍ଟନାୟକ/ଲଳିତ ମୋହନ ମିଶ୍ର





ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର
ପ୍ରଥମ ପ୍ରକାଶନ - ୨୦୨୬
ମୂଲ୍ୟ: ୩୫୦ ଟଙ୍କା

୧୯୯୩ ମସିହାରେ ପୁରୀ ଜିଲ୍ଲାରୁ ବିଭାଜିତ ହୋଇ ନୟାଗଡ଼ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା। କଳା, ସାହିତ୍ୟ ଓ ସଂସ୍କୃତିର ମାଟି ନୟାଗଡ଼ ଜିଲ୍ଲାର ସାରସ୍ୱତ ପରମ୍ପରା ସୁଦୀର୍ଘ ଓ ସୁସମ୍ପନ୍ନ। ନୟାଗଡ଼ ଜିଲ୍ଲାର ଅତୀତ ଓ ବର୍ତ୍ତମାନର ୨୭୬ ଜଣ ସାରସ୍ୱତ ସ୍ରଷ୍ଟାମାନଙ୍କ ସଂକ୍ଷିପ୍ତ ପରିଚୟକୁ ନେଇ ପ୍ରକାଶ ପାଇଛି ପ୍ରମୋଦ ପଟ୍ଟନାୟକ ଓ ଲଳିତ ମୋହନ ମିଶ୍ରଙ୍କ ଦ୍ୱାରା ସଂକଳିତ ଓ ସମ୍ପାଦିତ 'ନୟାଗଡ଼ ଜିଲ୍ଲାର ସାରସ୍ୱତ ମହକ' ପୁସ୍ତକ। ଏହି ଜିଲ୍ଲାର ଅନେକ ସାରସ୍ୱତ ସତୀର୍ଥ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ଶିଶୁ ସାହିତ୍ୟ, ପ୍ରବନ୍ଧ, ସମାଲୋଚନା ଆଦି ସାହିତ୍ୟର ବହୁବିଧ କ୍ଷେତ୍ରରେ ନିଜ ନିଜର ସ୍ୱାକ୍ଷର ଛାଡ଼ି ଯାଇଥିବା ଏହି ସ୍ରଷ୍ଟାଗଣ ଆଜି ସାହିତ୍ୟ ଆକାଶର ଧ୍ରୁବତାରା। ସେମାନଙ୍କ କୃତିର ଆଲୋକ ସର୍ବଦା ବର୍ତ୍ତମାନ ପିଢ଼ିକୁ ମାର୍ଗଦର୍ଶନ କରିବ ନିଶ୍ଚୟ। ନୟାଗଡ଼ ଜିଲ୍ଲାର ସାହିତ୍ୟିକଙ୍କ ସଂପର୍କିତ ଏହି ପୁସ୍ତକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

### ସାରା ଆକାଶ ତୁମର

ବିରଞ୍ଚି ନାରାୟଣ ଦରୱାନ




ଇଙ୍କଡିଓ ପବ୍ଲିକେଶନ୍ସ
ପୂଜାରୀଗୁଡ଼ା, ଚଣ୍ଡାହାଣ୍ଡି
ନବରଙ୍ଗପୁର
ପ୍ରଥମ ପ୍ରକାଶନ - ୨୦୨୫
ମୂଲ୍ୟ : ୨୯୯ ଟଙ୍କା

ପ୍ରିୟ ମଣିଷର ମଧୁର ସ୍ମୃତି ସର୍ବଦା ହୃଦୟରେ ଉଦ୍‌ବେଳନ ସୃଷ୍ଟି କରେ। ପୁଣି ବିଚ୍ଛେଦ ସ୍ମୃତି ମନ ଭିତରେ ବିରହ ଭାବନା ଜାଗ୍ରତ କରେ। ଏମିତି ପ୍ରେମ, ବିରହ, ମାନବୀୟ ଭାବାବେଗକୁ ନେଇ ରଚିତ ହୋଇଛି ବିରଞ୍ଚି ନାରାୟଣ ଦରୱାନଙ୍କ 'ସାରା ଆକାଶ ତୁମର' କାବ୍ୟ ପୁସ୍ତକ। ଏହି କାବ୍ୟକୁ ୧୩୦ଟି ଭାଗରେ ବିଭକ୍ତ କରାଯାଇଛି। ଦେହାତୀତ ପ୍ରେମ, ପ୍ରିୟ ମଣିଷ ପାଖକୁ ନିଜକୁ ସମର୍ପିତ କରିବାର ଭାବନା ଅନେକ ପଦପଂକ୍ତିରେ ପ୍ରତିଫଳିତ। ଜୀବନ ଜୀଇଁବାର ନିଆରାପଣ କବିଙ୍କ କାବ୍ୟଧାରାକୁ ଅଧିକ ମାର୍ଜିତ କରିଛି। ପ୍ରେମ, ବିରହ, ସ୍ମୃତି, ଆଶା, ଆକାଂକ୍ଷା, ପ୍ରକୃତି ପ୍ରୀତି, ଈଶ୍ୱରୀୟ ଚେତନାର ପରିପ୍ରକାଶ ଏହି ପୁସ୍ତକରେ ଅତ୍ୟନ୍ତ ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। କବି କେତେବେଳେ ପୁରୁଣା ଦିନକୁ ମନେ ପକାଇ ବିଭୋର ହୋଇଉଠିଛନ୍ତି ତ ପୁଣି କେତେବେଳେ ବର୍ତ୍ତମାନରେ ତଲ୍ଲୀନ ହୋଇପଡୁଛନ୍ତି। ମଣିଷ, ପ୍ରକୃତି, ଈଶ୍ୱର, ସମାଜ ଆଦି ବିବିଧ ଚିନ୍ତାଧାରାକୁ ନେଇ ରଚିତ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଛି। 'ସାରା ଆକାଶ ତୁମର'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କଲେ ସଞ୍ଜୟ କୁମାର ବିଶ୍ୱାଳ



ଭୁବନେଶ୍ୱର,୨୯ ।୮ (ସମିସ):ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ । ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୁଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡିଥିଲେ । ସୂଚନାଯୋଗ୍ୟ ଯେ, ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ । ଓଡିଶା ରାଜ୍ୟ ପରିବହନ ନିଗମ, କ୍ରୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସିଲା ସିମ୍‌ଯୁକ୍ତ...

କରିପାରିବ ବୋଲି କମ୍ପାନୀ ଦାବି କରୁଛି । ରେକର୍ଡ କରାଯାଇଥିବା କଥାବାର୍ତ୍ତାକୁ ପ୍ଲଡ୍ ଇଣ୍ଟେଲିଜେନ୍ସ ଟ୍ରାନ୍ସକ୍ରାଇବ କରିଥାଏ । ଏହାପରେ ଏଆଇ ସେହି କଣ୍ଟେଣ୍ଟରୁ ସାରାଂଶ, ଡକ୍ୟୁମେଣ୍ଟ, ପ୍ରେଜେଣ୍ଟେସନ, ସ୍ପ୍ରେଡସିଟ୍ ଓ ଟୁ-ଡୁ ଲିଷ୍ଟ ପ୍ରସ୍ତୁତ କରିପାରିବ । କମ୍ପାନୀ ଜି-ମେଲ୍, ଗୁଗଲ କ୍ୟାଲେଣ୍ଡର, ଗୁଗଲ୍ ଡ୍ରାଇଭ, ସ୍ଲାକ୍ ଓ ନୋସନ ଭଳି ସେବା ସହିତ ସମନ୍ୱୟ ମଧ୍ୟ ଦେବ । କିଛି ଫିଚର ଏବେ ବେଟାରେ ଅଛି ଓ ଭବିଷ୍ୟତର ଅପଡେଟ୍‌ରେ ଆସିବ । ଇୟରଫୋନରେ ୧୨ ଏମ୍‌ଏମ୍ ଡ୍ରାଇଭର, ୪୦ ଡିବି ପର୍ଯ୍ୟନ୍ତ ଆଡପ୍ଟିଭ ଆକ୍ଟିଭ ନୟେଜ କ୍ୟାନସଲେସନ୍, ଟ୍ରାନ୍ସପରେନ୍ସି ମୋଡ ଓ ଏଲ୍‌ଡିଏସି କୋଡେକ୍ ସପୋର୍ଟ ମଧ୍ୟ ମିଳୁଛି । କନେକ୍ଟିଭିଟି ପାଇଁ ବ୍ଲୁଟୁଥ୍ ୫.୪ ଦିଆଯାଇଛି । ରେକର୍ଡିଂ କାଳରେ ଇୟରଫୋନ୍ ପାଖାପାଖି ୬ ଘଣ୍ଟା ଓ ଚାର୍ଜିଂ କେସ୍ ୨୫ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବ । ତେବେ ଏହି ଇୟରବଡ୍‌ର ପ୍ରି-ଅର୍ଡର ଏବେ ଆମେରିକା, କାନାଡା, ବ୍ରିଟେନ ଓ କିଛି ଇୟୁରୋପୀୟ ଦେଶରେ ଉପଲବ୍ଧ ।

### ଓଡ଼ିଶାର ସ୍ୱାର୍ଥ ପାଇଁ...

ସହ ତାହାକୁ ଆଗକୁ ବଢ଼ାଇବେ । ଏହା ଅତ୍ୟନ୍ତ ଚିନ୍ତାର ବିଷୟ ଯେ ଆପଣମାନେ ଏପରି ଏକ ଅତ୍ୟନ୍ତ ଏକତରଫା ଆଇନକୁ ସମର୍ଥନ କରି ଭୋଟ ଦେଇଛନ୍ତି, ଯାହାର ଦୂରଗାମୀ ଏବଂ ଓଡ଼ିଶାବାସୀଙ୍କ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ । ନବୀନ କହିଛନ୍ତି ଯେ ଅଗଷ୍ଟ ୧୩ ତାରିଖରେ ଆପଣମାନଙ୍କ ସମର୍ଥନରେ ଲୋକସଭାରେ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ ପାରିତ ହେବା ଓଡ଼ିଶା ପାଇଁ ଏକ କଳା ଦିବସ ଥିଲା । ଓଡ଼ିଶାର ଲୋକମାନଙ୍କ ଉପରେ ଦୂରଗାମୀ ପ୍ରଭାବ ପକାଇବାକୁ ଥିବା ବ୍ୟବସ୍ଥା ଏହି ବିଲ୍‌ରେ ରହିଥିବା ସତ୍ତ୍ୱେ ଲୋକସଭାରେ ୧୦ ମିନିଟ୍‌ରୁ କମ୍ ସମୟ ଆଲୋଚନା ପରେ ଏହାକୁ ପାରିତ କରାଯାଇଥିଲା । ଏହା କୌଣସି ସାଧାରଣ ଆଇନ ପ୍ରଣୟନ ନଥିଲା । ଏହି ଆଇନ ଦ୍ୱାରା ଓଡ଼ିଶା ନିଶ୍ଚିତ ଭାବେ ସବୁଠାରୁ ଅଧିକ ପ୍ରଭାବିତ ହେବ । ଆପଣମାନେ ଭଲ ଭାବରେ ଜାଣନ୍ତି ଯେ ଭାରତର ମୋଟ ଖଣିଜ ସମ୍ପଦର ପ୍ରାୟ ୪୪ ପ୍ରତିଶତ ଓଡ଼ିଶାରେ ରହିଛି । ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ନିଜର ଖଣିଜ ସମ୍ପଦକୁ ଭାରତର ଇସ୍ପାତ, ବିଦ୍ୟୁତ, ଖଣି ଓ ଭିତ୍ତିଭୂମି କ୍ଷେତ୍ରର ନିର୍ମାଣରେ ଅବଦାନ ଦେଇ ଆସିଛି । ଆଜି ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ବିପୁଳ ଅବଦାନ ଯୋଗୁଁ ଭାରତ ଶକ୍ତିଶାଳୀ ଭାବେ ଠିଆ ହୋଇଛି । ମାତ୍ର ଏହି ସଂଶୋଧିତ ଆଇନ କାରଣରୁ ପ୍ରତିବର୍ଷ ୧୨ ହଜାର କୋଟି ଟଙ୍କାରୁ ଅଧିକ ଆର୍ଥିକ କ୍ଷତି ହେବାର ଆକଳନ କରାଯାଉଛି, ଯାହା ସମୟକ୍ରମେ ଲକ୍ଷ ଲକ୍ଷ କୋଟି ଟଙ୍କାର କ୍ଷତିର କାରଣ ହୋଇପାରେ । ଏତେବଡ଼ ଅନ୍ୟାୟ ଆପଣମାନଙ୍କର ଗୋଚରରେ ହିଁ ଘଟିଛି । ଆପଣମାନଙ୍କ ଗୋଚରରେ ହିଁ ଆମ ଖଣି ଓ ଖଣି ଅଞ୍ଚଳ ଉପରୁ ଆମର ନିୟନ୍ତ୍ରଣ ଛଡ଼ାଇ ନିଆଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଆଇନ ଓଡ଼ିଶାର ଶିଶୁ ଓ ଯୁବପିଢ଼ିଙ୍କ ପ୍ରତି ଏକ ଅନ୍ୟାୟ, ଯେଉଁମାନଙ୍କ ଭବିଷ୍ୟତ ଏହି ରାଜ୍ୟର ସମ୍ପଦ ଓ ସୁଯୋଗ ସହ ଜଡ଼ିତ । ଏହା ସେହି ଓଡ଼ିଶାବାସୀଙ୍କ ପ୍ରତି ମଧ୍ୟ ଏକ ଅନ୍ୟାୟ, ଯେଉଁମାନେ ଖଣି ଖନନର ପ୍ରଦୂଷଣ, ବିସ୍ଥାପନ, ପରିବେଶ ଅବକ୍ଷୟ, ବିପଦ ଏବଂ ଅନେକ କଷ୍ଟ ସହିଆସୁଛନ୍ତି । ସର୍ବୋପରି ଏହା ଏକ ସଶକ୍ତ ଓଡ଼ିଶା ଗଠନର ସ୍ୱପ୍ନ ପ୍ରତି ଏକ ବଡ଼ ଅନ୍ୟାୟ ତଥା ଆଘାତ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ମୁଁ ଆପଣମାନଙ୍କୁ ଆନ୍ତରିକ ଭାବେ ଅନୁରୋଧ କରୁଛି, ନିଜ ବିବେକର କଥା ଶୁଣନ୍ତୁ ଏବଂ ଓଡ଼ିଶାର ଭବିଷ୍ୟତ ପିଢ଼ି ବିଷୟରେ ଚିନ୍ତା କରନ୍ତୁ । ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ଯେ ଏମଏମଡିଆର ଆଇନରେ କରାଯାଇଥିବା ସେହି ସଂଶୋଧନକୁ ଚ୍ୟାଲେଞ୍ଜ କରନ୍ତୁ ଏବଂ ତାହାର ପ୍ରତ୍ୟାହାର ଦାବି କରନ୍ତୁ; ଯାହା ରାଜ୍ୟ ସରକାରଙ୍କ କ୍ଷମତା ଓ ଅଧିକାରକୁ ଛଡ଼ାଇ ନେଉଛି ।

ନବୀନ କହିଛନ୍ତି ଯେ ଇତିହାସ ସେହି ଲୋକମାନଙ୍କୁ ମନେ ରଖେ ଏବଂ ସମ୍ମାନ କରେ, ଯେଉଁମାନେ ନିଜ ଲୋକ ଓ ସେମାନଙ୍କ ସମ୍ପଦ ପ୍ରତି ଅନ୍ୟାୟ ହେଲେ ସ୍ୱର ଉଠାନ୍ତି । ଇତିହାସ ଆପଣମାନଙ୍କୁ ଏହା ଦେଖି ବିଚାର କରିବ ନାହିଁ ଯେ, ଆପଣମାନେ କେଉଁ ଦଳ ସହିତ ଠିଆ ହୋଇଥିଲେ; ବରଂ ଦଳ ଅପେକ୍ଷା ଓଡ଼ିଶାର ସ୍ୱାର୍ଥ ପାଇଁ କିଏ ଠିଆ ହୋଇଥିଲା, ଇତିହାସ ତାହା ବିଚାର କରିବ । ଶେଷରେ ନବୀନ କହିଛନ୍ତି ଯେ ଆପଣମାନେ ଏକ ଐତିହାସିକ ସନ୍ଧିକ୍ଷଣରେ ଠିଆ ହୋଇଛନ୍ତି । ଆପଣମାନଙ୍କ ସମ୍ମୁଖରେ ଏକ ବିକଳ୍ପ ରହିଛି ଯେଉଁ ରାଜ୍ୟ ଓ ଲୋକମାନେ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ଆପଣମାନଙ୍କୁ ଲୋକସଭାକୁ ଏକ ଜନାଦେଶ ସହ ପଠାଇଛନ୍ତି, ସେହି ରାଜ୍ୟ ଓ ଲୋକମାନଙ୍କ ପାଇଁ ଠିଆ ହୋଇ ସଂଗ୍ରାମ କରିବେ କି ନାହିଁ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।

### ଯେତେ ଖୋଜିଲେ...

ସୃଷ୍ଟି ହୋଇଥିବାରୁ ଏହା ଭାଙ୍ଗି ପୁଣି ଆକସ୍ମିକ ବନ୍ୟା ଆଣିପାରେ ବୋଲି ଆଶଙ୍କା କରାଯାଉଛି । ବନ୍ୟାର ଚାରି ଦିନ ପରେ ଚୀନ୍‌ର ଉଦ୍ଧାରକାରୀ ଦଳ ଆଜି ଗିରୋଙ୍ଗ ସୀମା ଯାଞ୍ଚ କେନ୍ଦ୍ରରେ ପହଞ୍ଚିଛି । ମାତ୍ର ସେଠାରେ ସେମାନଙ୍କୁ ମିଳିଛି ଧ୍ୱଂସାବଶେଷ ଓ କାଦୁଅର ମୋଟା ଆସ୍ତରଣ । ଏହି ଇମିଗ୍ରେସନ୍ କୋଠା ସଦ୍‌ଗୁରୁଙ୍କ ଅସ୍ଥାୟୀ କ୍ୟାମ୍ପ ଥିଲା ବୋଲି କୁହାଯାଉଛି । ତେବେ ବନ୍ୟାରେ ଏହି କୋଠା ଭାସିଯାଇଛି । ସେଠାରେ ଏବେ କେବଳ ଧ୍ୱଂସାବଶେଷ ପଡ଼ି ରହିଛି । ବନ୍ୟା ସମୟରେ ଅନେକ ଭାରତୀୟ ତୀର୍ଥଯାତ୍ରୀଙ୍କ ସମେତ ସଦ୍‌ଗୁରୁଙ୍କ ୮୦ ଜଣିଆ ଟିମ୍ ମଧ୍ୟ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ କାହାରି ପତ୍ତା ମିଳୁନାହିଁ । ଅଗଷ୍ଟ ୨୫ର ଭୟଙ୍କର ବନ୍ୟା ଓ କାଦୁଅର ସ୍ରୋତ ଗିରୋଙ୍ଗ ସୀମା କେନ୍ଦ୍ରକୁ ମାଡ଼ି ଆସିଥିଲା । ଏହାର ପ୍ରଭାବରେ ଘର, ଗାଡ଼ି, ରାସ୍ତା ଓ ବ୍ରିଜ୍ ସମେତ ବ୍ୟାପକ ଭିତ୍ତିଭୂମି ନଷ୍ଟ ହୋଇଛି । ୨୧ ଜଣିଆ ଚୀନ୍‌ର ଉଦ୍ଧାରକାରୀ ଦଳ ଏକ ସନ୍ଧାନୀ କୁକୁର ସହ ପାହାଡ଼, ଉପତ୍ୟକା ଓ ଜଙ୍ଗଲ ଅତିକ୍ରମ କରି ଆଜି ଘଟଣାସ୍ଥଳରେ ପହଞ୍ଚିଛନ୍ତି । ବନ୍ୟାରେ ମୁଖ୍ୟ ରାସ୍ତା ଧୋଇଯାଇଥିବାରୁ ଉଦ୍ଧାରକାରୀମାନେ ଦଉଡ଼ି ସାହାଯ୍ୟରେ ପାହାଡ଼ ଓ ଜଙ୍ଗଲ ମଧ୍ୟ ଦେଇ ଯାତ୍ରା କରିଥିଲେ । ଉଦ୍ଧାରକର୍ମୀଙ୍କ କହିବା ଅନୁସାରେ, ସେଠାକୁ ଯିବା ପାଇଁ ରାସ୍ତା ନଥିଲା । ଚାରିଆଡ଼ ଜଙ୍ଗଲ ଓ ପାହାଡ଼ ଥିଲା । ସୀମା କେନ୍ଦ୍ରରେ ପହଞ୍ଚିବା ପରେ ଦୃଷ୍ଟି ଯାଏଁ କେବଳ ଧ୍ୱଂସାବଶେଷ ହିଁ ଦେଖାଯାଇଥିଲା । ବନ୍ୟା ସମୟରେ ଆଧ୍ୟାତ୍ମିକ ଗୁରୁ ସଦ୍‌ଗୁରୁଙ୍କ ଈଶା ଫାଉଣ୍ଡେସନ୍‌ର ୮୦ ଜଣିଆ ଦଳ ଏହି କେନ୍ଦ୍ରରେ ଥିଲା । ଏଥିରେ ୪୬ ଜଣ ମହିଳା ଓ ୩୪ ଜଣ ପୁରୁଷ ଥିବା ବେଳେ ସେମାନେ ୧୯ଟି ଦେଶର ନାଗରିକ ଥିଲେ ।।

ସଦ୍‌ଗୁରୁ ଏକ ଭାବବିହ୍ୱଳ ଭିଡିଓରେ କହିଥିଲେ ଯେ, ତାଙ୍କ ଦଳ ବିପର୍ଯ୍ୟୟର କିଛି ମିନିଟ୍ ପୂର୍ବରୁ ଏହି କେନ୍ଦ୍ରରେ ପହଞ୍ଚିଥିଲା । କୈଳାସ-ମାନସରୋବର ଯାତ୍ରା ପାଇଁ ଏହି ରାସ୍ତା ବହୁଳ ଭାବେ ବ୍ୟବହୃତ ହୁଏ । ବନ୍ୟା ସମୟରେ ସୀମା କାର୍ଯ୍ୟାଳୟ ନିକଟରେ ୫୦ରୁ ଅଧିକ ଭାରତୀୟ ତୀର୍ଥଯାତ୍ରୀ ଥିବା ଜଣାପଡ଼ିଛି । ଏହାଛଡ଼ା ଆମେରିକାର ଏକ ଯାତ୍ରା ସଂସ୍ଥାର ପ୍ରାୟ ୪୦ ଜଣ ଯାତ୍ରୀ ମଧ୍ୟ ତିବ୍ବତ ଯିବା ପାଇଁ ଏହି ସୀମା କେନ୍ଦ୍ର ଦେଇ ଯିବାର ଯୋଜନା କରିଥିଲେ ।

### 'ସୁଭଦ୍ରା' ଟଙ୍କା...

ଏଥିରେ ଉତକ୍ଷିପ୍ତ ହୋଇ ଗିରୀଶ କୌଶଲ୍ୟାଙ୍କୁ ସେଠାରୁ ପିଟି ପିଟି ଘରକୁ ଆଣିଥିଲେ । ବିଳମ୍ବିତ ରାତ୍ରିରେ ଗିରୀଶ ନିଶାସକ୍ତ ଅବସ୍ଥାରେ କୌଶଲ୍ୟାଙ୍କୁ ଶାବଳ ଓ ବାଡ଼ି ସାହାଯ୍ୟରେ ପିଟିପିଟି ହତ୍ୟା କରିଥିଲେ । ପରେ ପ୍ରମାଣ ନଷ୍ଟ କରିବାକୁ ମୃତଦେହ ଘର ପଛପଟ ପାଇଖାନା ଟାଙ୍କି ପୋତିଦେଇଥିଲେ । ତେବେ ଶନିବାର ସକାଳେ ପାଇଖାନା ଟାଙ୍କି ଭିତରୁ କୌଶଲ୍ୟାଙ୍କ ହାତ ପାପୁଲି ଦିଶୁଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ମୃତଦେହ ଉଦ୍ଧାର କରିଥିଲା । ଏସଡିପିଓ, ଅତିରିକ୍ତ ଏସପିଙ୍କ ସମେତ ପୁଲିସ୍‌ର ଏକ ଟିମ୍ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ତେବେ ଏହି ସମୟରେ ଗିରୀଶ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାଙ୍କୁ ଗାଁ ନିକଟ ପଡ଼ିଆ ପାଖରୁ ଗିରଫ କରିଛି । ପଚରାଉଚରା ପରେ ଗିରୀଶ ପୁଲିସ ଆଗରେ ସବୁ କଥା ସ୍ୱୀକାର କରିଛନ୍ତି । ପୁଲିସ ଗିରୀଶଙ୍କୁ ଗିରଫ କରି କ୍ରାଇମ୍ ସିନ୍ ରିକ୍ରିଏଟ କରିବା ସହ ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଓ ବାଡ଼ି ଜବତ କରିଛି ।

### ବାପାଙ୍କ ଟଙ୍କା...

ଏହି ଟଙ୍କାକୁ ନେଇ ଦୁଇଭାଇଙ୍କ ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା । ଗତକାଲି ବାଇକ୍ କିଣିବା ପାଇଁ ବଡ଼ଭାଇକୁ ସାନଭାଇ ଟଙ୍କା ମାଗିଥିଲା । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ସହିତ ମାରପିଟ୍ ମଧ୍ୟ ହୋଇଥିଲା । ଏଥିରେ ରାଗିଯାଇ ବଡ଼ଭାଇ ରାଜକିଶୋର ଏକ ଲୁହା ପାଇପ୍ ଆଣି ବୀରକିଶୋରଙ୍କ ମୁଣ୍ଡରେ ଶକ୍ତ ଆଘାତ ଦେଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଭଉଣୀ ମନୋରମା ମହାନ୍ତଙ୍କ ଲିଖିତ ଅଭିଯୋଗକ୍ରମେ ଅଭିଯୁକ୍ତ ବଡଭାଇ ରାଜକିଶୋରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାରିପଦା ସଦର ଥାନା ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି ।

### ୨୦୨୯ ସୁଦ୍ଧା...

ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି । ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି । ମହିଳା ହିଂସାର ସଜା ହାର ୪୦ ପ୍ରତିଶତରୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି । ପାର୍ବଣ ଋତୁ ଆଗତ ହେଉଥିବାରୁ "ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମୁଦ୍ରପଥରେ ଅନୁପ୍ରବେଶକୁ ରୋକିବା ପାଇଁ ପୁଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରି କହିଥିଲେ ଭୁବନେଶ୍ୱରଠାରେ କମାଣ୍ଡ ୧୦ଟି ଡ୍ରୋନ୍, ୫ଟି ଟ୍ରଲର୍, ୧୦ଟି ଆଧୁନିକ ଇଣ୍ଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଅଲ୍ ଟେରେନ୍ ଭେଇକିଲ୍ ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି । ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୁଲିସକୁ ପରାମର୍ଶ ଦିଆଯାଇଛି । ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଛି । ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୁଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି । ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଫଳ ଓ ଶାନ୍ତିପୂର୍ଣ୍ଣ ପରିଚାଳନା ପାଇଁ ପୁଲିସ ବାହିନୀର ପ୍ରଶଂସା କରିଥିଲେ । ସମ୍ମିଳନୀରେ ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଅସାମାଜିକ କାର୍ଯ୍ୟକଳାପ ରୋକିବା, ସମ୍ବେଦନଶୀଳ ଓ ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ପୁଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ଏବଂ ନିଶାଦ୍ରବ୍ୟ ବେଆଇନ କାରବାର ବିରୋଧରେ ବିଶେଷ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ତଥା ପୁଲିସ ମହାନିର୍ଦ୍ଦେଶକ ଆରପି କୋଚେ, ପୁଲିସ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା ସମେତ ରାଜ୍ୟର ସମସ୍ତ ଡିଜିପି ଓ ଆଇଜିପି ଉପସ୍ଥିତ ଥିଲେ ।

# ସ୍କ୍ରବ୍ ଟାଇଫସ୍ ଜ୍ୱରରେ ଜଣେ ମୃତ, ୧୦ରୁ ଅଧିକ ଆକ୍ରାନ୍ତ

## ସାନବାଗଦରି ଗାଁରେ ଜନସ୍ୱାସ୍ଥ୍ୟ ବିଭାଗ ଟିମ, ରକ୍ତ ନମୁନା ଯାଞ୍ଚ



ପାଲଲହଡ଼ା,୨୯ ।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ପବିତ୍ରପୁର ପଞ୍ଚାୟ ସାନବାଗଦରି ଗାଁରେ ସ୍କ୍ରବ୍ ଟାଇଫସ୍ ଜ୍ୱର ଆତଙ୍କ ଦେଖାଦେଇଛି । ସ୍କ୍ରବ୍ ଟାଇଫସ୍ ଜ୍ୱରରେ ଆକ୍ରାନ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗାଁର ସୁମନ୍ତ ସେଠୀ । ଗାଁରେ ବର୍ତ୍ତମାନ ସୁଦ୍ଧା ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ଥିବା ସୂଚନା ମିଳିଛି । ଫଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଗାଁରେ ଜନସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଟିମ ପହଞ୍ଚି ରକ୍ତ ନମୁନା ଯାଞ୍ଚ କରିଛି । ଆକ୍ରାନ୍ତଙ୍କ ଦେହ, ହାତଗୋଡ଼ ଘୋଳାବିନ୍ଧା ହେବା ସହ ମୁଣ୍ଡବ୍ୟଥା ଓ ଜ୍ୱର ଅନୁଭବ କରୁଛନ୍ତି । ଏ ନେଇ ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ଆଜି ତତ୍ପରତା ପ୍ରକାଶ ପାଇଛି । ଜନସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରକୁ ଘର ଯାଇ ରକ୍ତ ନମୁନା ସଂଗ୍ରହ କରିବା ସହ ଯାଞ୍ଚ କରିଛି । ବର୍ତ୍ତମାନ ସୁଦ୍ଧା ୬୦ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା ପରେ ୧୦ ଜଣଙ୍କ ପଜିଟିଭ ଥିବା ଡାକ୍ତରୀ ଦଳ ସ୍ପଷ୍ଟ କରିଛନ୍ତି । ଆକ୍ରାନ୍ତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯିବ ବୋଲି ଡିପିଏଚ୍‌ଓ ମନୋଜ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି । ଡାକ୍ତରୀ ଦଳରେ ୫ ଡାକ୍ତରଙ୍କ ସମେତ ରକ୍ତ ପରୀକ୍ଷା ପାଇଁ ୪ ଟେକ୍ନିସିଆନ, ସ୍ଥାନୀୟ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ପାଲଲହଡ଼ାରୁ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ରହିଛନ୍ତି । ରୋଗର ସ୍ଥିତି ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଟିମ୍ ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଇଛି । ଜିଲ୍ଲାରୁ ଡାକ୍ତରୀ ଟିମ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।

## ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ ବଢ଼ିଲା

# ଆଗୁଆ ଜାମିନ ଆବେଦନ ଖାରଜ

କଟକ,୨୯ ।୮ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ପାଇଁ ବଢିଛି ଅଡୁଆ । ଜେଲ୍ ରେକର୍ଡ ଜାଲିଆତି ଏବଂ ବିଚାରାଧୀନ ବିହାରୀ କଏଦୀ ଫେରାର୍ ଘଟଣାରେ ସମ୍ପୃକ୍ତି ଅଭିଯୋଗ ନେଇ ଚୌଦ୍ୱାର ଥାନାରେ ରୁଜୁ ମାମଲାରେ ଶ୍ରୀ ରାଉଳଙ୍କ ଆଗୁଆ ଜାମିନ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଛନ୍ତି । ଜଷ୍ଟିସ ଭି. ନରସିଂହ ଏହି ଆବେଦନର ଶୁଣାଣି ଶେଷ କରି ଗତ ୨୪ ତାରିଖରେ ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ଏହାର ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ବର୍ତ୍ତମାନ ସ୍ଥିତିରେ ଆଗୁଆ ଜାମିନ ପ୍ରଦାନ କଲେ ମାମଲାର ନିରପେକ୍ଷ ତଦନ୍ତ ବାଧାପ୍ରାପ୍ତ ହେବ ବୋଲି ହାଇକୋର୍ଟ କହିବା ସହ ପୂର୍ବରୁ ରହିଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇଦେଇଛନ୍ତି । ଫଳରେ ଶ୍ରୀ ରାଉଳଙ୍କ ଗିରଫଦାରୀ ଆଶଙ୍କା ବଢିଛି । ମାମଲାରୁ ପ୍ରକାଶ ଯେ ଚୌଦ୍ୱାର ଜେଲରୁ ଦୁଇଜଣ ବିଚାରାଧୀନ ବିହାରୀ କଏଦୀ ଖସି ପଳାଇବା ପରେ ଏହାର ତଦନ୍ତ ଚାଲିଥିଲା । ନିଜର ଦାୟିତ୍ୱହୀନତାକୁ ଲୁଚାଇବା ପାଇଁ ଏବଂ ତଦନ୍ତକୁ ବିଭ୍ରାନ୍ତ କରିବା ଲାଗି ଶ୍ରୀ ରାଉଳ ଜେଲର ସରକାରୀ 'ମିନିଟ୍ ବୁକ୍'ରେ ଅସାଧୁ ଉପାୟରେ ପରିବର୍ତ୍ତନ ଓ ପୂର୍ବତନ ଜେଲରଙ୍କ ଜାଲ୍ ସ୍ୱାକ୍ଷର କରିଥିବା ଅଭିଯୋଗ ହୋଇଥିଲା । ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ଏନେଇ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ । ପୁଲିସ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା । କୋର୍ଟ ନିଜ ଆଦେଶରେ ଉଲ୍ଲେଖ କରିଛନ୍ତି ଯେ 'ମିନିଟ୍ ବୁକ୍' ହଜିବା ଏବଂ ଗାଏବ ହେବା ନେଇ ଆବେଦନକାରୀ ଭିନ୍ନ ଭିନ୍ନ ସମୟରେ ବଦଳୁଥିବା ମନ୍ତବ୍ୟ ଦେଇଛନ୍ତି । ପୁଲିସ ବାରମ୍ବାର ନୋଟିସ ପଠାଇବା ସତ୍ତ୍ୱେ ଅଧୀକ୍ଷକ ମୂଳ ଜେଲ୍ ରେକର୍ଡ ତଥା ମିନିଟ ବୁକ ପ୍ରଦାନ କରି ନଥିଲେ । ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଅଭିଯୁକ୍ତ ଯଦି ନିମ୍ନ ଅଦାଲତ (କଟକ ଜେଏମଏଫସି-୨)ରେ ଆତ୍ମସମର୍ପଣ କରି ନିୟମିତ ଜାମିନ ପାଇଁ ଆବେଦନ କରନ୍ତି, ତେବେ ତାହାକୁ ଆବେଦନର ମେରିଟ ଆଧାରରେ ବିଚାର କରାଯିବ ।

**AFFIDAVIT**

I, Nazifa Neelam, Aged About 51 Years, W/o- Md Belal Khan, At-Kanipadasabalanga, Po-Sabalanga Kanipada, ps-Derabish, Pin-754208, Dist-Kendrapada, Odisha, declared by this Affidavit No.987/2026 Dated.28.03.2026, hat now onwards I shall Be Known As **NAJIPHA NILAM** That for all future Purposes.

**AFFIDAVIT**

I, MOHAMMED BELAL aged about 57 years, S/O-MOHAMMED JALAL, AT-KANIPADA SABALANGA,PO-SABALANGA KANIPADA,PS-DERABISH,PIN-754208,DIST-KENDRAPADA,ODISHA, declared by this Affidavit No.988/2026 Dated.28.03.2026, hat now onwards I shall Be Known As **MD BELAL KHAN** for all future Purposes.

**AFFIDAVIT**

I, Savinder Kaur, aged 32 years, W/o- Mandeep Singh Uppal, resident of Near SBDS School, Vedvyas, Rourkela, PS: Brahmanitarang, Dist: Sundargarh, PIN-769004, Odisha declared by this affidavit No. 176, dtd- 28/08/2026 that now onwards I shall be known as **SAVINDER KOUR** for all future purposes.

## ମଧ୍ୟସ୍ଥତା ମାମଲା ପରିଚାଳନାରେ ଅବହେଳା ନେଇ ହାଇକୋର୍ଟଙ୍କ ଉଦବେଗ

# ଦକ୍ଷ ଆଇନଜୀବୀ ପ୍ୟାନେଲ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ

କଟକ,୨୯ ।୮ (ସମିସ): ରାଜ୍ୟ ସରକାର ଓ ଏହାର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ମଧ୍ୟସ୍ଥତା(ଆର୍ବିଟ୍ରେସନ୍) ମାମଲାଗୁଡ଼ିକ ପରିଚାଳନାରେ ଅବହେଳା, ଦକ୍ଷତାର ଅଭାବକୁ ନେଇ ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଆର୍ବିଟ୍ରେସନ୍ ଟ୍ରିବ୍ୟୁନାଲ୍ ଓ ଏମଏସଏମଇ କୋର୍ଟଗୁଡ଼ିକରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନାରେ ଦୃଶ୍ୟମାନ ହେଉଥିବା ଦୁର୍ବଳତା ଯୋଗୁଁ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କାର କ୍ଷତି ହେଉଥିବା ନେଇ ହାଇକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି । ରାଜ୍ୟ ସରକାର କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ମଧ୍ୟସ୍ଥତା ମାମଲା ପରିଚାଳନା ପାଇଁ ଏକ ମାସ ମଧ୍ୟରେ ଅଭିଜ୍ଞ ତଥା ଦକ୍ଷତା ଥିବା ଓକିଲଙ୍କର ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଗଠନ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପୋରେଲ ଦାସ ୱାଟର ଆଣ୍ଡ ଇଫ୍ଲୁଏଣ୍ଟ ପକ୍ଷରୁ ରୁଜୁ ଏକ ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । ଏହି ପ୍ୟାନେଲ୍ ପ୍ରସ୍ତୁତି ପୂର୍ବରୁ ସମ୍ପୃକ୍ତ ଆଇନଜୀବୀଙ୍କ ଯୋଗ୍ୟତା, ଅଭିଜ୍ଞତା ଓ ପୂର୍ବ ରେକର୍ଡର ସୂକ୍ଷ୍ମ ଯାଞ୍ଚ କରିବାକୁ କୁହାଯାଇଛି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ପାଣ୍ଠି ହେଉଛି ଜନସାଧାରଣଙ୍କ କଷ୍ଟାର୍ଜିତ ଅର୍ଥ ଏବଂ ସରକାର ଏହାର ଟ୍ରଷ୍ଟି ମାତ୍ର । ଅଦକ୍ଷତା କିମ୍ବା ଅବହେଳା ଯୋଗୁଁ ଏହି ଅର୍ଥ ନଷ୍ଟ ହେବାକୁ ଦିଆଯାଇପାରିବ ନାହିଁ । ମାମଲା ପରିଚାଳନାରେ ଅସାଧୁତା କିମ୍ବା ଅବହେଳା ପ୍ରଦର୍ଶନ କରିଥିବା ସରକାରୀ ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭବିଷ୍ୟତରେ ଏଭଳି ଅଧିକାରୀଙ୍କୁ ଆର୍ବିଟ୍ରେସନ୍ ମାମଲାର ଦାୟିତ୍ୱରୁ ବଞ୍ଚିତ କରିବାକୁ କୁହାଯାଇଛି । ନୂତନ ଭାବେ ଗଠିତ ଆଇନଜୀବୀ ପ୍ୟାନେଲର ବିବରଣୀ ଏକ ମାସ ମଧ୍ୟରେ ହାଇକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାର ଆର୍ବିଟ୍ରେସନ୍ ମାମଲାରେ ଗୋଟିଏ ହାତ ବାନ୍ଧି ଲଢେଇ କରିପାରିବେ ନାହିଁ । ଜନସାଧାରଣଙ୍କ ଅର୍ଥ କୌଣସି ବ୍ୟକ୍ତିଗତ ପାଣ୍ଠି ନୁହେଁ । ଅବହେଳା କିମ୍ବା ଦୁର୍ବଳ ପରିଚାଳନା ଯୋଗୁଁ ହେଉଥିବା ଆର୍ଥିକ କ୍ଷତି କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସପ୍ରତି ବିଶ୍ୱାସଘାତକତା ବୋଲି ଅଦାଲତ କଡ଼ା ଟିପ୍ପଣୀ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର୨୫କୁ ଧାର୍ଯ୍ୟ କରାଯାଇଛି ।

# ଗୁଟକା ଓ ତମାଖୁଯୁକ୍ତ ପାନମସଲା କଟକଣା ନିର୍ଦ୍ଦେଶନାମା କାଏମ୍

କଟକ,୨୯ ।୮ (ସମିସ): ରାଜ୍ୟରେ ଚିୱିଂ ଟବାକୋ ବା ଗୁଟକା ପ୍ରସ୍ତୁତି ଓ ବିକ୍ରି ଉପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଲଗାଯାଇଥିବା କଟକଣା ବିରୋଧରେ ଦାୟର ହୋଇଥିବା ମାମଲାଗୁଡ଼ିକୁ ହାଇକୋର୍ଟ ଖାରଜ କରିଛନ୍ତି । ଗୋପାଳ ଆରୋମାଟିକ୍ ଓ ଅନ୍ୟାନ୍ୟ କମ୍ପାନୀ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ରାଜ୍ୟ ସରକାରଙ୍କ ଗତ ୨୦୨୬ ଜାନୁଆରୀ ୨୧ ତାରିଖର ବିଜ୍ଞପ୍ତିକୁ ଆଇନସମ୍ମତ ଘୋଷଣା କରିଛନ୍ତି । ସମ୍ବିଧାନ ଧାରା ୪୭ ଅନୁଯାୟୀ ଜନସ୍ୱାସ୍ଥ୍ୟର ସୁରକ୍ଷା କରିବା ରାଜ୍ୟର ମୌଳିକ କର୍ତ୍ତବ୍ୟ । ବ୍ୟବସାୟିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନର ଅଧିକାର (ଧାରା ୨୧) ଅଧିକ ଗୁରୁତ୍ୱପୂର୍ଣ୍ଣ । ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏହି ନିର୍ଦ୍ଦେଶନାମା ଏଫଏସଏସଏ ଆଇନ ଓ ନିୟମାବଳୀର କାର୍ଯ୍ୟକାରିତା ପାଇଁ ଲାଗୁ ହେବ ଏବଂ ଜିଏସଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକ ଆଇନ ଅନୁଯାୟୀ ସ୍ୱତନ୍ତ୍ର ଭାବେ ବିଚାର କରାଯିବ । ଏଫଏସଏସଏ(ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬) ଆଇନର ଧାରା ୩(୧)(ଜେ) ଅନୁଯାୟୀ ଚୋବାଇ ଫୋପାଡ଼ି ଦିଆଯାଉଥିବା ସାମଗ୍ରୀ (ଯେପରିକି ଚୁଇଙ୍ଗମ୍) ଯଦି ଖାଦ୍ୟ ହୋଇପାରେ, ତେବେ ତମାଖୁ ମଧ୍ୟ ଏହି ଆଇନ ଅଧୀନରେ ଆସୁଛି । ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଏଫଏସଏସଏ ନିୟମାବଳୀର ଅନୁପାଳନ ପାଇଁ ଉଦ୍ଦିଷ୍ଟ । କୋଟପା (ସିଗାରେଟ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ-୨୦୦୩) ଆଇନ ତମାଖୁ ବ୍ୟବସାୟ ଓ ବିଜ୍ଞାପନ ନିୟନ୍ତ୍ରଣ କରୁଥିବା ବେଳେ ଏଫଏସଏସଏ ଆଇନ ଖାଦ୍ୟ ସୁରକ୍ଷା ସହ ଜଡ଼ିତ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହ ଗୁଟକା ଓ ତମାଖୁ ପାନମସଲା କଟକଣା ବିଜ୍ଞପ୍ତି ଉପରେ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ରହିତାଦେଶକୁ ହାଇକୋର୍ଟ ପ୍ରତ୍ୟାହାର କରିଛନ୍ତି । ମାମଲାରୁ ପ୍ରକାଶ ଯେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗତ ୨୦୨୬ ଜାନୁଆରୀ ୨୧ରେ ଏକ ବିଜ୍ଞପ୍ତି ଜାରି କରି ତମାଖୁ କିମ୍ବା ନିକୋଟିନ୍ ଯୁକ୍ତ ସମସ୍ତ ଗୁଟଖା, ପାନ ମସଲା ବିକ୍ରି ଓ ଉତ୍ପାଦନ ଉପରେ କଟକଣା ଲଗାଇଥିଲେ ।

GOVERNMENT OF ODISHA
**Panchayatsamiti, Kantamal**
E-Procurement Notice
19001/222/2627
Bid Identification No. PS KRLMTD-T-12/2026-27

| | | | |
|---|---|---|---|
| 1 | No. of the work | : | Patching works 2 nos. |
| 2 | Estimated cost | : | Rs. 19.10 lakh & Rs. 20.42 lakh |
| 3 | Class of Contractor | : | "C" or "D" & "E" |
| 4 | Period of completion | : | 3 months |
| 5 | Date and time of availability of bid documents in the portal | : | 11:00 hrs of 26.08.2026 to 17.00 hrs of 09.09.2026 |
| 6 | Last date / Time for receipt of bid in the portal | : | 17:00 hour of 09.09.2026 |
| 7 | Name and Address of the Officer Inviting Bid | : | Block Development Officer, Kantamal |
| 8 | Date & Venue of Opening of the Single Cover Bid and Technical Bid (Cover 1). | : | On 10.09.2026 at 11:00 AM in the Office of the Panchayatsamiti, Kantamal |

Further details can be seen from the e-procurement portal www.tendersodisha.gov.in

OIPR-19001/19429/1/26-27/0001
Block Development Officer
Kantamal

GOVERNMENT OF ODISHA
OFFICE OF THE DIVISIONAL FOREST OFFICER,
BAMRA WILDLIFE DIVISION, BAMRA, SAMBALPUR
8001/286/2627
At/PO- Bamra, Dist- Sambalpur E-mail – dfobmbwl004@gmail.com
BID IDENTIFICATION No. IF-BMB 105 / Dt.28.08.2026 (online)/2026-27

**E-procurement notice**

No. 195
Dated. 28.08.2026

The Divisional Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate bids in **single cover** System in **ONLINE** Mode.

| | | | |
|---|---|---|---|
| 1. | No. of work (Project) | :- | 07 (Seven) Nos |
| 2. | Estimated cost | :- | Rs.10,79,003/- to Rs.10,83,051 (Excluding 18% GST) |
| 3. | Tender Cost | :- | Rs.5,000/- for each project. |
| 4. | Class of Contractor | :- | "C" & "D" Class Contractors. |
| 5. | Period of completion | :- | 90 (Ninety) Calender days |
| 6. | Availability of bid document in the website. | :- | 18:00 Hours of 31.08.2026 to 17:00 Hours of 18.09.2026. |
| 7. | Date of Opening of Tenders | :- | 11:30 Hours on dt.19.09.2026. |
| 8. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

OIPR-8001/8144/1/26-27/0005
Divisional Forest Officer,
Bamra Wildlife Division.

TPCODL
TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2026-27/NIT/10

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2026-27/1000013102 | Rate Contract for SITC of Fire Hydrant System for DT workshop |
| 2 | TPCODL/P&S/2026-27/1000013103 | Civil Works for Construction of Residential Training Centre |
| 3 | TPCODL/P&S/2026-27/1000013120 | Rate Contract for Mobile LED Display Vehicle (Suraksha Sachtana Rath) – Safety Awareness Campaign |
| 4 | TPCODL/CCG/2026-27/1000013245 | Rate Contract for LAN Cabling Work at TP Odisha DISCOMs |
| 5 | TPCODL/CCG/2026-27/1000013246 | Rate Contract for SITC of UPS of Different Ratings at TP Odisha DISCOMs |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com.** Future communication / corrigendum to tender documents, if any, shall be available on TPCODL website.

# ୯ ପଞ୍ଚାୟତରେ ହୋଇପାରୁନି ଉନ୍ନୟନମୂଳକ କାର୍ଯ୍ୟ




ଦୋଳସାହି,୨୯।୮ (ସମିସ): ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତକୁ ପଞ୍ଚାୟତର କ୍ଷତି ହୋଇଥିବା ରାସ୍ତା ଓ ବିଦ୍ୟାଳୟର ମରାମତି ପାଇଁ ସହାୟତା ପ୍ରଦାନ କରିଥିବାବେଳେ ଏହି ଅନୁଦାନ ଅର୍ଥର କାର୍ଯ୍ୟ ତିହିଡ଼ି ବ୍ଲକ୍‌ର ୯ ପଞ୍ଚାୟତରେ ହୋଇପାରୁ ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଚାନ୍ଦବାଲି ନିର୍ବାଚନମଣ୍ଡଳୀର ୯ ପଞ୍ଚାୟତ ଯଥା ଗୋବିନ୍ଦପୁର, ବାରସର, ବାମନବିନ୍ଧା, ହରସିଂପୁର, ସାହାପୁର, ରାଜନଗର, ଦୌଲତପୁର, ଜାମଯୋଡ଼ି ପ୍ରମୁଖ ତିହିଡ଼ି ବ୍ଲକ୍‌ର ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହି ପଞ୍ଚାୟତରେ ସରକାରଙ୍କ ଏହି ସହାୟତା ଅର୍ଥ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି। ଫଳରେ ଏହି କାର୍ଯ୍ୟକ୍ରମ ହୋଇପାରୁ ନ ଥିବା ତିହିଡ଼ି ବିଡିଓ ନିରଞ୍ଜନ ବାରିକ ସୂଚନା ଦେଇଛନ୍ତି।

# ସରସ୍ୱତୀ ବେଦପାଠଶାଳାରେ ଶ୍ରାବଣୀ ଉପାକର୍ମ ଓ ବାର୍ଷିକୋତ୍ସବ



ଭଦ୍ରକ,୨୯।୮ (ସମିସ): ସରସ୍ୱତୀ ବୈଦିକ ବିଦ୍ୟାପୀଠରେ ଶ୍ରାବଣୀ ପୂର୍ଣ୍ଣିମା ଉପାକର୍ମ ଓ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ଡ. ସଦାନନ୍ଦ ଦୀକ୍ଷିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ବିଦ୍ୟା ବିହାରର ଶହଶହ ଛାତ୍ରଛାତ୍ରୀ ସ୍ୱାଗତ କରିବା ପରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଋତ୍ୱିକ୍ ଭାବରେ ଯୋଗଦେଇ ବେଦବଟୁମାନଙ୍କୁ ବୈଦିକ ସଂକଳ୍ପ କରାଇବା ପରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ଭଦ୍ରକ ଜିଲ୍ଲା ସଭାପତି ଆଚାର୍ଯ୍ୟ ଚିନ୍ମୟାନନ୍ଦ, ବରିଷ୍ଠ ପଣ୍ଡିତଗଣ କୃଷ୍ଣ ଚନ୍ଦ୍ର ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ଦୀକ୍ଷିତ, ନରହରି ଦାଶ, ବିନୋଦ ଦାଶ, ରମାକାନ୍ତ ଶତପଥୀ, ରାମଚନ୍ଦ୍ର ପଣ୍ଡା, ପୀତାମ୍ବର ପତି, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ବେଦବଟୁକମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲବ୍ଧାବସର ମୁଖ୍ୟଯନ୍ତ୍ରୀ ଇଂ ସୁବ୍ରତ କୁମାର ଦାଶ, ଡ. ଭାଗବତ ତ୍ରିପାଠୀ, ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ, ରାଜେନ୍ଦ୍ର ପଣ୍ଡା, ମନୋଜ ପଣ୍ଡା, ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଦେବୀ ପ୍ରମୁଖ ଯୋଗଦେଇ ବେଦପାଠଶାଳାର ଉନ୍ନତି କାମନା କରିଥିଲେ। ପ୍ରାରମ୍ଭରେ ବେଦାଚାର୍ଯ୍ୟ ସଞ୍ଜୟ କୁମାର ପାଣିଗ୍ରାହୀ, ପଣ୍ଡିତ ଦୀପକ ପାଢ଼ୀ ଓ ପଣ୍ଡିତ ପ୍ରଭଞ୍ଜନ ପତିଙ୍କ ଦ୍ୱାରା ବୈଦିକ ଯଜ୍ଞର ଆୟୋଜନ କରାଯାଇଥିଲା। ବେଦବଟୁକମାନେ ଶ୍ରୌତ୍ରୀୟ ବିଧିରେ ସଂସ୍କାରିତ ହେବା ପରେ ଉପବୀତ ଧାରଣ କରିଥିଲେ ଏବଂ ବେଦପାଠର ଶୁଭାରମ୍ଭ କରାଯାଇଥିଲା। ବିଧାୟକ ଶ୍ରୀ ମହାପାତ୍ର ସରସ୍ୱତୀ ବିହାର ବେଦପାଠଶାଳା, ପୋଥି ସଂରକ୍ଷଣ କେନ୍ଦ୍ର, ଗ୍ରନ୍ଥାଗାର ଓ ସରସ୍ୱତୀ ବିଦ୍ୟାବିହାର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆବଶ୍ୟକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସଭାପତି ଯୁଧିଷ୍ଠିର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟିରେ ମିଶିଲାଣି 'ମାଆ ପାଇଁ ଗଛଟିଏ'

ବାରିକପୁର,୨୯।୮ (ସମିସ): ପରିବେଶ ସୁରକ୍ଷା ପାଇଁ ଗତ ବର୍ଷରୁ ଆରମ୍ଭ ହୋଇଥିବା 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପ୍ରାୟତଃ ସ୍ଥାଣୁ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏହି ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଚାରା ରୋପଣ ସକାଶେ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ କିସମର ୫୦୦ ଚାରା ଦିଆଯାଇଥିଲା। ଗଛ ଲଗାଇବା ଓ ପରବର୍ତ୍ତୀ ରକ୍ଷଣାବେକ୍ଷଣ ବାବଦରେ ୨ରୁ ୩ ଲକ୍ଷ ଟଙ୍କା ବ୍ୟୟବରାଦ ରହିଥିବାବେଳେ ଏଯାଏଁ କେଉଁଠି ବି ଯୋଜନାର ସଫଳ ରୂପାୟଣ ହୋଇନାହିଁ। ପ୍ରଥମ କିସ୍ତିରେ ୫୦ରୁ ୬୦ ହଜାର ବା ତଦୁର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ପଞ୍ଚାୟତ ଅଧୀନସ୍ଥ ଅନେକ ସ୍ଥାନରେ ଚାରା ରୋପଣ କରାଯାଇଥିଲା। ପରିତାପର ବିଷୟ କିଛି ଜାଗାରେ କେବଳ ବାଡ଼ଘେରା ରହିଥିବାବେଳେ ଗଛ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଗାଈଗୋରୁଙ୍କ ପାଟିକୁ ମଧ୍ୟ ଅନେକ ଚାରା ଚାଲିଯାଇଛି। ୫ଶହ ଗଛ ପରିବର୍ତ୍ତେ କେଉଁଠି କେମିତି ୪୦/୫୦ ଗଛ ବଞ୍ଚିକି ରହିବା କଷ୍ଟକର ହୋଇଛି। ଏପରିକି ବନ୍ୟା ଅଞ୍ଚଳରେ ସ୍ଥିତି କ'ଣ ହୋଇଛି ସେକଥା ପଚାରିଲେ ନ ଜାଣିବା ପରି କେହି କିଛି ଉତ୍ତର ଦେଉନାହାନ୍ତି। ଏହାଛଡ଼ା କେନାଲ ବନ୍ଧ, ରାସ୍ତା ପାର୍ଶ୍ୱର ଓ ଗାଁ ପଡ଼ିଆରେ ଶହଶହ ଚାରା ରୋପଣ ହୋଇଥିବାବେଳେ ଉପଯୁକ୍ତ ଯତ୍ନ ଅଭାବରୁ ଅନେକ ଗଛ ନଷ୍ଟ ହୋଇଛି। ଯୋଜନାଟି ସତେଯେମିତି ଦିଗହରା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭାଗୀୟ ଅଧିକାରୀମାନେ ଏନେଇ କୌଣସି ତନାଘନା କରୁ ନ ଥିବାବେଳେ ପ୍ରକଳ୍ପ ରକ୍ଷଣାବେକ୍ଷଣ ପାଇଁ କେହି ତତ୍ପରତା ପ୍ରକାଶ କରୁନାହାନ୍ତି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ ହୋଇଛି।



## ଜଗନ୍ନାଥଙ୍କ ଜମି ଅନ୍‌ଲାଇନ୍ ପଞ୍ଜୀକରଣ ହେଉନି

# ସମିତିକୁ ବନ୍ଦ ସହ ତହସିଲ୍‌ଦାରଙ୍କୁ ଅଭିଯୋଗ କଲେ ଶତାଧିକ ଚାଷୀ

- ଜମି ପଟ୍ଟା ଥିବା ଚାଷୀ ପଞ୍ଜୀକରଣ କରି ନ ପାରି ଘରକୁ ଫେରିଛନ୍ତି
- ପଞ୍ଜୀକରଣ ସମୟସୀମା ବୃଦ୍ଧି କରିବା ପାଇଁ ଚାଷୀମାନେ ଦାବି




ଧାମନଗର,୨୯।୮ (ସମିସ): ରାଜ୍ୟ ସରକାର ନିୟମ ପରିବର୍ତ୍ତନ କରିବା ଫଳରେ ଶତାଧିକ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଧାମନଗର ସମବାୟ ସମିତିରେ ଖରିଫ୍ ଧାନ ଅନ୍‌ଲାଇନ୍ ପଞ୍ଜୀକରଣର ଶେଷ ଅବଧିକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ପଞ୍ଜୀକରଣ ନ ହେବାରୁ ଚାଷୀମାନେ ସମିତି ସମ୍ମୁଖରେ ହୋ-ହଲ୍ଲା କରି ସମିତିକୁ ବନ୍ଦ କରିବା ସହ ତହସିଲ୍‌ଦାରଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଧାମନଗର ସମବାୟ ସମିତି ଅଧୀନରେ ପ୍ରତ୍ୟେକ ବର୍ଷ ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ଚାଷୀ ଖରିଫ୍ ଅନ୍‌ଲାଇନ୍ ପଞ୍ଜୀକରଣ କରି ଧାନ ବିକ୍ରି କରିଥା'ନ୍ତି। ଏହି ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ଦେଖାଦେବାରୁ ଚଳିତ ବର୍ଷ ରାଜ୍ୟ ସରକାର ପଞ୍ଜୀକରଣ ନିୟମରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ପ୍ରତ୍ୟେକ ଚାଷୀ ଜମିଜମା ରେକର୍ଡ ସମ୍ପର୍କିତ ଏଗ୍ରିଷ୍ଟାକ୍ କରିବା, କୃଷିନାମା କରିବା ଓ ଶ୍ରୀଜଗନ୍ନାଥଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ ଅନ୍‌ଲାଇନ୍ ପଞ୍ଜୀକରଣ ନ କରିବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ନିୟମ ଆଣିଛନ୍ତି। ପରବର୍ତ୍ତୀ ସମୟରେ ଏଗ୍ରିଷ୍ଟାକ୍‌ରେ ସମସ୍ୟା ହେବାରୁ ସରକାର ଏହାକୁ ହଟାଇ ଦେଇଥିଲେ। ଧାମନଗର ସମିତି ଅଧୀନରେ ରାଧାବଲ୍ଲଭପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଜଗନ୍ନାଥଙ୍କ ନାମରେ ପ୍ରାୟ ୫ଶହ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ରହିଛି। ଜଗନ୍ନାଥଙ୍କ ଚାଷ ଜମିକୁ ମାର୍ଫତ୍‌ଦାର ହିସାବରେ ଚାଷ କରି ପ୍ରାୟ ଶତାଧିକ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣ କରି ବହୁ ବର୍ଷ ଧରି ସମିତିକୁ ଧାନ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାର୍ଫତ୍‌ଦାର୍ ହିସାବରେ ଅନ୍‌ଲାଇନ୍ ଜମି ପଟ୍ଟା ବଦଳରେ କେବଳ ଅଫ୍‌ଲାଇନ୍ ଜମି ପଟ୍ଟା ଉକ୍ତ ଚାଷୀଙ୍କ ପାଖରେ ରହିଛି। ହେଲେ ସରକାର ଚଳିତ ବର୍ଷ ଜଗନ୍ନାଥଙ୍କ ଜମିର ରେକର୍ଡରୁ ମାର୍ଫତ୍‌ଦାରଙ୍କ ନାମ ଅନ୍‌ଲାଇନ୍ ଜମିପଟ୍ଟାରୁ ହଟେଇଦେବା ସହ ଉକ୍ତ ଚାଷ ଜମିକୁ ଅନ୍‌ଲାଇନ୍ ପଞ୍ଜୀକରଣ ନ କରିବାକୁ ସମିତି ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ ସମିତି ଅଧୀନରେ ଥିବା ଜଗନ୍ନାଥଙ୍କ ଜମିରେ ଅନ୍‌ଲାଇନ୍ ପଞ୍ଜୀକରଣ ନ ହେବା ଦ୍ୱାରା ଉକ୍ତ ଚାଷ ଜମିକୁ ଚାଷ କରିଥିବା ଶତାଧିକ ଚାଷୀ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଚାଷୀମାନେ ଗତ ଶୁକ୍ରବାର ସମିତି କାର୍ଯ୍ୟାଳୟକୁ ଆସି ହୋ-ହଲ୍ଲା କରିବା ସହ ଅନ୍‌ଲାଇନ୍ ପଞ୍ଜୀକରଣ କାର୍ଯ୍ୟକୁ ବନ୍ଦ ରଖିଛନ୍ତି। ଫଳରେ ଅନ୍ୟ ଚାଷୀମାନେ ପଞ୍ଜୀକରଣ ନ କରି ଫେରିଯାଇଛନ୍ତି।

ଚଳିତ ବର୍ଷ ଅଗଷ୍ଟ ୬ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ରହିଛି। ଅଦ୍ୟାବଧି ସମିତି ଅଧିନରେ ୫୩୭ ଜଣ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣ କରିଥିବାବେଳେ ଆହୁରି ୭୦୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିନାହାନ୍ତି। ଏପରିସ୍ଥଳେ ଶେଷ ତାରିଖକୁ ଆଉ ମାତ୍ର ୩ ଦିନ ବାକି ଥିବାବେଳେ ପଞ୍ଜୀକରଣ ବନ୍ଦ ରଖିବା ଏକ ବଡ଼ ସମସ୍ୟା ଦେଖାଯାଇଛି। ଏହି ସମସ୍ୟା ଯଦି ଲାଗିରହେ ତେବେ ବହୁ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣରୁ ବଞ୍ଚିତ ହେବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସମିତି ସମ୍ପାଦକ ବସନ୍ତ ରାଜ ସାହୁ କହିଛନ୍ତି, କିଛି ଅଞ୍ଚଳର ଲୋକ ଜଗନ୍ନାଥଙ୍କ ଜମିକୁ ନେଇ ପଞ୍ଜୀକରଣ କରିବାକୁ ଆସିଥିଲେ। ହେଲେ ସେମାନଙ୍କର ପଞ୍ଜୀକରଣ ହୋଇପାରୁନାହିଁ, ସେଥିପାଇଁ ସେମାନେ ସମିତିକୁ ବନ୍ଦ ରଖିଛନ୍ତି। ଯେଉଁମାନଙ୍କର ସ୍ଥିତିବାନ ସମ୍ପତ୍ତି ଅଛି ସେମାନଙ୍କର ପଞ୍ଜୀକରଣ ହେବ, ଏଣୁ ବନ୍ଦ ରଖିବା ଦ୍ୱାରା ସେମାନଙ୍କର କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ଏହି ଘଟଣାର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ସମେତ ଧାମନଗର ଥାନା ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଯାହା ନିର୍ଦ୍ଦେଶ ଆସିବ ପରେ କାର୍ଯ୍ୟ କରାଯିବ। ଅନ୍ୟପଟେ ସମିତି ସଭାପତି ଗୌତମ ମହାନ୍ତି କହିଛନ୍ତି, ଜଗନ୍ନାଥଙ୍କ ଜମି ଥିବା ଚାଷୀଙ୍କ ପଞ୍ଜୀକରଣ ନ ହେବାରୁ ଅନ୍‌ଲାଇନ୍ ପଞ୍ଜୀକରଣ ବନ୍ଦ ରଖିଛନ୍ତି। ଏଥିସହିତ ସ୍ଥିତିବାନ ସମ୍ପତ୍ତି ଥିବା ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ଫଳରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଏହାସହ ଡିଆର୍‌ସିଏସ୍‌କୁ ମଧ୍ୟ ଅବଗତ କରାଯାଇଛି। ତାଙ୍କ ନିର୍ଦ୍ଦେଶ ମୁତାବକ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ତେବେ ସରକାରଙ୍କ ନୂଆ ନିୟମ ଅନୁଯାୟୀ, କାର୍ଯ୍ୟ କଲେ ଶତାଧିକ ଚାଷୀ ବାଦ୍ ପଡ଼ିଯିବା ସମ୍ଭାବନା ରହିଛି। ତେଣୁ ପଞ୍ଜୀକରଣ ସମୟସୀମା ବୃଦ୍ଧି କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ନେପାଳ ବୁଲିବାକୁ ଯାଇ ଅଟକିଛନ୍ତି ଚାନ୍ଦବାଲିର ୨ ଯୁବକ

ଭଦ୍ରକ/ଚାନ୍ଦବାଲି,୨୯।୮ (ସମିସ): ନେପାଳ ବୁଲିବାକୁ ଯାଇ ଫେରିପାରିନାହାନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ଦୁଇ ଯୁବକ। ନେପାଳରେ ବନ୍ୟା ପରିସ୍ଥିତି ଯୋଗୁଁ ଉଭୟ ସେଠାରେ ଅଟକି ରହିଥିବା ସୂଚନା ମିଳିଛି। ଅଟକିଥିବା ଦୁଇ ଯୁବକ ହେଲେ ରମେଶ ଦାସ ଓ କୈଳାଶ ବିଶ୍ୱାଳ।



ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ପ୍ରାୟ ୧୦ ଦିନ ପୂର୍ବରୁ ଉଭୟ ନେପାଳ ବୁଲିବାକୁ ଯାଇଥିଲେ। ଯାତ୍ରା ସମୟରେ ନେପାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାରୁ ସେମାନେ ସେଠାରୁ ଚାନ୍ଦବାଲି ଫେରିପାରି ନ ଥିବା କୁହାଯାଉଛି। ତେବେ ଆଶ୍ୱସ୍ତିର ଖବର ହେଉଛି, ଉଭୟ ଯୁବକ ସୁରକ୍ଷିତ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ପରିବାର ଲୋକଙ୍କ ସହ ସେମାନଙ୍କର ଯୋଗାଯୋଗ ମଧ୍ୟ ରହିଛି। ଏହା ସତ୍ତ୍ୱେ ନିଜ ଲୋକଙ୍କଠାରୁ ଦୂରରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହିଥିବାରୁ

**ବନ୍ୟା ପରିସ୍ଥିତି ଯୋଗୁଁ ଫେରିପାରୁନାହାନ୍ତି; ଚିନ୍ତାରେ ପରିବାର**

ପରିବାର ମଧ୍ୟରେ ଚିନ୍ତା ବଢ଼ିଛି। ବର୍ତ୍ତମାନ ଉଭୟ ଯୁବକ ସୁରକ୍ଷିତ ଭାବେ କେବେ ଚାନ୍ଦବାଲି ଫେରିବେ, ସେନେଇ ପରିବାର ଅପେକ୍ଷାରେ ରହିଛନ୍ତି। ପରିସ୍ଥିତି ସ୍ୱାଭାବିକ ହେବା ପରେ ଉଭୟ ଶୀଘ୍ର ଘରକୁ ଫେରିବେ ବୋଲି ପରିବାର ଆଶା ରଖିଛି।

# ମୁଖ୍ୟ ଚିକିତ୍ସାଳୟରେ 'ଆହାର କେନ୍ଦ୍ର' ପ୍ରତିଷ୍ଠା ଦାବି



ଭଦ୍ରକ,୨୯।୮ (ସମିସ): ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ଆହାର କେନ୍ଦ୍ର' ପ୍ରତିଷ୍ଠା ଗୁରୁତ୍ୱ ବହନ କରୁଥିଲାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁଇଟି ଦାବିପତ୍ର ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ଓ ସମସ୍ତ କର୍ମକର୍ତ୍ତା ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ମଧ୍ୟ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଥିଲେ। ଇତି ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ବିଭାଗୀୟ ସଚିବ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ପୁନର୍ବାର ଶନିବାର ପୂର୍ବାହ୍ନ ୧୧ଟାରେ ଆହାର କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପ୍ରଦାନ କରାଯାଇଥିଲା। ସଭାପତି ଅମର କୁମାର ପାଣିଗ୍ରାହୀ, ଉପସଭାପତି ଅଧିବକ୍ତା ଆଦିତ୍ୟ କୁମାର ନାୟକ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ଦାସ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କୁ ପ୍ରଦାନ କରିଥିଲେ।

# ଶିଶୁ ବିହାର ବିଜ୍ଞାନ ମେଳାରେ ୬୨ ପ୍ରକଳ୍ପ ପ୍ରଦର୍ଶିତ



ବାସୁଦେବପୁର,୨୯।୮ (ସମିସ): ବାସୁଦେବପୁର ବ୍ଲକ୍ ବେତଡ଼ାସ୍ଥିତ ପ୍ରଶାନ୍ତି ଶିଶୁ ବିହାର ବିଜ୍ଞାନ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଜ୍ଞାନ ମେଳାକୁ ବରେଣ୍ୟ ଅତିଥି ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଭଦ୍ରକ ଜିଲ୍ଲା ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ମେଳାରେ ୬୨ ଜଣ କୁନି ବୈଜ୍ଞାନିକ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଚାରପତି ଭାବେ ସମରେନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ବେହେରା, ସିଦ୍ଧାର୍ଥ ଶଙ୍କର ପୁହାଣ, ମାନସ ରଞ୍ଜନ ବେହେରା ଓ ବଳରାମ ବିଶ୍ୱାଳ ପ୍ରକଳ୍ପ ବୁଲି ମାନ ନିର୍ଦ୍ଧାରଣ କରିଥିଲେ। କୁନି କୁନି ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଉଙ୍କିମାରେ। ଏହି ଭାବନାକୁ ପରିପ୍ରକାଶ କରିବାର ବିଜ୍ଞାନ ମେଳା ଏକ ସୁଯୋଗ ସୃଷ୍ଟି କରିଥାଏ। ଲୁଚି ରହିଥିବା ବୈଜ୍ଞାନିକ ଚିନ୍ତନକୁ ପରିପୁଷ୍ଟ କରି ନୂତନ ଉଦ୍ଭାବନ ସମାଜ ଗଠନରେ ସହାୟକ ହେବ। କୁନି ବୈଜ୍ଞାନିକ ମନରେ ଉତ୍ସାହ ସୃଷ୍ଟି ହେବ। ଶିଶୁବିହାର ପ୍ରଧାନ ଅଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ଏଥିରେ ସଭାପତିତ୍ୱ କରିଥିଲେ। ଶ୍ରେଷ୍ଠ କୁନି ବୈଜ୍ଞାନିକ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶିଶୁବିହାର ବିଜ୍ଞାନ ମେଳାରେ ସମସ୍ତ ଗୁରୁମା' ଓ ଗୁରୁଜୀ ସହଯୋଗ କରିଥିଲେ।

# ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ; ୭ ଆହତ, ୩ ଗୁରୁତର



ଭଦ୍ରକ,୨୯।୮ (ସମିସ): ଭଦ୍ରକ ଚରମ୍ପା ରେଳ ଓଭରବ୍ରିଜ୍ ନିକଟରେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଆକ୍ରମଣ ହୋଇଛି। ଗୋଟିଏ କିନ୍ନର ଗୋଷ୍ଠୀଙ୍କ ଆକ୍ରମଣରେ ଅନ୍ୟ ଏକ ଗୋଷ୍ଠୀର ୭ ଜଣ କିନ୍ନର ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ଆହତ କିନ୍ନର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

କିଛି ବର୍ଷ ହେବ ଭଦ୍ରକ ଚରମ୍ପା ଅଞ୍ଚଳରେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ରେଳ ଓଭର ବ୍ରିଜ୍ ନିକଟରେ ଗୋଟିଏ କିନ୍ନର ଗୋଷ୍ଠୀର ସଦସ୍ୟମାନେ ଅନୈତିକ କାର୍ଯ୍ୟ କରୁଥିବାବେଳେ ଅନ୍ୟ ଏକ କିନ୍ନର ଗୋଷ୍ଠୀର ସଦସ୍ୟମାନେ ସେହି ରାସ୍ତାରେ ଯାଉଥିଲେ। ସେମାନଙ୍କୁ ଦେଖି ଏହି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା କିନ୍ନର ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ଗୋଟିଏ କିନ୍ନର ଗୋଷ୍ଠୀ ଅଭିଯୋଗ କରିଛନ୍ତି। ପୂର୍ବରୁ କିନ୍ନରମାନଙ୍କ ଅନୈତିକ କାର୍ଯ୍ୟକୁ ନେଇ ଗୋଟିଏ କିନ୍ନର ଗୋଷ୍ଠୀ ବିରୋଧ କରି ଆସୁଥିଲେ। ତେବେ ଏହି ଆକ୍ରମଣ ବିଷୟରେ ଗ୍ରାମାଞ୍ଚଳ ପୁଲିସ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି କିନ୍ନରମାନଙ୍କୁ ଉଦ୍ଧାର କରିବା ସହ ଆହତ କିନ୍ନରମାନଙ୍କୁ ପଚାରି ବୁଝିଛନ୍ତି। ତେବେ କିନ୍ନରମାନଙ୍କ ଭିତରେ ଗୋଷ୍ଠୀ ବିବାଦକୁ ନେଇ ପୂର୍ବରୁ ଭଦ୍ରକ ଏସ୍‌ପିଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ଆକ୍ରମଣ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି କରିଛନ୍ତି ଶ୍ରାବଣୀ କିନ୍ନର, ସୌମ୍ୟା କିନ୍ନର, କିନ୍ନର ୱେଲ୍‌ଫେୟାର ବୋର୍ଡ ସଦସ୍ୟ ପ୍ରମୁଖ।

# ସର୍ଟସର୍କିଟ୍‌ରୁ ଜଳିଗଲା ପାନ ଦୋକାନ

ଭଣ୍ଡାରିପୋଖରୀ,୨୯।୮ (ସମିସ): ଭଣ୍ଡାରିପୋଖରୀ ଲକ୍ଷ୍ମୀ ବଜାର ନିକଟରେ ଶନିବାର ଅପରାହ୍ଣ ସମୟରେ ଅଲିଆ ପାନ ଦୋକାନରେ ଇନ୍‌ଭୋର୍ଟରରୁ ସର୍ଟସର୍କିଟ୍ ହୋଇ ନିଆଁ ଲାଗି ଦୋକାନ ଜଳି ପାଉଁଶ ହୋଇ ଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ହେଉଥିବା ସମୟରେ ଏକ ବିରାଟ ଶବ୍ଦ ଶୁଭିଥିଲା। କିଛି ସମୟ ପରେ ଉକ୍ତ ପାନ ଦୋକାନ ଭିତରୁ ପ୍ରବଳ ଧୂଆଁ ବାହାରୁଥିବା ପାଖ ଦୋକାନୀମାନେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀକୁ ଟେଲିଫୋନ୍ ଯୋଗେ ଜଣାଇବା ସହ ଦୋକାନ ଘର ଚାବି ଭାଙ୍ଗି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୋକାନର ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଭଣ୍ଡାରିପୋଖରୀ ବଜାରରୁ ୧ କିଲୋମିଟର ଦୂରତାରେ ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ହୋଇଥିଲେ ମଧ୍ୟ ବିଳମ୍ବରେ ଆସି ପହଞ୍ଚିବା ଯୋଗୁଁ ବହୁ ମୂଲ୍ୟବାନ ଜିନିଷ ଜଳିଯାଇଥିଲା। ଯାହାକି ସ୍ଥାନୀୟ ଲୋକମାନଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ପାନ ଦୋକାନରେ ଥିବା ଦୁଇଟି ଫ୍ରିଜ୍ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି।

## ଖରିଫ୍ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣର ଅବଧି ଆଉ ମାତ୍ର ଦୁଇ ଦିନ

# ଆରଡ଼ି-ନାନ୍ଦପୁର ସମବାୟ ସମିତି ଏ ପର୍ଯ୍ୟନ୍ତ ଖାତା ଖୋଲିନି



ଆରଡ଼ି,୨୯।୮ (ସମିସ): ଚାନ୍ଦବାଲି ତହସିଲ୍ ଅଧୀନସ୍ଥ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତରେ ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ବନ୍ୟାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଆଜି ପର୍ଯ୍ୟନ୍ତ ବି ତଳିଆ ଅଞ୍ଚଳରେ ପାଣି ଛାଡ଼ିନାହିଁ। ଏଥିସହ ସ୍ଥିତି ଆଜି ପର୍ଯ୍ୟନ୍ତ ମଧ୍ୟ ସ୍ୱାଭାବିକ ହୋଇପାରି ନାହିଁ। ଗତ ଏକ ମାସରୁ ଊର୍ଦ୍ଧ୍ୱ ହେବ ବନ୍ୟାର ତାଣ୍ଡବରେ ଧରାଶାୟୀ ଅଞ୍ଚଳ ବାସିନ୍ଦା। ଏହି ଭୟଙ୍କର ବନ୍ୟାରେ ଆରଡ଼ି ଅଞ୍ଚଳ କୁହାଯାଉଥିବା ଏହି ଚାରି ପଞ୍ଚାୟତରେ ଘରଦ୍ୱାର ଭାଙ୍ଗିବା ସହିତ ରାସ୍ତାଘାଟ ନଷ୍ଟ ହୋଇଥିବା ସ୍ଥଳେ ସବୁଠାରୁ ବଡ଼ ସମସ୍ୟା ହେଲା ଏହି ଅଞ୍ଚଳରେ ଧାନ ଚାଷ ସମୂଳେ ନଷ୍ଟ ହୋଇଛି। ଏହି ଅଞ୍ଚଳର ଚାଷୀମାନେ କେବଳ ଏହି ଖରିଫ୍ ବା ଶାରଦ ଧାନ ଚାଷ କରନ୍ତି। ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଡାଲୁଅ ଚାଷ ବା ରବି ଧାନ ଲୁଣି ଜୁଆର ମାଡ଼ି ଆସିବା ଭୟରେ କେହି କରନ୍ତି ନାହିଁ। ଚଳିତ ବର୍ଷ ବନ୍ୟା ପାଣିରେ ଧାନ ତଳି ମାସେରୁ ଊର୍ଦ୍ଧ୍ୱ ହେବ ବୁଡ଼ି ରହିଛି। ଆହୁରି ଆଗକୁ ଉପର ମୁଣ୍ଡରେ ଲଗାଣ ବର୍ଷା ଚାଲୁଥିବାରୁ ପୁଣି ବନ୍ୟା ଆଶଙ୍କାକୁ ଟାଳି ଦିଆଯାଇ ନ ପାରେ। ଚାରି ପଞ୍ଚାୟତର ଚାଷୀଙ୍କର ଚାଷ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଥିବାରୁ ଆରଡ଼ି-ନାନ୍ଦପୁର ସମବାୟ ସମିତିରେ କେହି ଜଣେ ବି ଚାଷୀ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିନାହାନ୍ତି। ଗତ ବର୍ଷ ଏହି ସମିତିରେ ୬୦୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିବାବେଳେ ଏ ବର୍ଷ ଅବଧି ତାରିଖ ଆଉ ମାତ୍ର ଦୁଇ ଦିନ ଥିଲେ ବି କେହି ଜଣେ ବି ପଞ୍ଜୀକରଣ କରିନାହାନ୍ତି।

**ଓଳଗ-ସୁନ୍ଦରପୁରରେ ମାତ୍ର ୫ ଚାଷୀ ପଞ୍ଜୀକରଣ କରିଛନ୍ତି**

ସେହିପରି ଓଳଗ-ସୁନ୍ଦରପୁର ସମବାୟ ସମିତିରେ ପୂର୍ବ ବର୍ଷ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣ କରିଥିଲାବେଳେ ଏହି ବର୍ଷ ମାତ୍ର ୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏ ଅଞ୍ଚଳର ଚାଷୀମାନେ ସ୍ଥିର ନିଶ୍ଚିତ ଯେ ଏହି ବର୍ଷ ଧାନ ଆଉ ଅମଳ ହେବ ନାହିଁ। ତେଣୁ ଅଯଥାରେ କାହିଁକି ପଞ୍ଜୀକରଣ କରିବେ। କିନ୍ତୁ ଦୁଃଖର ବିଷୟ ସମବାୟ ବ୍ୟାଙ୍କ ଓ ଷ୍ଟେଟ୍ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କରୁ ଋଣ ଆଣି ଚାଷରେ ଲଗେଇଥିବା ଚାଷୀ ଆଜି କାନ୍ଦୁଛି। ତା'ର ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ଫଳରେ ଋଣ ଟଙ୍କା କେମିତି ସୁଝିବ ସେଇ ଚିନ୍ତାରେ ତା'ର ମେରୁଦଣ୍ଡ ଭାଙ୍ଗି ପଡୁଛି। ସରକାର ଚାଷୀ ଭାଇଙ୍କ ମାନସିକତା ଓ ଦୁଃଖକୁ ହୃଦୟଙ୍ଗମ କରି ଯଥାଶୀଘ୍ର ଏହି ଚାରି ପଞ୍ଚାୟତର ଚାଷୀଙ୍କୁ ଗଜା ଧୋଇ (ଇନ୍‌ପୁଟ୍) ସହାୟତା ଦେବା ସହିତ ଶତ ପ୍ରତିଶତ କୃଷି ଋଣ ଛାଡ଼ ସକାଶେ ଜୋର୍‌ଦାର୍ ଦାବି ହେଉଛି।

# ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଦୋଳସାହି,୨୯।୮ (ସମିସ): ତିହିଡ଼ି ବ୍ଲକ୍‌ର ବନ୍ୟାବିପନ୍ନଙ୍କୁ ତିହିଡ଼ି ସତ୍ୟସାଇ ସେବା ସଂଗଠନ ପକ୍ଷରୁ ତିହିଡ଼ି ସମିତିର ଆବାହକ ସଞ୍ଜୟ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨ଦିନ ଧରି ବାରସର ପଞ୍ଚାୟତର ତଳଦପା, ବଙ୍ଗାଳିଦପା, ଚକରାସାହି, ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପୁର, ଇସାଣପୁର ଗ୍ରାମର ବନ୍ୟାବିପନ୍ନ ଲୋକମାନଙ୍କୁ ୧୦୦୦ ପ୍ୟାକେଟ୍ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏବେବି ଅନେକ ଲୋକ ପାଣି ଘେରରେ ଅଛନ୍ତି। ଏତଦ୍ ବ୍ୟତୀତ ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଅମୂଲ୍ୟ କୁମାର ତ୍ରିପାଠୀ, ପାର୍ଥସାରଥୀ ନାୟକ, ଜଗତାନନ୍ଦ ମହାପାତ୍ର, କୈଳାସ ରାଉଳ, ପ୍ରଭାତ ରାଉଳ, ନିତ୍ୟାନନ୍ଦ ନାୟକ, ରମାକାନ୍ତ ନାଥ, ମାଗୁଣି ଚରଣ ନାୟକ, ପ୍ରହଲ୍ଲାଦ ବଳ, ଚିତ୍ତରଞ୍ଜନ ବାରିକ, ବୁଦ୍ଧିରାମ ପଣ୍ଡା, ସୁରେନ୍ଦ୍ର ଡାଙ୍ଗୁଆ, ଲକ୍ଷ୍ମୀଧର ବେହେରା, ଜଗବନ୍ଧୁ ମାଝୀ, ଚନ୍ଦନ ମାଝୀ, ନଳିନୀକାନ୍ତ ନାୟକ, ହିମାଂଶ ଭଟ୍ଟାଚାର୍ଯ୍ୟ, ଭାସ୍କର ଚନ୍ଦ୍ର ପଣ୍ଡା, ବିଜୟ ବାରିକ, ବିଜୟ ନାୟକ, ଏଲି ଭଟ୍ଟାଚାର୍ଯ୍ୟ, ସୋନମ୍ ନାୟକ, ମମତା ପାଣି, ବାସନ୍ତୀ ରାଉଳ, ମନୋରମା ସ୍ୱାଇଁ, କଳ୍ପନା ନାୟକ, ମଞ୍ଜୁବାଳା ବାରିକ, ପାର୍ବତୀ ଯେନା, ରମାମଣୀ ନାୟକ, ଶିକ୍ଷା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



### କୁଆଖିଆ-ଆରଡ଼ି ୨୦ ନଂ ଜାତୀୟ ରାଜପଥରେ ହୋଇଥିବା ଘାଇରେ ହେଲା ଅସ୍ଥାୟୀ ପ୍ରତିକାର

# ଡବଲ ଇଞ୍ଜିନ୍ ସରକାରରେ କାମଚଳା ବନ୍ଧ ନିର୍ମାଣ

**ଆରଡ଼ି,୨୯।୮ (ସମିସ)**

ଚଳିତ ବର୍ଷ ବୈତରଣୀ ନଦୀରେ ଚାରି ଥର ବନ୍ୟା ଆସିବା ଫଳରେ କୁଆଖିଆ-ଆରଡ଼ି ଜାତୀୟ ରାଜପଥ ୨୦ ଉପରେ ବୋଡ଼କଠାରେ ୫୦୦ ଫୁଟ୍‌ର ଘାଇ ହୋଇ ବନ୍ୟା ଜଳ ପ୍ରବାହିତ ହେଉଥିଲା। ଦୀର୍ଘ ଏକ ମାସ ଧରି ଏହି ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଘାଇର ଅବସ୍ଥା ଏତେ ଗମ୍ଭୀର ଥିଲା ଯେ ଚାଲିକି ଆସିବା ବି ସମ୍ଭବ ନ ଥିଲା। ଉପର ମୁଣ୍ଡରେ ଲଗାଣ ବର୍ଷା କାରଣରୁ ଏକ ମାସରୁ ଊର୍ଦ୍ଧ୍ୱ ହେବ ବୈତରଣୀ ନଦୀରେ ଜଳସ୍ତର ବଢ଼ି ରହିଥିବାରୁ ଏହି ଘାଇରେ ପାଣି ପ୍ରବାହିତ କମି ନ

**ସ୍ଥାୟୀ ପ୍ରତିକାର ନିମନ୍ତେ ଦାବି**

ଥିଲା। ଫଳରେ ବନ୍ୟାପାଣିରେ ବାରମ୍ବାର କ୍ଷତିଗ୍ରସ୍ତ ହେଇ ଜାତୀୟ ରାଜପଥ-୨୦ ବୋଡ଼କ ନିକଟରେ ରାସ୍ତାର ପ୍ରାୟ ୫୦୦ ଫୁଟ୍ ଅଞ୍ଚଳ ବନ୍ୟାଜଳରେ ପ୍ରଭାବିତ ହେବା ପରେ ଏବେ ତ୍ୱରିତ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଚାନ୍ଦବାଲି ବ୍ଲକ୍ ଓଳଗ ପଞ୍ଚାୟତ ଅଧୀନ ଏହି ରାସ୍ତା ଅଞ୍ଚଳରେ ବନ୍ୟାପାଣିର ପ୍ରବଳ ସ୍ରୋତ ଯୋଗୁଁ ରାସ୍ତାର ଦୁର୍ବଳତା ପ୍ରକାଶ ପାଇଥିଲା। ଫଳରେ ବନ୍ୟା ପରେ ଯାନବାହନ ଚଳାଚଳକୁ ନେଇ ଆଶଙ୍କା ଉପୁଜିଥିବାରୁ ସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମରାମତି କାମ ଆରମ୍ଭ କରାଯାଇଛି। ରାସ୍ତା ପାର୍ଶ୍ୱରେ ବହ୍ଲା ପୋତି ବନ୍ୟାପାଣିର ସ୍ରୋତକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ସହ ବାଲିବସ୍ତା ପକାଯାଇଛି। ଏହାପରେ ରାସ୍ତା ଉପରେ ଡଷ୍ଟ ଓ ମେଟାଲ ପକାଇ ଯାତାୟାତକୁ ସ୍ୱାଭାବିକ କରିବାକୁ ଉଦ୍ୟମ ହୋଇଛି। ରବିବାର ସକାଳ ସୁଦ୍ଧା ଛୋଟ ଚାରିଚକିଆ ଯାନ ଚଳାଚଳ ସମ୍ଭବ ହେବ।



ତେବେ ଏହି ମରାମତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଚିନ୍ତା ଅଧିକ। ଡବଲ ଇଞ୍ଜିନ୍ ସରକାରରେ କାମଚଳା ବନ୍ଧ ନିର୍ମାଣକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏବେ ପୁଣିଥରେ ଲଘୁଚାପ ଜନିତ ବର୍ଷା ହେବାକୁ ଥିବାବେଳେ ବନ୍ୟାକୁ ନେଇ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଯଦି ପୁଣଥରେ ଏହା ରାସ୍ତା ଭାସିଯାଏ ଲୋକେ ଆହୁରି ହଇରାଣ ହେବେ ଏଥିରେ ସନ୍ଦେହ ନାହିଁ। ତେଣୁ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ସାଧାରଣରେ ଦୃଢ଼ ଦାବି ହେଉଛି।

କାରଣ ଏହି ରାସ୍ତା ଅଞ୍ଚଳରେ ଦୀର୍ଘ ପ୍ରାୟ ୧୦ ବର୍ଷ ଧରି ବାରମ୍ବାର ଅସ୍ଥାୟୀ ମରାମତି କରାଯାଉଥିବା ଅଭିଯୋଗ ରହିଛି। ବର୍ଷା ଓ ବନ୍ୟା ଆସିଲେ ରାସ୍ତାର ଦୁର୍ବଳ ସ୍ଥାନଗୁଡ଼ିକ ପୁଣି କ୍ଷତିଗ୍ରସ୍ତ ହେଉଛି। ଏହା ଯୋଗୁଁ ଯାତାୟାତ ସହିତ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ବୋଡ଼କ ଗ୍ରାମବାସୀଙ୍କ ସହ ଷାଠିବାଙ୍କୁଡ଼ାବାସୀ ମଧ୍ୟ ଅସ୍ଥାୟୀ ମରାମତି ବଦଳରେ ସ୍ଥାୟୀ ସମାଧାନ ଦାବି କରିଛନ୍ତି। ବନ୍ୟା ସମୟରେ ରାସ୍ତା ଦୁର୍ବଳ ହେବା ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡୁଥିବାରୁ ଉଚ୍ଚମାନର ସ୍ଥାୟୀ ନିର୍ମାଣ ସହ ବନ୍ୟାଜଳର ପ୍ରବାହକୁ ଦୃଷ୍ଟିରେ ରଖି ରାସ୍ତାର ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା କଥା, ପ୍ରତିବର୍ଷ ମରାମତି କରିବା ପରିବର୍ତ୍ତେ ଏକାଥରରେ ସ୍ଥାୟୀ ଭାବେ ରାସ୍ତା ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। ଏବେ ଅସ୍ଥାୟୀ ମରାମତି ଦ୍ୱାରା ଯାତାୟାତ ସ୍ୱାଭାବିକ ହେବାକୁ ଥିବାବେଳେ ସ୍ଥାୟୀ ନିର୍ମାଣ କେବେ ହେବ, ତାହାକୁ ନେଇ ଅପେକ୍ଷାରେ ରହିଛନ୍ତି ଅଞ୍ଚଳବାସୀ।

# କେନାଲ ଘାଇ ମରାମତି କଲେ ଯୁବଗୋଷ୍ଠୀ



**ତିହିଡ଼ି,୨୯।୮ (ସମିସ):** ତିହିଡ଼ି ମାଲେରିଆରୁ ଧଳି ପର୍ଯ୍ୟନ୍ତ ଯାଇଥିବା ନାଳରେ ଜଳସ୍ତର ବୃଦ୍ଧି ପାଇବାରୁ ମୁକୁନ୍ଦପୁର, ଝିଙ୍କିରିଆ, ଆରସା ଓ ତାଳପଦା ଗ୍ରାମର ଚାଷୀମାନେ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଥିଲେ। କେନାଲ ପାଣି ମାଡ଼ିଯିବାରୁ ବ୍ୟାପକ ଚାଷଜମି ଏବଂ ନୂତନ ଭାବେ ରୋପଣ କରାଯାଇଥିବା ଧାନ ତଳି ନଷ୍ଟ ହେବାକୁ ବସିଥିଲା। ପ୍ରଶାସନର ଉଦାସୀନତା ଯୋଗୁଁ ଚାଷୀମାନେ ନିରାଶ ହୋଇପଡ଼ିଥିବାବେଳେ ଯୁବନେତା ଦେବୀ ପ୍ରସାଦ ପାଟ ଏବଂ ମୁକୁନ୍ଦପୁର ଯୁବ ସଂଗଠନର ସଦସ୍ୟମାନେ ସେମାନଙ୍କ ଦୁଃଖ ଦୂର କରିବାକୁ ଆଗେଇ ଆସିଥିଲେ। ଖବର ପାଇବା ପରେ ଦେବୀପ୍ରସାଦ ପାଟ ତୁରନ୍ତ ସ୍ଥିତିର ସମୀକ୍ଷା କରିବା ସହ ଯୁବସଂଘର କର୍ମକର୍ତ୍ତାମାନେ ସମସ୍ତେ ଦିନରାତି ଏକ କରି ଅସ୍ଥାୟୀ ବନ୍ଧ ନିର୍ମାଣ କରିବା ସହ ପାଣିର ସ୍ରୋତକୁ ଅଟକାଇବାରେ ସଫଳ ହୋଇଛନ୍ତି। ଏହି ତତ୍ପରତା ଯୋଗୁଁ ଅଞ୍ଚଳର ଶହଶହ ଚାଷୀଙ୍କ ଫସଲ ସୁରକ୍ଷିତ ହୋଇପାରିଛି। ବିପଦର ଏହି ମୁହୂର୍ତ୍ତରେ ମୁକୁନ୍ଦପୁର ଯୁବକ ସଂଗଠନର ଏହି ନିଃସ୍ୱାର୍ଥପର ସେବା ପ୍ରୟାସକୁ ସ୍ଥାନୀୟ ପଞ୍ଚାୟତବାସୀ ଓ ଚାଷୀକୂଳ ଉଚ୍ଚ ପ୍ରଶଂସା କରିବା ସହ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

# ବନ୍ୟା ପୀଡ଼ିତଙ୍କୁ ଆନନ୍ଦ ମାର୍ଗ ୟୁନିଭର୍ସାଲ୍ ଟିମ୍ ପକ୍ଷରୁ ରିଲିଫ୍ ବଣ୍ଟନ

**ଭଦ୍ରକ,୨୯।୮ (ସମିସ):** ଭଦ୍ରକ ଜିଲ୍ଲାରେ ବୈତରଣୀ ଏବଂ ସାଳନ୍ଦୀ ନଦୀ ବନ୍ୟାରେ ଭଦ୍ରକ ବ୍ଲକ୍ ସମେତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ତିହିଡ଼ି ଏବଂ ବାସୁଦେବପୁର ବ୍ଲକ୍‌ରେ ବ୍ୟାପକ କ୍ଷତି ହୋଇଛି। ବିଶେଷକରି ଧାମନଗର ବ୍ଲକ୍‌ର ଅନେକ ଅଞ୍ଚଳ ଗୁରୁତର ଭାବେ ବନ୍ୟା ପ୍ରଭାବିତ ହୋଇଥିବାବେଳେ ଏବେ ବି ଲୋକେ ଘରଦ୍ୱାର ହରାଇ ବେସାହାର ଜୀବନ କାଟୁଛନ୍ତି। ଏଭଳି ସମୟରେ ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ୍ ଟିମ୍(ଏଏମ୍‌ୟୁଆର୍‌ଟି) ଭଦ୍ରକ ଶାଖା ପକ୍ଷରୁ ବନ୍ୟାଞ୍ଚଳରେ ଜରୁରୀକାଳୀନ ରିଲିଫ୍ ସେବା ଆରମ୍ଭ ହୋଇଛି। ଗୁରୁବାର ଧାମନଗର ବ୍ଲକ୍ କରଦା ପଞ୍ଚାୟତ ସୁଜନସିଂହପୁର, ଉଆସାହି ଓ ମାଳସାହି ଗ୍ରାମର ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଅମୂର୍ତ୍ତ ଟିମ୍ ପକ୍ଷରୁ ଚୁଡ଼ା, ଚିନି, ଅଟା, ବିସ୍କୁଟ ଆଦି ଜରୁରୀ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବରେ ଅନେକ ପରିବାର ଖାଦ୍ୟ, ପାନୀୟ, ବାସଗୃହ ସହିତ ଦୈନନ୍ଦିନ ଆବଶ୍ୟକତା ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଭଳି ଜରୁରୀ ସମୟରେ ପୀଡ଼ିତ ପରିବାରଙ୍କ ପାଖରେ ଏଏମ୍‌ୟୁଆର୍‌ଟି ଟିମ୍ ପହଞ୍ଚି ସେମାନଙ୍କୁ ମାନବିକ ସହାୟତା ଯୋଗାଇ ଦେଇଛନ୍ତି। ସଂସ୍ଥାର ଭଦ୍ରକ ଜିଲ୍ଲା ମୁଖ୍ୟ ଚନ୍ଦ୍ରଗୁପ୍ତ ଲେଙ୍କାଙ୍କ ନେତୃତ୍ୱରେ ସଂଗଠନର ବରିଷ୍ଠ କର୍ମକର୍ତ୍ତା ସନାତନ ବେହେରା, ହର୍ଷବର୍ଦ୍ଧନ ଲେଙ୍କା, ଦେବଦତ୍ତ ଜେନା, ଆଦିତ୍ୟାନନ୍ଦ ରାୟ, ତ୍ରିଲୋଚନ ସାହୁ, ଧୀରେନ୍ଦ୍ର ଘଡ଼ାଇ, ସ୍ନେହଲତା ପାତ୍ର, ପଦ୍ମାବତୀ ସାମନ୍ତରାୟ ଓ ଆଶାପର୍ଣ୍ଣା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ମୁରଲୀଧର ବାରିକ, ରମେଶ ଚନ୍ଦ୍ର ଆଚାର୍ଯ୍ୟ, ଅରୁଣ କୁମାର ପୃଷ୍ଟି ଓ ପ୍ରଦୀପ କୁମାର ଦାସ ପ୍ରମୁଖ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଥିଲେ।




# ସୋଫିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଜ୍ଞାନ ମେଳା

**ଚାନ୍ଦବାଲି,୨୯।୮ (ସମିସ):** ଚାନ୍ଦବାଲି ବ୍ଲକ୍‌ରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୋଫିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଦଶରଥି ମିଶ୍ରଙ୍କ ସଭାପତିତ୍ୱରେ ଏହି ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡା, ମୁଖ୍ୟବକ୍ତା ଭାବେ ସାରଳା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବିଶେଷ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦୀ, ଶିକ୍ଷକ ସ୍ୱରାଜ କୁମାର ନାୟକ ଓ ସୋଫିଆ ଇଂରାଜୀ ବିଦ୍ୟାଳୟର ଚେୟାରମ୍ୟାନ୍ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନର ନୂଆ ନୂଆ ଚିନ୍ତାଧାରା ସହ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଏକ ମଞ୍ଚରେ ଆଣିଛି ସୋଫିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବିଜ୍ଞାନ ମେଳା। ବିଭିନ୍ନ ବୈଜ୍ଞାନିକ ପ୍ରକଳ୍ପ ଓ ମଡେଲ ପ୍ରଦର୍ଶନ କରି ନିଜର ଜ୍ଞାନ ଓ ସୃଜନଶୀଳତାର ପରିଚୟ ଦେଇଛନ୍ତି ଛାତ୍ରଛାତ୍ରୀ। ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ସ୍ୱଚ୍ଛ ଶକ୍ତି, କୃଷି, ସ୍ୱାସ୍ଥ୍ୟ ଓ ଆଧୁନିକ ବିଜ୍ଞାନ ଉପରେ ଆଧାରିତ ଅନେକ ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ଛୋଟ ଛୋଟ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଏହି ମଡେଲଗୁଡ଼ିକ ସମସ୍ତଙ୍କ ମନ ଜିଣିଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା କଥା, ଏଭଳି ବିଜ୍ଞାନ ମେଳା ଆୟୋଜନ ଦ୍ୱାରା ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଚେତନା ଓ ନୂତନ କିଛି କରିବାର ଆଗ୍ରହ ବଢ଼ିବ। ସୋଫିଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏହି ବିଜ୍ଞାନ ମେଳା କେବଳ ପ୍ରଦର୍ଶନୀ ନୁହେଁ, ବରଂ ଆଗାମୀ ଦିନର ନବପ୍ରତିଭାଙ୍କ ପାଇଁ ଏକ ସୁନ୍ଦର ମଞ୍ଚ ପାଲଟିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟରେ ଉପାଧ୍ୟକ୍ଷା ବିତିକା ପ୍ରିୟଦର୍ଶନୀ ମହାନ୍ତି, ଶିକ୍ଷୟିତ୍ରୀ ଅଙ୍କିତା ଜେନା, ସୌଭାଗ୍ୟ ସାହୁ, ପ୍ରିୟମ୍ବଦା ନାୟକ, ରାଜେଶ୍ୱରୀ ପଣ୍ଡା, ରମାକାନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା।




# ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

**ଭଦ୍ରକ,୨୯।୮ (ସମିସ):** ଭାରତୀୟ ହକି ଜଗତର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁଇଦିନ ଧରି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ କରାଯାଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ାର ଉପକାରିତା ବିଷୟରେ ଆଲୋକପାତ କରାଯାଇଥିଲା। ପରେ କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁଙ୍କ ତତ୍ତ୍ୱାବଧାନରେ କବାଡ଼ି, ଖୋଖୋ, ଭଲିବଲ୍, ଠିଆ ଫୁଚି, ମ୍ୟୁଜିକ୍ ଚେୟାର ଖେଳ ସହ ବିଭିନ୍ନ ମେଣ୍ଟାଲ ଗେମ୍ ଖେଳାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ ଖିଲାର, ରାଜେନ୍ଦ୍ର କୁମାର ସାହୁ, ପ୍ରିୟଦର୍ଶିନୀ ପଣ୍ଡା, ମଧୁସ୍ମିତା ନାୟକ, ମଧୁସ୍ମିତା ବିଶ୍ୱାଳ, ସୁଶ୍ରୀ ସଙ୍ଗୀତା କବାଟ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର କନିଷ୍ଠ ବିଭାଗରେ ୩୨ଜଣ ଛାତ୍ରୀ, ୨୪ଜଣ ଛାତ୍ର, ବରିଷ୍ଠ ବିଭାଗରେ ୪୩ ଛାତ୍ରୀ, ୩୬ ଛାତ୍ର ମୋଟ ୧୩୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ସେହିପରି ଆସନ୍ତା ୩୦ ତାରିଖରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ସାଇକଲ ଚାଳନା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମଞ୍ଜୁଲରାଣୀ ଦାଶ, ସସ୍ମିତା ସାମନ୍ତ, ଦମୟନ୍ତୀ ନାଥ, ରୋଜାଲିନ୍ ମଲ୍ଲିକ, ଗୀତ ରୋଜାଲିନ, ସୁନିମା ବେହେରା, ହରେକୃଷ୍ଣ ସେଠୀ, ନିରାକାର ସାମଲ ପ୍ରଭୃତି ପରିଚାଳନାରେ ସହଯୋଗ କରିଥିଲେ।

# ‘ସକାଳ’ ପ୍ରଭାବ: ମାସେ ପରେ ବନ୍ୟାବିପନ୍ନଙ୍କୁ ମିଳିଲା ସହାୟତା

**ତିହିଡ଼ି,୨୯।୮ (ସମିସ):** ଦୀର୍ଘ ଏକ ମାସର କାଳକ୍ଷେପଣ ଓ ପ୍ରଶାସନିକ ଉଦାସିନତା ପରେ ଶେଷରେ ଗଣମାଧ୍ୟମର ହସ୍ତକ୍ଷେପ ଯୋଗୁଁ ତିହିଡ଼ି ବ୍ଲକ୍‌ର ପ୍ରକୃତ ବନ୍ୟାବିପନ୍ନଙ୍କ ପାଖରେ ସରକାରୀ ସହାୟତା ପହଞ୍ଚିପାରିଛି। ଦୈନିକ ଖବରକାଗଜ ‘ସକାଳ’ରେ ବିପନ୍ନଙ୍କ ଦୁର୍ଦ୍ଦଶା ନେଇ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି ଏବଂ ତିହିଡ଼ି ଏନ୍‌ଏସି ଅଧୀନ ଷାଠିବାଟି ଗ୍ରାମର ୧୩ଟି ବନ୍ୟାବିପନ୍ନ ପରିବାରକୁ ପଲିଥିନ୍ ଯୋଗାଇ ଦିଆଯାଇଛି।

ପ୍ରକାଶ ଥାଉକି, ହେମଜୁରୀ ନଦୀକୂଳର ଏହି ଗରିବ ପରିବାରଗୁଡ଼ିକ ଗତ ଦୁଇଟି ବନ୍ୟାରେ ସର୍ବସ୍ୱାନ୍ତ ହୋଇ ପରଘରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ତିହିଡ଼ି ରାଜସ୍ୱ ନିରୀକ୍ଷକ ଗତ ୧ ମାସ ପୂର୍ବରୁ ନିଜେ ସରଜମିନ୍ ତଦନ୍ତ କରି ତୁରନ୍ତ ପଲିଥିନ୍ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିଯାଇଥିଲା। ବିପନ୍ନମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କେବଳ ଅପେକ୍ଷା କର ବୋଲି ଗତାନୁଗତିକ ଉତ୍ତର ମିଳୁଥିଲା। ଏପରିକି ଲଘୁଚାପ ଜନିତ ବର୍ଷା ଆରମ୍ଭ ହୋଇଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗି ନ ଥିଲା। ଦିନ ଗଡ଼ାଉଥିବା ରାଜସ୍ୱ ନିରୀକ୍ଷକଙ୍କ ଏପରି ଖାମଖିଆଲି ଓ ଦାୟିତ୍ୱହୀନ ମନୋଭାବକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ‘ସକାଳ’ରେ ଏହି ସମ୍ବେଦନଶୀଳ ଘଟଣା ପ୍ରକାଶ ପାଇବା ପରେ ଚାପର ବଶବର୍ତ୍ତୀ ହୋଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା ଏବଂ ବିପନ୍ନଙ୍କୁ ପଲିଥିନ୍ ବଣ୍ଟନ କରାଯାଇଛି। ତଥାପି, ଏଭଳି ବିଳମ୍ବିତ ସହାୟତା ପ୍ରଦାନକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶାସନର କାର୍ଯ୍ୟଶୈଳୀ ପ୍ରତି ଗଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଗଣମାଧ୍ୟମ ଏହାକୁ ପଦାକୁ ନ ଆଣିଥା’ନ୍ତା, ତେବେ ହୁଏତ ଏହି ଅସହାୟ ଲୋକମାନେ ଆହୁରି ଦୀର୍ଘଦିନ ଧରି ହନ୍ତସନ୍ତ ହୋଇଥା’ନ୍ତେ ବୋଲି ଚର୍ଚ୍ଚା ହେଉଛି।



### ଦରଖଣ୍ଡିଆ କାମ କରି ଠିକାଦାର ଛୁ; ରାସ୍ତା କାଦୁଅ ପଚପଚ

# ବାହାରକୁ ବାହାରି ପାରୁନାହାନ୍ତି ଶହେ ପରିବାର



**ଅସୁରାଳି,୨୯।୮ (ସମିସ):** ଦଇପୁର ପଞ୍ଚାୟତର ତାଳସିଠା ମଲ୍ଲିକ ସାହିଠାରୁ ଆରମ୍ଭ କରି ଜାଗୁଳାଇ ସାହି, ନରଣପୁର ଦେଇ କୁସୁମାପାଟଣା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଠିକାଦାର କାମ ଦରଖଣ୍ଡିଆ ଅବସ୍ଥାରେ ଛାଡ଼ି ଦେଇଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କାଦୁଅ ସୃଷ୍ଟି ହେଉଛି। ରାସ୍ତା କାଦୁଅରେ ଭରିଯିବା ଫଳରେ ସ୍ଥାନୀୟ ଲୋକେ, ବିଶେଷ କରି ବୃଦ୍ଧ, ଶିଶୁ ଓ ମହିଳାମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ। ଗାଡ଼ିମୋଟର ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଥିବାରୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଜରୁରୀକାଳୀନ ସେବା ଗ୍ରାମକୁ ପହଞ୍ଚିବାରେ ଅସୁବିଧା ସୃଷ୍ଟି ହେଉଛି। ଛାତ୍ରଛାତ୍ରୀମାନେ କାଦୁଅ ରାସ୍ତାରେ ସ୍କୁଲ ଓ କଲେଜ ଯିବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସାମ୍ନା କରୁଛନ୍ତି। କାର୍ଯ୍ୟର ଉପଯୁକ୍ତ ତଦାରଖ ଅଭାବରୁ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀମାନେ ଦାୟିତ୍ୱହୀନ ଭାବେ କାମ କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ଏହି ନିମ୍ନମାନର କାର୍ଯ୍ୟର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ରାସ୍ତାକୁ ଶୀଘ୍ର ମରାମତି କରି ଯାତାୟାତ ଉପଯୋଗୀ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି। ବାରିକପୁର ଜଳ ସମ୍ପଦ ବିଭାଗର ଯେତେଗୁଡ଼ିକ କାର୍ଯ୍ୟ କରାଯାଇଛି ସବୁ ନିମ୍ନମାନର। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଅଧିକାରୀ ଶମ୍ଭୁନାଥ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ତଦନ୍ତ କରି ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସାଧାରଣ ଲୋକଙ୍କ ଭୋଟ୍ ଅଧିକାର ଓ ସ୍ୱାର୍ଥର ସୁରକ୍ଷା

# ୧ରେ ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଧାରଣା

**ଧାମନଗର,୨୯।୮ (ସମିସ):** ଭୋଟର ତାଲିକାରୁ ଯୋଗ୍ୟ ନାଗରିକଙ୍କ ନାମ କାଟିବା ପାଇଁ ଜାଲିଆତି ଓ ତଞ୍ଚକତା କରାଯାଉଥିବା ନେଇ ଧାମନଗର ନଗର ବିଜୁ ଜନତା ଦଳ ଗୁରୁତର ଅଭିଯୋଗ ଆଣିଛି। ଫର୍ମ ୭ର ଦୁରୁପଯୋଗ କରି ବିଏଲ୍‌ଓମାନଙ୍କଠାରୁ ଓଟିପି ନେଇ ଭୋଟର ତାଲିକାରେ କାରସାଦି କରାଯାଉଥିବା ଅଭିଯୋଗ କରି ଏହାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ଏନେଇ ଧାମନଗର ନଗର ବିଜେଡି ସଭାପତି ବିଜୟ କେତନ ସାହୁ ଧାମନଗର ଥାନା ଆଇଆଇସିଙ୍କ ନିକଟରେ ଧାରଣା ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଜାଲିଆତି ଓ ତଞ୍ଚକତା ମାଧ୍ୟମରେ ଭୋଟର ତାଲିକାରୁ ଯୋଗ୍ୟ ନାଗରିକଙ୍କ ନାମ ବାଦ୍ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଦଳ ଅଭିଯୋଗ କରିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଧାମନଗର ନଗର ବିଜେଡି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଏନ୍‌ଏସି ଏବଂ ଥାନାରେ ଦଳ ତରଫରୁ ଲିଖିତ ଜଣାଇଦିଆଯାଇଥିବା ସୂଚନା ମିଳିଛି। ସାଧାରଣ ଲୋକଙ୍କ ଭୋଟ୍ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଆନ୍ଦୋଳନ କରାଯିବ ବୋଲି ବିଜେଡି କହିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଦଳ ଦାବି କରିଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ୭ ନମ୍ବର ଫର୍ମ ଜନସେବା କେନ୍ଦ୍ର ମାଧ୍ୟମରେ ଦେଇଛନ୍ତି। ସେଥିରେ ବିଏଲ୍‌ଓମାନେ ଯାହା ନିଷ୍ପତ୍ତି ନେଇପାରିବେ ଆମର କିଛି କରିବାର ନାହିଁ ବୋଲି ଅଧିକାରୀ ସନ୍ତୋଷ କୁମାର ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ପୁଲିସ ପ୍ରଶାସନର ନିଶାମୁକ୍ତ ଅଭିଯାନ

# ‘ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ’

**ତିହିଡ଼ି,୨୯।୮ (ସମିସ):** ସମାଜରେ ନିଶାମୁକ୍ତ ଅଭିଯାନ ଦ୍ୱାରା ସଚେତନତା ସୃଷ୍ଟି କରିବା ଏବଂ ଯୁବପିଢ଼ିକୁ ସଠିକ୍ ମାର୍ଗରେ ପରିଚାଳିତ କରିବା ପାଇଁ ତିହିଡ଼ି ପୁଲିସ ପ୍ରଶାସନ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ତାଳପଦାସ୍ଥିତ କାନ୍ତକବି ସଦନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଏହି ସଚେତନତା ସମାରୋହରେ ତିହିଡ଼ି ତହସିଲ୍‌ଦାର ଶୁଭାଶିଷ ସାହୁ ଏବଂ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରୁ ନିଶାର କୁପରିଣାମ ଓ ଏହାର ପ୍ରତିକାର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଡାକ୍ତର ଚିତ୍ତରଞ୍ଜନ ଜେନା ଯୋଗଦେଇ ନିଶା ସେବନ କିପରି ମଣିଷର ଶାରୀରିକ, ମାନସିକ ଏବଂ ପାରିବାରିକ ଜୀବନକୁ ଧ୍ୱଂସ କରେ, ସେ ସମ୍ପର୍କରେ ବୈଜ୍ଞାନିକ ତଥ୍ୟ ଦେଇ ସଚେତନ କରାଇଥିଲେ। ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ସାଙ୍ଗକୁ ଅପରାଧ ମୁକ୍ତ ସମାଜ ଗଠନ ପାଇଁ ପୁଲିସର ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ପ୍ରକାଶ ନାୟକ ଏବଂ ଏଏସ୍‌ଆଇ ଲକ୍ଷ୍ମଣ ଟୁଡୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତିହିଡ଼ି ପୁଲିସ ପ୍ରଶାସନର ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଯୁବକ ସଂଘ ଏବଂ ସାଧାରଣ ଜନତା ବେଶ୍ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ନିଶା କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏପ୍ରକାର ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ୩୧ ପଞ୍ଚାୟତରେ ଉଜୁଡ଼ିଗଲା ଧାନ ଓ ପନିପରିବା

**ଅସୁରାଳି,୨୯।୮ (ସମିସ)**

ଧାମନଗର ବ୍ଲକ୍‌ରେ ୩୧ ପଞ୍ଚାୟତର ୧୫୩ ରାଜସ୍ୱ ଗ୍ରାମ ଏବଂ ଲକ୍ଷାଧିକ ଲୋକ ବନ୍ୟାରେ ପ୍ରଭାବିତ ହେଲେ। ବନ୍ୟା ପାଇଁ ଚାଷଠାରୁ ବାସ ସବୁ ଉଜୁଡ଼ିଗଲା। ବହୁ ପଞ୍ଚାୟତର ଗାଁଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଲା। ବନ୍ୟା ସିନା ଛାଡ଼ିଛି ହେଲେ ବହୁ ଗ୍ରାମ ଏବଂ ଚାଷ ଜମିରେ ପାଣି ମାସେ ହେବ ଜମାହୋଇ ରହିଛି। ଜମିରେ

- ୨୦୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ
- କେବେ ଚାଷୀଙ୍କ ଦୁଃଖ ବୁଝିବେ ସରକାର


ଧାନ ତଳି, ପନିପରିବା ସବୁ ଉଜୁଡ଼ିଗଲା। ଏବେ ବି ଚାଷ ଜମିରେ ପେଟେ ପାଣି। ବୈତରଣୀ, କୋଚିଲା, ନାଳିଆ, ଗେଙ୍ଗୁଟି, ରେବ, କପାଳୀ ଆଦି ନଦୀରେ ବନ୍ୟା ଆସି ହସାନାବାଦ, ଅର୍ଜୁନପୁର, ନଦିଗାଁ, ସାହସପୁର, ବାମଜୁରା, ପାଳସାହି, ରଇପୁର, କାସିମପୁର, ଅସୁରାଳି, ଗୋବିନ୍ଦପୁର, ଗଡ଼ିଆଳି, କଲ୍ୟାଣୀ, ଫତେପୁର, ଧୂଷୁରୀ ଏନ୍‌ଏସି, କଟସାହି, ଖପରପଦା ଆଦି ପଞ୍ଚାୟତର ଦୁଃଖ ନ କହିବା ଭଲ। ଏ ପର୍ଯ୍ୟନ୍ତ ମାସେ ହେଲା କଟସାହି ପଞ୍ଚାୟତର ଛତିଶନନ୍ଦର, ଗୋହିରାପଦା, ବାଟିଟାଙ୍କି ଓ ଖପରପଦା ପଞ୍ଚାୟତର ଲୁଣିଆ ଏବଂ ଖପରପଦା ଗ୍ରାମର ଚାଷ ଜମିରେ ପେଟେ ପାଣି ଛିଡ଼ା ହୋଇଛି। ଏକ ମାସ ହେବ କଟସାହି ପଞ୍ଚାୟତର ପଥରଡିହ-ମୁଦୁଲିସାହି ରାସ୍ତାରେ ଏବେବି ଆଣ୍ଠୁଏ ପାଣି।

ଧାମନଗରର ବାଟିଟାଙ୍କି ଗ୍ରାମରେ ୧୦୦୦ରୁ ଅଧିକ ଚାଷୀ ବାସ କରନ୍ତି। ଏହି ବନ୍ୟାରେ ତାଙ୍କର ଚାଷ ଗଲା ବାସ ଗଲା। ସହାୟତା ପାଇଁ ସରକାରଙ୍କୁ ହାତ ଯୋଡ଼ି ନିବେଦନ କରିବା ସହ ଗୌରାଙ୍ଗ ଜେନା, ଅଜୟ ସେନାପତି, ବିପ୍ରଚରଣ ଜେନା, ରଞ୍ଜନ ସେନାପତି, ଧନଞ୍ଜୟ ବେହେରା, ଶଙ୍କର୍ଷଣ ଜେନା, ବ୍ରଜକିଶୋର ଜେନା ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପାଇଁ ଦାବି କରିଛନ୍ତି। ଧାମନଗର ବ୍ଲକ୍‌ରେ ୭ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ମାଛ, କୁକୁଡ଼ା, ଛତୁ ଚାଷ କଥା ନ କହିବା ଭଲ। ଯେଉଁ ଲୋକଙ୍କ କଚ୍ଚା ଘର ଭାଙ୍ଗିଛି, ସେମାନଙ୍କ ମଧ୍ୟରୁ କିଏ ବନ୍ଧ ଉପରେ, ପାଲ ତଳେ, କମ୍ୟୁନିଟି ସେଣ୍ଟରରେ ଆଶ୍ରୟ ନେଇଛନ୍ତି। ଆଗକୁ ପୁଣି ଆସୁଛି ବଡ଼ ବନ୍ୟା ଏବଂ ବଡ଼ ବର୍ଷା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ଏଭଳି ସ୍ଥିତିରେ ଆତଙ୍କିତ ଅବସ୍ଥାରେ ଅଛନ୍ତି ଧାମନଗରବାସୀ। ଏହାରି ମଧ୍ୟରେ ସରକାରଙ୍କ ସହାୟତାକୁ ଅନାଇ ବସିଛନ୍ତି ଚାଷୀକୁଳ।



# ରିଂରୋଡ୍ ଉଭୟ ପାର୍ଶ୍ୱରେ ପଥର ପ୍ୟାକିଙ୍ଗ ଦାବି

ଆନନ୍ଦପୁର, ୨୯।୮ (ସମିସ)



ଆନନ୍ଦପୁରରେ କୂଳ ଖାଉଛି ବୈତରଣୀ

ଚଳିତବର୍ଷ ବୈତରଣୀ ଓ କୁଶେଇ ନଦୀରେ ଆସିଥିବା କ୍ରମାଗତ ବନ୍ୟା ପରେ ଉଭୟ ନଦୀର କୂଳ ବ୍ୟାପକ କ୍ଷୟ ହୋଇଛି। ଯାହା ନଦୀକୂଳିଆ ଲୋକଙ୍କ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଅନେକ ସ୍ଥାନରେ ଚାଷଜମି ନଦୀ ମଧ୍ୟରେ ଲୀନ ହୋଇଯାଇଥିବା ବେଳେ ପ୍ରଖର ସ୍ରୋତ ଯୋଗୁଁ ନଦୀପଠାରେ ଥିବା ଶହଶହ ମୂଲ୍ୟବାନ ଗଛ ଉପୁଡ଼ି ଭାସିଯାଇଛି। ଆନନ୍ଦପୁର ବ୍ୟାରେଜ ନିକଟରୁ ଘସିପୁରା ଓ ଆନନ୍ଦପୁର ପାର୍ଶ୍ୱରେ ପାଖାପାଖି ୩ କିମି ପର୍ଯ୍ୟନ୍ତ ପଥର ପ୍ୟାକିଂ କରାଯାଇଛି। ଘସିପୁରା ପାର୍ଶ୍ୱରେ ବସ୍‌ଷ୍ଟାଣ୍ଡ, ଡଙ୍ଗାଘାଟ ଦେଇ ଜନାର୍ଦ୍ଦନପୁର ଶାସନ ନୃସିଂହନାଥ ମନ୍ଦିର ପର୍ଯ୍ୟନ୍ତ ୫ ବର୍ଷ ତଳେ ପଥର ପ୍ୟାକିଂ କରାଯାଇଥିଲା। ସେହିପରି, ଆନନ୍ଦପୁର ପାର୍ଶ୍ୱରେ କଚେରି ପର୍ଯ୍ୟନ୍ତ ପ୍ୟାକିଂ କାମ ଅଧପନ୍ତରିଆ ହୋଇ ଆଗକୁ ବଢ଼ି ପାରିନାହିଁ। ଉଭୟ ପାର୍ଶ୍ୱରେ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବୈତରଣୀ ବ୍ରିଜ୍ ପର୍ଯ୍ୟନ୍ତ ପଥର ପ୍ୟାକିଂ ଆବଶ୍ୟକ ଥିବାବେଳେ ଜଳସମ୍ପଦ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ବରିଷ୍ଠ ସାମ୍ବାଦିକ ସୁବାସଚନ୍ଦ୍ର ମହାପାତ୍ର କହିଛନ୍ତି। ପଥର ପ୍ୟାକିଂ ନଥିବାରୁ ଆନନ୍ଦପୁର ସହରବାସୀ ପ୍ରଥମଥର ପାଇଁ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାଛଡ଼ା ବୈତରଣୀ କୂଳରେ ଥିବା ଫକୀରପୁର, ବଞ୍ଜୋ, ଟୁକୁଣା, ପଞ୍ଚୁପଲ୍ଲୀ, ଓଡ଼ପଡ଼ା, ମଧୁକେଶରୀ ଗାଁର ନଦୀକୂଳ ବନ୍ୟାଯୋଗୁଁ ପ୍ରତିବର୍ଷ କ୍ଷତିଗ୍ରସ୍ତ ହେଉଛି। ଗାଁର ବୟସ୍କ ବ୍ୟକ୍ତିଙ୍କ କହିବାନୁସାରେ, ସେମାନଙ୍କ ପିଲାଦିନରେ ବୈତରଣୀ ନଦୀର ଓସାର ପ୍ରାୟ ୧୦୦ ଫୁଟ ଥିଲା। ସମୟକ୍ରମେ ନଦୀର ପ୍ରଶସ୍ତ ପ୍ରାୟ ୧୦ଗୁଣ ବଢ଼ିଯାଇଛି। ପ୍ରତିବର୍ଷ ଏଭଳି କୂଳ କ୍ଷୟ ଜାରି ରହିଲେ ସୀମାନ୍ତ ଓଡ଼ପଡ଼ା ଗାଁ ଦିନେ ନଦୀଗର୍ଭରେ ବିଲୀନ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ, ନଦୀବନ୍ଧର ନିର୍ମାଣ ଗୁଣବତ୍ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ, ନଦୀବନ୍ଧଟି ଅଣଓସାରିଆ, ଦୁର୍ବଳ ହୋଇଥିବା ବେଳେ ନିମ୍ନମାନର ନିର୍ମାଣ କରାଯାଇଛି। ଅନେକ ସ୍ଥାନରେ ପଥର ପ୍ୟାକିଂ ହୋଇ ନଥିବାରୁ ବନ୍ୟା ସମୟରେ ନଦୀକୂଳ କ୍ଷୟ ତୀବ୍ର ହେଉଛି।

ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ଗାଁ ଦେଇ ବହି ଯାଇଥିବା କୁଶେଇ ନଦୀ ଏବେ ଧୀରେ ଧୀରେ କୂଳ ଲଂଘିବାରେ ଲାଗିଛି। ଅତଡ଼ା ଖସିବା ସହ ଦିନକୁ ଦିନ ନଦୀର ଓସାର ବଢୁଥିବାରୁ ନଦୀକୂଳିଆ ଲୋକଙ୍କ ଚିନ୍ତା ବଢ଼ିଛି ଜଳସୁଆଁ ଗାଁର ମା' କୁଣ୍ଡୁଳାଇ ମନ୍ଦିର ନିକଟରୁ ନୟାଗଡ଼ ଗାଁ ପର୍ଯ୍ୟନ୍ତ ରାସ୍ତାର ଉଚ୍ଚତା କମ୍ ଥିବାରୁ ସାମାନ୍ୟ ବନ୍ୟା ଆସିଲେ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି। ନଦୀକୂଳିଆ ଚାଷଜମିରେ ବନ୍ୟାଜଳ ପଶି ଏକର ଏକର ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଛି। ସେହିପରି, ଜଳସୁଆଁ ଗାଁର ଜଳେଶ୍ୱର ମନ୍ଦିର ନିକଟରୁ ନୟାଗଡ଼ ପର୍ଯ୍ୟନ୍ତ ଖସୁଥିବା ନଦୀର ଅତଡ଼ାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସରେଇଁ, ବେଲବାହାଲି, ଟୋଲଙ୍ଗପଡ଼ା ନିକଟରେ ମଧ୍ୟ ପ୍ରତିବର୍ଷ କୁଶେଇ ନଦୀର ଅତଡ଼ା ଖସି ଆକାର ବଢ଼ିବାରେ ଲାଗିଛି। ଜଳସମ୍ପଦ ବିଭାଗର ଲୋକଙ୍କ ସୁରକ୍ଷା ବଦଳରେ ଠିକାଦାର ପ୍ରୀତି ଅଧିକ ରହୁଥିବାରୁ ସମସ୍ୟା ଅଧିକ ବଢ଼ି ଚାଲିଥିବା ଯୁବ ସାମ୍ବାଦିକ ସତ୍ୟଜିତ ସାହୁ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଜଳସମ୍ପଦ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ନଦୀବନ୍ଧକୁ ସୁଦୃଢ଼ କରିବା, ପଥର ପ୍ୟାକିଂ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ କୂଳ ସୁରକ୍ଷା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ ଡ଼ ବିପିନି ବିହାରୀ ମିଶ୍ର ଦାବି କରିଛନ୍ତି।

■ ଦୁଇ ବାଇକ ମୁହାଁମୁହିଁ ଧକ୍କା, ୩ ଗୁରୁତର

## ଉପଲବ୍ଧ ହେଲାନି ୧୦୮ ଆମ୍ବୁଲାନ୍ସ, ୩ ଘଣ୍ଟା ଧରି ଗୁରୁତର ଛଟପଟ

ବିଶୋଇ,୨୯।୮ (ସମିସ): ବିଶୋଇ ଥାନା ବିଶୋଇ-ରାଇରଙ୍ଗପୁର ରାଜ୍ୟ ରାଜପଥର ପାନପୋଷି ପୋଲ ନିକଟରେ ଆଜି ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଉଭୟ ବାଇକର ୩ ଜଣ ଗୁରୁତର ହୋଇଛନ୍ତି। ବିଶୋଇ ବ୍ଲକ କିମ୍ବା ନିକଟସ୍ଥ କୌଣସ ବ୍ଲକର ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ହେବାରୁ ଦୀର୍ଘ ୩ ଘଣ୍ଟା ଧରି ଗୁରୁତରଙ୍କୁ ମେଡିକାଲରେ ଯନ୍ତ୍ରଣାରେ ଛଟପଟ ହେବାକୁ ପଡିଛି। ବାଙ୍ଗିରିପୋଷି ଥାନା ଶୋରିଷପାଳ ଗ୍ରାମର ହାଡ଼ିବନ୍ଧୁ ହାଁସଦା ଓ ବାରିଆଳ ହାଁସଦା ବାଇକ ଯୋଗେ ବାଙ୍କବୋଳ ଡ୍ୟାମ ମେଳାକୁ ଯାଉଥିବାବେଳେ ବିପରୀତ ଦିଗରୁ ବିଶୋଇ ଥାନା ଅନ୍ତର୍ଗତ ଧାନା ଗ୍ରାମର ମଙ୍ଗଳ ମୁର୍ମୁ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ପାନପୋଷି ପୋଲ ନିକଟରେ ଉଭୟ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇ ଗୋଟି ବାଇକର ସମସ୍ତ ଆରୋହୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଡ୍ୟାମ ମେଳାରେ ନିୟୋଜିତ ଥିବା ଆମ୍ବୁଲାନ୍ସ ଓ ପୁଲିସ ଗାଡି ସହାୟତାରେ ଆହତଙ୍କୁ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ବାରିପଦା ପିଆରଏମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ବିଶୋଇ ବ୍ଲକ ଓ ଅନ୍ୟ ପଡୋଶୀ ବ୍ଲକରେ କୌଣସି ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବାରୁ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ମେଡିକାଲକୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଖବରପାଇ ସମାଜସେବୀ ଜୁରିଲାଲ ମହାନ୍ତ, ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ସମିତି ସଭ୍ୟ କାଶୁ ମାଝୀ, ଆନନ୍ଦ ରାମ, ଖେଲାରାମ ଟୁଡୁ, ସଚିନ୍ଦ୍ର ମହାନ୍ତ, ଉମାକାନ୍ତ ନନ୍ଦ, ପ୍ରଭାତ ରଞ୍ଜନ ଗିରି ପ୍ରମୁଖ ପହଞ୍ଚି ଏକ ଘରୋଇ ଆମ୍ବୁଲାନ୍ସ ସହାୟତାରେ ଗୁରୁତର ମଙ୍ଗଳଙ୍କୁ ବାରିପଦା ପଠାଯାଇଥିଲା।



## ପୃଥକ ମାମଲାରେ ୩ ୱାରେଣ୍ଟି ଗିରଫ

ଯୋଡ଼ା, ୨୯।୮ (ସମିସ): ଦୀର୍ଘବର୍ଷ ଧରି ଫେରାର ଥିବା ତିନିଜଣ ୱାରେଣ୍ଟିଙ୍କୁ ଗିରଫ କରିଛି ଯୋଡ଼ା ପୁଲିସ। ବିଭିନ୍ନ ପୁରୁଣା ଓ ପୃଥକ ମାମଲାରେ ଅଦାଲତଙ୍କ ପକ୍ଷରୁ ଗିରଫ ପରୱାନା ଜାରି ହୋଇଥିବା ବେଳେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ତିନି ଅଭିଯୁକ୍ତ ହେଉଛନ୍ତି ରଞ୍ଜିତ ଗୋପ, ସନ୍ତୋଷ ଲୋହାର ଓ ମୁନା ଓରଫ ଅଜିତ ଓରଫ ଅଜୟ ମିଶ୍ର। ଦୀର୍ଘବର୍ଷ ଧରି ଅଦାଲତରେ ହାଜର ନହୋଇ ଫେରାର ରହୁଥିବା ୱାରେଣ୍ଟିଙ୍କ ବିରୋଧରେ ପୁଲିସର ଏହି ଧରପଗଡ଼ ଅଭିଯାନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ପରେ ତିନିଜଣଙ୍କୁ ଆଇନ ଅନୁଯାୟୀ ଅଦାଲତରେ ହାଜର କରାଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ଦେହାନ୍ତ

ଆନନ୍ଦପୁର, ୨୯।୮ (ସମିସ): ଆନନ୍ଦପୁର ପୌର ରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଘଷିପୁରା ନିବାସୀ ମୃଷା ମହାରଣାଙ୍କ ଧର୍ମପତ୍ନୀ ବାଳୀ ମହାରଣା (୭୬)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଦେହାନ୍ତ ଘଟିଛି। ସେ ଛାତି ଯନ୍ତ୍ରଣା ନେଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲା ବେଳେ ଡାକ୍ତର ଅପରାହ୍‌ଣ ୩ଟା ବେଳେ ଘରକୁ ନେଇ ଯିବାକୁ କହିଥିଲେ। ରାତିରେ ଘରେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ମେଳାପି, ମିଷ୍ଟଭାଷୀ ପରୋପକାରୀ, ଧର୍ମପରାୟଣ ଓ ଅମାୟିକ ମହିଳା ଥିଲେ। ୫ ପୁଅ ବୋହୂ, ଝିଅଜ୍ୱାଇଁ ଓ ନାତିନାତୁଣୀ ଆତ୍ମୀୟ ସ୍ୱଜନ ତାଙ୍କ ଶେଷ ଦର୍ଶନ କରିଥିଲେ। ବୈତରଣୀ ନଦୀକୂଳ ଝାଡେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ବୀରେନ୍ଦ୍ର ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।



## ଦୁର୍ଘଟଣାରେ ୨ ମୃତ, ଦୁଇ ଗୁରୁତର

ଚମ୍ପୁଆ, ୨୯।୮ (ସମିସ): ଚମ୍ପୁଆ ଥାନା ଜମୁଦଲକ ଅଞ୍ଚଳର କାହ୍ନୁସାହି ନିକଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣଙ୍କର ପ୍ରାଣ ହାନି ହୋଇଛି। ଏଥିରେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ଗୋଜେନ୍ଦ୍ର ଗିରିଙ୍କ ଏକମାତ୍ର ପୁତ୍ର ସୁବାସଚନ୍ଦ୍ର ଗିରି (୪୨) ଏବଂ ମିରିଂସିଂହା ଅଞ୍ଚଳର ରାଜେଶ ମୁଣ୍ଡା ରହିଛନ୍ତି। ଅନ୍ୟ ଦୁଇ ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଚମ୍ପୁଆ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଦୁର୍ଘଟଣାର ପ୍ରକୃତ କାରଣ ଖୋଜୁଛି।

● ମୋରଡା ବ୍ଲକରେ ବଢୁଛି ଶିଶୁ ଶ୍ରମିକ ସଂଖ୍ୟା

## ବିଦ୍ୟାଳୟ ବଦଳରେ ପିଲାଙ୍କ ହାତରେ କାମ ବୋଝ

ମୋରଡା,୨୯।୮ (ସମିସ): ଶିଶୁଙ୍କ ହାତରେ କଲମ ଓ ବହି ରହିବା କଥା। ହେଲେ ମୋରଡା ବ୍ଲକ ଅଞ୍ଚଳରେ ଚିତ୍ର ଏବେ ଏହାର ବିପରୀତ କଥା କହୁଛି। କେଉଁଠି ହୋଟେଲରେ ଛୋଟ ହାତରେ କାମ, କେଉଁଠି ଟାୟାର ମରାମତି ଦୋକାନରେ ଶ୍ରମ, ଆଉ କେଉଁଠି ରାସ୍ତାକଡ଼ରେ ଘୁଷୁରି, ଛେଳି, ମେଣ୍ଢା ଓ ଗାଈଗୋରୁ ଚରାଉଛନ୍ତି କୋମଳମତି ଶିଶୁ। ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ଥିବା ସମୟରେ ସର୍ବଭାରତୀୟ ସ୍ତରରେ ମୟୂରଭଞ୍ଜ ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ ଘୋଷଣା କରିଥିଲେ କେନ୍ଦ୍ର ସରକାର। ଶ୍ରୀ ପାଟିଲଙ୍କ ସମୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହେଉଥିବାବେଳେ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଉଥିଲା। ବର୍ତ୍ତମାନର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୬ରୁ ୧୪ ବର୍ଷ ବୟସର ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା ରହିଛି। ଶିଶୁଙ୍କୁ ଶ୍ରମରେ ନିୟୋଜିତ କରିବା ମଧ୍ୟ ଆଇନ ବିରୋଧୀ। ତେବେ ବର୍ତ୍ତମାନ ରାସ୍ତାଘାଟ, ହୋଟେଲ, ଢାବା ଓ ବିଭିନ୍ନ ଦୋକାନରେ ଶିଶୁ କାମ କରୁଥିବା ନିଶ୍ଚୟ ଚିନ୍ତାଜନକ। ଚିତ୍ରଡା ଶୀର୍ଷାପାଳ ଛକରେ କୁନି କୁନି ପିଲାଙ୍କୁ ବାପାମାଆ ହାତରେ ତାଟିଆ ଦେଇ ଭିକ୍ଷା ବୃତ୍ତି କରାଉଥିବାବେଳେ ଅନ୍ୟ କେତେକ ସ୍ଥାନରେ ଶିଶୁଙ୍କ ଦ୍ୱାରା ସ୍ୱଳ୍ପ ପାରିଶ୍ରମିକରେ ବିଭିନ୍ନ କାର୍ଯ୍ୟ କରାଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାକୁ ରୋକିବାକୁ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜଙ୍ଗଲ ପାଖରେ ମଦ ଦୋକାନ; ଫିଙ୍ଗାଯାଉଛି ବର୍ଜ୍ୟବସ୍ତୁ

ସୁରକ୍ଷାକୁ ନେଇ ଆଶଙ୍କା ଓ ଅସନ୍ତୋଷ ବୃଦ୍ଧି

ତୁରୁମୁଙ୍ଗା, ୨୯।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ଉଦୟପୁର ରାସ୍ତାକଡ଼ ଜଙ୍ଗଲ ନିକଟରେ ଏକ ସ୍ୱୀକୃତିପ୍ରାପ୍ତ ମଦ ଦୋକାନକୁ ନେଇ ସ୍ଥାନୀୟ ଲୋକ ଓ ପରିବେଶପ୍ରେମୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଜଙ୍ଗଲ ପରିବେଶ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଏବେ ଚିନ୍ତା ପ୍ରକାଶ ପାଇଛି। କିଛି ଲୋକ ଭଙ୍ଗା ମଦ ବୋତଲ ଓ ବିଭିନ୍ନ ବର୍ଜ୍ୟବସ୍ତୁ ଜଙ୍ଗଲ ମଧ୍ୟରେ ଫିଙ୍ଗୁଛନ୍ତି। ଏହି ଜଙ୍ଗଲ ଉପରେ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ମଧ୍ୟ ନିର୍ଭରଶୀଳ। ମଦ୍ୟପାନ କରୁଥିବା ଲୋକଙ୍କ ଉପସ୍ଥିତି ସେମାନଙ୍କୁ ଅଡୁଆରେ ପକାଉଛି। ଏପରିକି ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଜଙ୍ଗଲ ଭିତରେ ମଦ୍ୟପାନ, ବୋତଲ ଭାଙ୍ଗିବା କିମ୍ବା ବର୍ଜ୍ୟବସ୍ତୁ ପକାଇବା ଭଳି କାର୍ଯ୍ୟକଳାପ ଜାରି ରହିଲେ ବନ୍ୟଜନ୍ତୁଙ୍କ ସ୍ୱାଭାବିକ ଚଳପ୍ରଚଳ ଓ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ପ୍ରାୟତଃ ସାହାରପଡା ଅଞ୍ଚଳରେ ବର୍ଷତମାମ ହାତୀପଲଙ୍କ





ଚଳପ୍ରଚଳ ରହିବା ସହ ଉକ୍ତ ଜଙ୍ଗଲରେ ମଧ୍ୟ ହାତୀ ପଲ ରହିଥାଆନ୍ତି। ଭଙ୍ଗା କାଚ ବୋତଲ ହାତୀପଲଙ୍କ ପାଇଁ ବିପଦ ବୋଲି ପରିବେଶବିତ ଓ ପଶୁପ୍ରେମୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ନିକଟରେ ମଦ ଦୋକାନର ଅନୁମତି ଓ ଏହାର ସ୍ଥାନ ନିର୍ଦ୍ଧାରଣକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଛି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ଦୋକାନର ଅବସ୍ଥିତି କେତେ ସୁରକ୍ଷିତ ତାହାର ଯାଞ୍ଚ କରିବାକୁ ଦାବି ହୋଇଛି। ଏନେଇ ପାଟଣା ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁ ଏଥିପାଇଁ କୌଣସି ଗାଇଡଲାଇନ ନାହିଁ ବୋଲି କହି ପ୍ରସଂଗକୁ ହାଲୁକା ଭାବେ ଏଡ଼ାଇ ଦେଇଛନ୍ତି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ୍ କହିଛନ୍ତି, ବନ୍ୟଜନ୍ତୁ ଓ ଗୃହପାଳିତ ପଶୁଙ୍କ ସୁରକ୍ଷା ପାଇଁ ଘଟଣାର ତଦନ୍ତ କରାଯିବ। ତେବେ, ଜଙ୍ଗଲ ନିକଟରୁ ସରକାରୀ ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମୀନାବଜାରରୁ ଫେରୁଥିବାବେଳେ ଓଲଟିଲା ଅଟୋ

■ ନାବାଳିକା ସମେତ ୫ ଗୁରୁତର ଆହତ

ବେତନଟୀ, ୨୯।୮ (ସମିସ): ମେଳା ବୁଲି ଖୁସିରେ ଘରକୁ ଫେରୁଥିବା ସମୟରେ ଘଟିଲା ଅଘଟଣ। ବେତନଟୀ ଧର୍ମଶାଳା ନିକଟରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ନାବାଳିକା ସମେତ ୫ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୈଶିଙ୍ଗା ଥାନା ଅଧୀନ କୋଠବାଡ଼ି ଓ ଡାଙ୍ଗୀରିପୁରା ଗ୍ରାମର କିଛି ମହିଳା ଓ ଜଣେ ନାବାଳିକା ଶୁକ୍ରବାର ସନ୍ଧ୍ୟାରେ ବେତନଟୀ ବଜାରରେ ଚାଲିଥିବା ମୀନାବଜାର ମେଳା ଦେଖିବାକୁ ଆସିଥିଲେ। ମେଳା ଦେଖି ସାରି ଏକ ଯାତ୍ରୀବାହୀ ଅଟୋ ଯୋଗେ ସେମାନେ ଘରକୁ ଫେରୁଥିଲେ। କଙ୍କାକାଳିଆ ଛକରୁ କୋଠବାଡ଼ି ଯିବା ରାସ୍ତାରେ ଧର୍ମଶାଳା ନିକଟରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ମନୋରମା ମହାନ୍ତ (୫୨), ଜୟନ୍ତୀ ମହାନ୍ତ (୪୭), ମନୋରମା ମହାନ୍ତ (୩୮), କୁଞ୍ଜଲତା ମହାନ୍ତ (୪୨) ଓ ଶୁଚିସ୍ମିତା ମହାନ୍ତ (୧୭) ଗୁରୁତର ଆହତ ହୋଇଥିବାବେଳେ ଅନ୍ୟଜଣେ ମହିଳା ସାମାନ୍ୟ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ମେଳା ସମୟରେ ଯାତ୍ରୀବାହୀ ଅଟୋଗୁଡ଼ିକ କ୍ଷମତାଠାରୁ ଅଧିକ ଯାତ୍ରୀ ବହନ କରିବା ସହ ଦ୍ରୁତ ଗତିରେ ଚଳାଚଳ କରୁଛନ୍ତି। ଟ୍ରାଫିକ୍ ଓ ପ୍ରଶାସନିକ ଯାଞ୍ଚର ଅଭାବ ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ତୁରନ୍ତ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କେନାଲ କୂଳରେ ୭ ମାସର ଶିଶୁକୁ ଛାଡ଼ି ପଳାଇଲା ମାଆ

ଶିଶୁର ଜୀବନ ବଞ୍ଚାଇଲେ ୨ ଯୁବକ

ବୈଶିଙ୍ଗା, ୨୯।୮ (ସମିସ): ପାରିବାରିକ କଳହରୁ ଜଣେ ମାଆ ନିଜର ୭ ମାସର ଶିଶୁପୁତ୍ରକୁ ରାସ୍ତାକଡ଼ କେନାଲ ନିକଟରେ ଛାଡ଼ି ପଳାଇଥିବା ଅଭିଯୋଗ ହୋଇଛି। ତେବେ ସେହି ରାସ୍ତା ଦେଇ ଯାଉଥିବା ଦୁଇଜଣ ଯୁବକ ଶିଶୁକୁ ଉଦ୍ଧାର କରିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ତା'ର ଜୀବନ ବଞ୍ଚିଯାଇଛି। ବୈଶିଙ୍ଗା ଥାନା ଅଧୀନ ଅଜାଡିହ ଗ୍ରାମର ଜିତୁ ହାଁସଦା ଓ ତାଙ୍କ ସ୍ତ୍ରୀ ଆଜୁମ ମାରାଣ୍ଡିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଜିତୁ ସ୍ତ୍ରୀଙ୍କୁ ମାରଧର କରିବାରୁ ଆଜୁମ ରାଗରେ ନିଜର ୭ ମାସର ଶିଶୁପୁତ୍ରକୁ ଧରି ଘରୁ ବାହାରି ଆସିଥିଲେ। ପରେ ବୈଶିଙ୍ଗା ଦେଇ ଯାଇଥିବା ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱ କେନାଲ ନିକଟରେ ଶିଶୁକୁ ଛାଡ଼ି ସେଠାରୁ ପଳାଇଯାଇଥିଲେ। ଏହି ସମୟରେ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ଶିଶୁଟି କେନାଲ କୂଳରେ ପେଟେଇ ପଡ଼ି କାନ୍ଦୁଥିଲା। ଏପରିକି କେନାଲ ମଧ୍ୟକୁ ଖସିଯିବାକୁ ବସିଥିଲା। ସେହି ସମୟରେ ସେହି ବାଟ ଦେଇ ଯାଉଥିବା ବଡ଼ଗୋପାଳପୁର ଗ୍ରାମର ଲକ୍ଷ୍ମୀଧର ପରିଡ଼ା ଓ ମୃତ୍ୟୁଞ୍ଜୟ ବେହେରା ଶିଶୁର କାନ୍ଦ ଶୁଣି ଅଟକି ଆଖପାଖରେ କାହାକୁ ନ ପାଇ ଶିଶୁକୁ ଉଦ୍ଧାର କରିଥିଲେ। ଜଣେ ବୃଦ୍ଧଙ୍କୁ ପଚାରିବାରୁ ଜଣେ ମହିଳା ଶିଶୁକୁ ସେଠାରେ ଛାଡ଼ି ବ୍ରିଜ୍ ଉପର ଦେଇ ଦୌଡ଼ି ପଳାଇଥିବା ସେ କହିଥିଲେ। ଏହାପରେ ଦୁଇ ଯୁବକ ଶିଶୁକୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା କରାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ଶିଶୁର ମାଆ ଆଜୁମଙ୍କୁ ଠାବ କରି ଡାକ୍ତରଖାନାକୁ ଆଣିଥିଲା। ସେଠାରେ ଘଟଣା ସମ୍ପର୍କରେ ଆଜୁମ ପୁଲିସକୁ ସବୁକିଛି କହିଥିଲେ। ପରେ ଶିଶୁର ବାପା ଜିତୁ ଡାକ୍ତରଖାନାରେ ପହଞ୍ଚିଥିଲେ। ପୁଲିସ ସହାୟତାରେ ଉଭୟ ଶିଶୁକୁ ନେଇ ଘରକୁ ଫେରିଥିବା ଜଣାପଡ଼ିଛି।

## ଦୁଇ ଟ୍ରାକ୍ଟର ସହ ହାଇୱା ଜବତ

ଆନନ୍ଦପୁର, ୨୯।୮ (ସମିସ): ରାମଚନ୍ଦ୍ରପୁର ପୁଲିସ ବେଆଇନ ବାଲି ଚାଲାଣ କରୁଥିବା ୨ଟି ଟ୍ରାକ୍ଟର ଓ ଗୋଟିଏ ହାଇୱାକୁ ଜବତ କରିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଖଣି ବିଭାଗ ବର୍ଷା ଋତୁରେ ଅକ୍ଟୋବର ମାସ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ଉପରେ କଟକଣା ଜାରି କରିଥିବା ବେଳେ ବୈତରଣୀ ନଦୀର ତମ୍‌ପୋ ଘାଟରୁ ବେଆଇନି ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏସଡିପିଓ କମଳ କୁମାର ପଣ୍ଡା ତନାଘନା ଚଳାଇଥିବା ଜଣାଯାଇଛି।

## ୮ ଫେରାର ଅଭିଯୁକ୍ତ ଗିରଫ

ଆନନ୍ଦପୁର, ୨୯।୮ (ସମିସ): ଆନନ୍ଦପୁର ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୁଲିସ ବିଭିନ୍ନ ସ୍ଥାନରୁ ଫେରାର ଥିବା ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆନନ୍ଦପୁର ଥାନା ଅନ୍ତର୍ଗତ ବଞ୍ଜୋ ଗ୍ରାମର ମହେନ୍ଦ୍ର ଜେନା ପ୍ରଶାନ୍ତ ରାଉତ, ମିଟୁ ସାହାଣୀ, ରାଜକିଶୋର ଦେହୁରୀ ସବିତା ସାହୁ, ଅକରୁଆ ଗ୍ରାମର ଲକ୍ଷ୍ମଣ ଜେନା, ସାବିତ୍ରୀଜେନା ସୋସ ଥାନା ଶଙ୍ଖଣା ଗ୍ରାମର କରୁଣା ବେହେରାଙ୍କୁ ଆନନ୍ଦପୁର କୋର୍ଟ ଚାଲାଣ କରିଛି।

## ଅଙ୍ଗନବାଡ଼ି କେନ୍ଦ୍ରରେ ବଜ୍ରପାତ; ୩ କର୍ମୀ ଗୁରୁତର

ତୁରୁମୁଙ୍ଗା, ୨୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ଅଙ୍ଗନବାଡ଼ି କେନ୍ଦ୍ରରେ ଶନିବାର ଅପରାହ୍ନରେ ସେକ୍ଟର ସଭା ଚାଲିଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ୬ ଅଙ୍ଗନବାଡ଼ି କର୍ମୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପାଟଣା ମେଡିକାଲରେ ଭର୍ତ୍ତି କରାଯାଇଛି। ଅଙ୍ଗନବାଡ଼ି ସୁପରଭାଇଜର ସନ୍ତାପି ମହାନ୍ତଙ୍କ ନେତୃତ୍ୱରେ ମଲ୍ଲିପଶି ଅଙ୍ଗନବାଡ଼ି କେନ୍ଦ୍ରରେ ସେକ୍ଟର ସଭା ଚାଲିଥିଲା। ବଜ୍ରପାତ ଯୋଗୁଁ କେନ୍ଦ୍ରର ବିଦ୍ୟୁତ୍ ବୋର୍ଡ ପୋଡ଼ିଯାଇଥିବା ବେଳେ ସଭାରେ ଉପସ୍ଥିତ କର୍ମୀ ଆହତ ହୋଇଥିଲେ। ଗୁରୁତର ତିନିଜଣ ହେଲେ ମୃଷାଖରୀ 'ସି' ଅଙ୍ଗନବାଡ଼ି କର୍ମୀ ପ୍ରଜ୍ଞାସ୍ମିତା ମୁର୍ମୁ ଓ ଖମୁଆଁ 'ଏ' ଅଙ୍ଗନବାଡ଼ି କର୍ମୀ ପୂର୍ଣ୍ଣମୀ ମହାନ୍ତ ଓ ସୁପରଭାଇଜର ସନ୍ତାପି ମହାନ୍ତ। ମିନତୀ ନାଏକ, ଯମୁନା ଦାସ ଓ ଦ୍ରୌପଦୀ ମୁଣ୍ଡାରୀ ଆହତ ହୋଇଛନ୍ତି। ପାଟଣା ମେଡିକାଲରେ ଗୁରୁତର କର୍ମୀଙ୍କ ଚିକିତ୍ସା ଜାରି ରହିଛି।

## ବଡ଼ସାହି ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ

ବଡ଼ସାହି,୨୯।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖରେ ପାଳନ କରାଯାଇଥାଏ। ଏହି ଦିନ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କ୍ରୀଡ଼ା ସଂଗଠନରେ କ୍ରୀଡ଼ା ପ୍ରତିଯୋଗିତା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏ ଅବସରରେ ବଡ଼ସାହି ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ବଡସାହି ହାଇସ୍କୁଲରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ମନୋରଞ୍ଜନ ବେହେରା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହାଇକୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ରାଇରଙ୍ଗପୁରରେ ପ୍ରସ୍ତାବିତ ସୈନିକ ସୁବିଧା କେନ୍ଦ୍ର ପାଇଁ ନିଯୁକ୍ତି ବିଜ୍ଞପ୍ତି

# ଆପତ୍ତି ଉଠାଇଲା ଜିଲ୍ଲା ପୂର୍ବତନ ସୈନିକ ସଂଗଠନ

ବାରିପଦା, ୨୯।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ସୈନିକଙ୍କ ପାଇଁ ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ ସୈନିକ କମ୍ପ୍ଲେକ୍ସ, ସିଏସଡି କ୍ୟାଣ୍ଟିନ, ସୈନିକ ରେଷ୍ଟ ହାଉସ୍ ଓ ଇସିଏଚ୍ ପଲିକ୍ଲିନିକ୍‌କୁ ଜିଲ୍ଲା ସଦର ମହକୁମା ବାରିପଦା ବଦଳରେ ରାଇରଙ୍ଗପୁର ଓ ବାରିପଦାରେ ଭାଗ ଭାଗ କରି ସ୍ଥାପନ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସୁପାରିଶ ଉପରେ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏହା ସତ୍ତ୍ୱେ ରାଇରଙ୍ଗପୁର କାର୍ଯ୍ୟାଳୟ ପାଇଁ କର୍ମଚାରୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲା ପୂର୍ବତନ ସୈନିକ ସଂଗଠନ ଆପତ୍ତି ଉଠାଇଛି।

ଚଳିତ ମାସ ୧୩ ତାରିଖରେ ନ୍ୟାୟମୂର୍ତ୍ତି ବି ପି ରାଉତରାୟଙ୍କ ଏକକ ପୀଠ ମୟୂରଭଞ୍ଜ ଜିଲ୍ଲା ଏକ୍ସ ସର୍ଭିସେସ୍ ଲିଗ୍ ଓ ଅନ୍ୟମାନଙ୍କ ପକ୍ଷରୁ ଦାଖଲ ହୋଇଥିବା ରିଟ୍ ପିଟିସନ୍ (ଡବ୍ଲୁ ପି(ସି) ନଂ ୨୫୮୨୦/୨୦୨୬)ର ଶୁଣାଣି କରି ସ୍ଥଗିତାଦେଶ ଦେଇଛନ୍ତି। ଏହି ମାମଲାରେ ମୟୂରଭଞ୍ଜ ଜିଲ୍ଲା ଏକ୍ସ ସର୍ଭିସେସ୍ ଲିଗ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ପିଟିସନର ଥିଲେ। ବିପକ୍ଷରେ କେନ୍ଦ୍ର ସରକାର, ଓଡ଼ିଶା ସରକାର, ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ସୈନିକ ବୋର୍ଡ ଅଧ୍ୟକ୍ଷ, ରାଜ୍ୟ ସୈନିକ ବୋର୍ଡ ଓ ଅନ୍ୟମାନେ ଥିଲେ। ପିଟିସନରଙ୍କ ଦାବି ଥିଲା ଯେ, ଜିଲ୍ଲାପାଳ ଗତ ଜୁଲାଇ ୯ ତାରିଖ ଆଦେଶ (ଆନେକ୍ସର-୭) ମାଧ୍ୟମରେ ଏହି ସୈନିକ ସୁବିଧା କେନ୍ଦ୍ରକୁ ଆଂଶିକ ଭାବେ ବାରିପଦା ଓ ଆଂଶିକ ଭାବେ ରାଇରଙ୍ଗପୁରରେ ସ୍ଥାପନ କରିବାର ସୁପାରିଶ କରିଛନ୍ତି। ଅଥଚ ଜିଲ୍ଲା ସଦର ମହକୁମା ବାରିପଦାରେ ହିଁ ଏହା ସ୍ଥାପିତ ହେବା ଉଚିତ। କାରଣ ମୟୂରଭଞ୍ଜ ଜିଲ୍ଲାର ପୂର୍ବ

STATION HQ BALASORE -
VACANCY NOTICE (URC-5543, RAIRANGPUR)
● Applications are invited from ESM / Veer Nari / Dependents for contractual appointments at URC Rairangpur for URC Clerk (01), Biller (04), MTS (03), Group Holder (03) and Security Guard (04).
● Preference for URC Clerk will be given to recently retired ESM Clerks proficient in computer applications, accounts, official correspondence, documentation, inspection records and CSD procedures.
Qualification :
■ Graduate for Clerk, 10+2 with Computer Knowledge for Billers
■ 10th Pass for MTS/Group Holder/ Security. Salary as per market norms.
■ Submit Bio-data, photograph, service/educational certificates, Aadhaar, PAN, bank details and Police Verification to Canteen Officer, Station HQ Balasore by 30 July 2026.
Contact : 06782 - 272077, 8895430636, 8895357512
Email Note : esmhelplinestnhqbls@gmail.com
NOTE : ● Only shortlisted candidates will be called for interview.
● No TA/DA admissible.

ଅଞ୍ଚଳରେ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କ ସଂଖ୍ୟା ପଶ୍ଚିମ ଅଞ୍ଚଳ ତୁଳନାରେ ଦୁଇ ଗୁଣାରୁ ଅଧିକ। ବାରିପଦା ଅଞ୍ଚଳରେ ପ୍ରାୟ ୨,୦୯୧ ଜଣ ପୂର୍ବତନ ସୈନିକ ରହିଥିବାବେଳେ ରାଇରଙ୍ଗପୁରରେ ମାତ୍ର ୮୯୦ ଜଣ ଅଛନ୍ତି। ଏହି ସୁବିଧା ବାରିପଦାରେ ନ ଥିବା ଫଳରେ ପ୍ରାୟ ୬,୦୦୦ ଲୋକ ସମସ୍ୟାରେ ପଡ଼ିବେ ବୋଲି ସେମାନେ ଯୁକ୍ତି କରିଛନ୍ତି। ଏହା ପୂର୍ବରୁ ଗତ ମାସ ୧୫ ତାରିଖରେର ମୟୂରଭଞ୍ଜ ଏକ୍ସ ସର୍ଭିସେସ୍ ଲିଗ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା ଓ ବାରିପଦାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନର ଦାବି ଆଧାରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହି ସୁବିଧା ମଞ୍ଜୁର ହୋଇଥିଲା। ମାତ୍ର ସଂଗଠନକୁ ଅନ୍ଧାରରେ ରଖି ଏହାକୁ ସ୍ଥାନାନ୍ତର କରାଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଏ ପର୍ଯ୍ୟନ୍ତ ମୟୂରଭଞ୍ଜର ପୂର୍ବତନ ସୈନିକମାନେ କ୍ୟାଣ୍ଟିନ, ଇସିଏଚ୍‌ଏସ୍, ପଲିକ୍ଲିନିକ୍ କିମ୍ବା ଜିଲ୍ଲା ସୈନିକ ବୋର୍ଡ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ବୋଲି କହିଛନ୍ତି। ଇସିଏଚ୍‌ଏସ୍ ସୁବିଧା ପାଇଁ ସୈନିକମାନେ ନିଜ ଚାକିରି ସମୟରେ ଅର୍ଥ ଦେଇଛନ୍ତି, ଏହା ସେମାନଙ୍କର ଅଧିକାର ବୋଲି ଦାବି କରାଯାଇଛି। ହାଇକୋର୍ଟ ଆଦେଶରେ କୁହାଯାଇଛି ଯେ, ରିଟ୍ ପିଟିସନ୍‌କୁ ଅଦାଲତ ଆଡ଼ମିସନ୍ ସ୍ତରରେ ନିଷ୍ପତ୍ତି କରାଯାଉଛି ଓ ପିଟିସନରଙ୍କ ଦାବିର ଗୁଣାଗୁଣ ଉପରେ କୌଣସି ମତ ଦିଆଯାଉନାହିଁ। ଜିଲ୍ଲାପାଳ, ମୟୂରଭଞ୍ଜ (ବିପକ୍ଷ ପକ୍ଷ ନଂ ୩)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ପିଟିସନରଙ୍କ ସ୍ମାରକପତ୍ର (ଆନେକ୍ସର-୮) ଅନୁଯାୟୀ ସେମାନଙ୍କ ଅଭିଯୋଗକୁ ବିଚାର କରନ୍ତୁ। ପିଟିସନର ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ଶୁଣାଣିର ସୁଯୋଗ ଦେଇ ଆଇନ ଅନୁଯାୟୀ ନିଷ୍ପତ୍ତି ନିଅନ୍ତୁ। ଏହି ଆଦେଶର ପ୍ରମାଣିତ ନକଲ ଓ ରିଟ୍ ପିଟିସନ୍‌ର ନକଲ ପ୍ରାପ୍ତି ତାରିଖରୁ ୩ ମାସ ମଧ୍ୟରେ ଏହି ନିଷ୍ପତ୍ତି ନିଆଯିବ। ସେହି ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ୯ ଜୁଲାଇ ୨୦୨୬ ତାରିଖର ସୁପାରିଶ (ଆନେକ୍ସର-୭) ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନାହିଁ। ଏହି ଆଦେଶ ପରେ ମୟୂରଭଞ୍ଜର ପୂର୍ବତନ ସୈନିକ ମହଲରେ ସନ୍ତୋଷ ପ୍ରକାଶ ପାଇଥିଲା। ପରେ ବାଲେଶ୍ୱର ଷ୍ଟେସନ୍ ମୁଖ୍ୟାଳୟରୁ ୟୁଆରସି ରାଇରଙ୍ଗପୁର ପାଇଁ ଖବରକାଗଜରେ କର୍ମଚାରୀଙ୍କ ପାଇଁ ଚାକିରି ବିଜ୍ଞପ୍ତି ଜାରି ପରେ ସମସ୍ତେ ଆପତ୍ତି ଉଠାଇଛନ୍ତି। ୟୁଆରସି-୫୫୪୩, ରାଇରଙ୍ଗପୁରରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ଖାଲି ପଦବୀ ବିଜ୍ଞପ୍ତି ଜାରିରେ ଏସଏମ୍ (ଏକ୍ସ-ସର୍ଭିସମେନ୍), ବୀର ନାରୀ ଓ ନିର୍ଭରଶୀଳଙ୍କଠାରୁ ଆବେଦନ ଆମନ୍ତ୍ରିତ କରାଯାଇଛି।

ଜଣେ ୟୁଆରସି କ୍ଲର୍କ, ୪ ଜଣ ବିଲର, ୩ଜଣ ଏମ୍‌ଟିଏସ୍ ୩ଜଣ ଗ୍ରୁପ୍ ହୋଲ୍ଡର ଓ ୪ଜଣ ସିକ୍ୟୁରିଟି ଗାର୍ଡ ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଆବେଦନକାରୀ ବାୟୋଡାଟା, ଫଟୋଗ୍ରାଫ୍, ସେବା/ଶିକ୍ଷା ପ୍ରମାଣପତ୍ର, ଆଧାର, ପ୍ୟାନ୍, ବ୍ୟାଙ୍କ ବିବରଣୀ ଏବଂ ପୁଲିସ୍ ଭେରିଫିକେସନ୍ ସହିତ ଆବେଦନ କରିବେ। ଏହା ଜଣାପଡିବା ପରେ ପୂର୍ବତନ ସୈନକ ସଂଘ ଆପତ୍ତି ଉଠାଇଛି। ସେମାନେ ଆଶା କରୁଛନ୍ତି ଯେ, ଜିଲ୍ଲାପାଳ ଏହି ନିର୍ଦ୍ଦେଶକୁ ଗମ୍ଭୀରତାର ସହିତ ଗ୍ରହଣ କରି ଜିଲ୍ଲା ସଦର ମହକୁମା ବାରିପଦାରେ ହିଁ ସୈନିକ ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନିଅନ୍ତୁ। ହାଇକୋର୍ଟର ଏହି ଆଦେଶ ପରେ ଏବେ ସମସ୍ତ ଦୃଷ୍ଟି ଜିଲ୍ଲାପାଳଙ୍କ ଉପରେ ରହିଛି। ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ କୁହାଯାଇଥିବାରୁ ପୂର୍ବତନ ସୈନିକ ସଂଗଠନ ଏହାର କାର୍ଯ୍ୟକାରିତାକୁ ନିବିଡ଼ ଭାବେ ନଜରରେ ରଖିଛି ବୋଲି ଲିଗ୍‌ର ସଭାପତି ଜନାର୍ଦ୍ଦନ ମହାନ୍ତ, ସାଧାରଣ ସମ୍ପାଦକ ପରମେଶ୍ୱର ମହାନ୍ତ ଓ ଉପସଭାପତି ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ କହିଛନ୍ତି।

# ବଲିଉଡ୍‌ରୁ ଅମାଲଙ୍କ ବ୍ରେକ୍



ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ମ୍ୟୁଜିକ୍ କମ୍ପୋଜର ଅମାଲ ମଲିକ ବଲିଉଡ୍‌ରୁ ବ୍ରେକ୍ ନେବା କଥା ଘୋଷଣା କରିଛନ୍ତି । ଏନେଇ ସେ ସାମାଜିକ ଗଣମାଧ୍ୟମରେ ଏକ ଭାବୁକ ପୋଷ୍ଟ ବି ସେୟାର୍ କରିଛନ୍ତି । ସେ ଏବେ ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ତେଣୁ ଆସନ୍ତା ବର୍ଷ ସୁଦ୍ଧା ସେ ଫିଲ୍ମ ପାଇଁ କୌଣସି ନୂଆ ଗୀତ କମ୍ପୋଜ କରିବେ ନାହିଁ । ତେବେ ପୂର୍ବରୁ ରେକର୍ଡ କରାଯାଇଥିବା ଗୀତ ତାଙ୍କର ଆଗାମୀ ଦିନରେ ଆସିପାରେ । ତାଙ୍କର ଏଭଳି ଘୋଷଣା ପରେ ତାଙ୍କ ପ୍ରଶଂସକମାନେ ଉଦାସ ହେବା ସହିତ ଅମାଲଙ୍କୁ ବିଶ୍ରାମ କରିବା ସହିତ ସ୍ୱାସ୍ଥ୍ୟକୁ ପ୍ରାଥମିକତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ଅମାଲଙ୍କ ଏଭଳି ନିଷ୍ପତ୍ତି ପଛରେ ହେଲଥ ଓ ହିଲିଂ ଥିବା କୁହାଯାଇଛି । ଅମାଲ କିଛି ଦିନ ପାଇଁ ନିଜ ମନ, ଶରୀର ଓ ଆତ୍ମାକୁ ଆରାମ ଦେବାକୁ ଚାହୁଁଛନ୍ତି । ଅନ୍ୟପଟେ ନିକଟରେ ସେ 'ଆୱାରପନ-୨'ର ଗୀତକୁ ନେଇ ଚର୍ଚ୍ଚାରେ ଥିଲେ । ସେହିପରି ଏହି ବ୍ରେକ୍ ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

# 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ମ୍ୟୁଜିକ୍ ଭିଡିଓ ରିଲିଜ

ଆମ ଓଡ଼ିଆ ସଂସ୍କୃତିର ପ୍ରତ୍ୟେକ ପର୍ବପର୍ବାଣିରେ ନିର୍ଦ୍ଦେଶକ ବାବୁ ବାବୁ ଓଡ଼ିଆ ଦର୍ଶକଙ୍କୁ ସୁନ୍ଦର ମ୍ୟୁଜିକ ଭିଡ଼ିଓଟିଏ ଉପହାର ଦେଇଥାନ୍ତି । ସେ ରାକ୍ଷୀ ପୂର୍ଣ୍ଣିମାରେ 'ଏ ରାକ୍ଷୀ ରହିଲା ସାକ୍ଷୀ ଆମର' ନାମରେ ଏକ ସୁନ୍ଦର ମ୍ୟୁଜିକ ଭିଡ଼ିଓ ଉପହାର ଦେଇଛନ୍ତି । ଶଙ୍କର କ୍ରିଏସନ୍ ପ୍ରସ୍ତୁତ ଏହି ଭିଡିଓକୁ ବଳରାମ ସେଠି ପ୍ରଯୋଜନା କରିଛନ୍ତି । ତପୁ ନାୟକଙ୍କ ଗୀତକୁ ସନ୍ତୋଷ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏଥିରେ କୁମାର ବାପି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ଟେଲିଭିଜନ ପରଦାର ସୁପରିଚିତା ନାୟିକା ସ୍ମୃତିରେଖା ମୁଖ୍ୟ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ନାୟକ ଭାବେ ସୁଶୀଲ ଅଭିନୟ କରିଛନ୍ତି । ସୁନୟନା, ମେଘା ଏବଂ ବ୍ରିଜେଶ ସହ କଳାକାର ଭାବେ ଅଭିନୟ କରିଛନ୍ତି । ଭାଇ ଭଉଣୀଙ୍କ ପବିତ୍ର ସମ୍ପର୍କକୁ ନେଇ ଚିତ୍ରିତ ହୋଇଥିବା ଏହି ମ୍ୟୁଜିକ ଭିଡିଓଟି ସାମାଜିକ ବାର୍ତ୍ତା ଦେଉଥିବାବେଳେ ଏହା ନିଶ୍ଚିତ ଭାବେ ଲୋକାଦୃତ ହେବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି ।



# 'ଚକ୍ରବୀର'ର ଟାଇଟଲ୍ ଗୀତ ରିଲିଜ୍



ସୂର୍ଯ୍ୟା ଫିଲ୍ମ ୱାର୍ଲଡ୍ ବ୍ୟାନର ପ୍ରସ୍ତୁତ 'ଚକ୍ରବୀର' ସିନେମାର ଟାଇଟଲ୍ ଗୀତ ମୁକ୍ତିଲାଭ କରିଛି । ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏହି ଫିଲ୍ମର ଗୀତ ମୁକ୍ତିଲାଭ ଉତ୍ସବ ପାଳିତ ହୋଇଥିଲା । ଏହି ଅବସରରେ 'ଚକ୍ରବୀର' ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରେନ୍ ମହାପାତ୍ର, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଅତୀଶ ରାଉତ, ରୋଟାରୀଆନ୍ମ, ବିକାଶ ଗରାବଡ୍ଡୁ, କେ ବଦ୍ରୀ ନାରାୟଣ ସୁବୁଦ୍ଧି, ଫିଲ୍ମର ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, କୋରିଓଗ୍ରାଫର ବିଦ୍ୟୁତ ସେଠୀ, ଅଭିନେତା ମିଟୁ ମିଥୁନ ପ୍ରମୁଖ ଯୋଗଦେଇଥିଲେ । ଶୀର୍ଷକ ସଂଗୀତ ମୁକ୍ତିଲାଭ ସହିତ ଆଉ ଦୁଇଟି ଗୀତ ମଧ୍ୟ ମୁକ୍ତିଲାଭ କରିଛି । ଚକ୍ରବୀର ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ନାୟିକା ସୁପ୍ରିୟା ନାୟକ। ଟାଇଟଲ୍ ଗୀତଟି ତାଙ୍କ ନୃତ୍ୟାଭିନୟକୁ ନେଇ ଗତିଶୀଳ ହୋଇଛି । ଉନ୍ନତ ଜ୍ଞାନ କୌଶଳ ଭିଏଫ୍‌ଏକ୍ସ ମାଧ୍ୟମରେ ଗୀତଟି ତିଆରି ହୋଇଛି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏସ୍‌ବି ସ୍ମୃତି ଏବଂ ସାଇ ପ୍ରଜ୍ଞା କଣ୍ଠଦାନ କରିଥିବା ବେଳେ ସୁଶାନ୍ତ ମଣି ଗୀତ ରଚନା କରିଛନ୍ତି । ଏହି ଚଳଚ୍ଚିତ୍ରକୁ ତ୍ରିଭାଷୀରେ ମୁକ୍ତିଲାଭ କରାଯାଉଛି । ଏହା ତେଲୁଗୁ, ମରାଠୀ ଏବଂ ଓଡ଼ିଆ ଭାଷାରେ ମୁକ୍ତିଲାଭ କରିବା ପାଇଁ ପ୍ରସ୍ତୁତ ହୋଇଛି । ସେହିପରି ପ୍ରଯୋଜନା, ନିର୍ଦ୍ଦେଶନା ସହିତ ମୁଖ୍ୟ ନାୟକ ଭୂମିକାରେ ସୁରେନ୍ ମହାପାତ୍ର ନଜର ଆସୁଛନ୍ତି । ଏହି ଚଳଚ୍ଚିତ୍ର ଏକ ସାମାଜିକ ବାର୍ତ୍ତା ନେଇ ଆସୁଥିବା ସୁରେନ୍ ପ୍ରକାଶ କରିଛନ୍ତି ।



ତାରକା ବହୁଳ ସିନେମା

# 'ଦଣ୍ଡକାଳୀ'

ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ' ଗଣେଶ ପୂଜା ଅବସରରେ ପ୍ରେକ୍ଷାଳୟକୁ ଆସିବ । ତେବେ ସିନେମାଟିକୁ ତାରକା ବହୁଳ ବୋଲି କୁହାଯାଉଛି । କାରଣ ସିନେମାର ବିଭିନ୍ନ ଚରିତ୍ରରେ ବହୁ ଲୋକପ୍ରିୟ କଳାକାରଙ୍କୁ ଦେଖିବାକୁ ମିଳିବ । ଏଥିରେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଉଷସୀ ମିଶ୍ର, କ୍ରିଷ୍ଟା କର, ଏଲି ପାଢ଼ି, ଚୌଧୁରୀ ଜୟ ପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ ଅଭିନୟ କରିଛନ୍ତି । ସେହିପରି ଶିଶୁ କଳାକାର ଭାବେ ହଂସରାଜ ଓ ଧୃନଙ୍କୁ ଦେଖିବାକୁ ମିଳିବ । 'ରାଜଶ୍ରୀ ସିନେ କ୍ରାଫ୍ଟ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର । ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ । 'ଦଣ୍ଡକାଳୀ' ଦର୍ଶକଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରୁଛନ୍ତି ।

# ମନ ମୋହିବ 'ମଧୁମାଳତୀ'




ଭଲପାଇବା ହୁଏତ ସମସ୍ତଙ୍କ ଭାଗ୍ୟରେ ଥାଏ । ହେଲେ ନିଜ ଭଲପାଇବାକୁ ପାଇବା ସମସ୍ତଙ୍କ ଭାଗ୍ୟରେ ନ ଥାଏ । ସମୟ ଆଉ ସମାଜର ସର୍ତ୍ତ ଆଉ ସୀମାରେଖାକୁ ଡେଇଁ ନିଜ ପ୍ରେମକୁ ଖୋଜିପାଇଥିବା ଦୁଇଟି ହୃଦୟର କାହାଣୀ 'ମଧୁମାଳତୀ ।' ନିକଟରେ 'ଔରୋଶ୍ରୀ ଫିଲ୍ମସ' ପକ୍ଷରୁ ସିନେମାର ଶୀର୍ଷକ 'ମଧୁମାଳତୀ' ଘୋଷଣା କରାଯାଇଥିବା ବେଳେ ଏହାର ମୁଖ୍ୟ ଭୂମିକାରେ ପ୍ରଥମଥର ପାଇଁ ବଲିଉଡ୍ ଅଭିନେତା ସଞ୍ଜୟ ମିଶ୍ରା ଓ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିବ । ଅନ୍ୟାନ୍ୟ ଭୂମିକାରେ ଆକାଶ, ଭୂମିକା, ପ୍ରଜ୍ଞା, ସନୋଜ୍,କେକେ, ଶୁଭ୍ରାଂଶୁ, ପ୍ରଶାନ୍ତ , ଭାସ୍ୱତୀ ପ୍ରମୁଖ ରହିଥିବା ବେଳେ ସିନେମାର ପ୍ରଯୋଜକ ରହିଛନ୍ତି ଅଶୋକ ପାଢ଼ୀ ଓ ବ୍ରଜକିଶୋର ମିଶ୍ର । ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ ଓ ସିନେମାର ନିର୍ଦ୍ଦେଶନାର ଦାୟିତ୍ୱ ତୁଲାଇଛନ୍ତି ମୃତ୍ୟୁଞ୍ଜୟ ସାହୁ । ଏହି ସିନେମାର ଗୀତଗୁଡ଼ିକରେ ଅସୀମା, ଅନ୍ତରା, ଜ୍ୟୋତିର୍ମୟୀ, ସତ୍ୟଜିତ୍‌ଙ୍କ ସହ କଣ୍ଠଦାନ କରୁଛନ୍ତି ବର୍ଷିୟାନ୍ ଗାୟିକା ତୃପ୍ତି ଦାସ । ଏକ ନିଆରା ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ 'ମଧୁମାଳତୀ' ସିନେମା ଦଶହରାରେ ମୁକ୍ତିଲାଭ କରିବାକୁ ପ୍ରସ୍ତୁତ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।

ପରଦା ପଛର କାହାଣୀ

# ଅଭିନୟ ନୁହେଁ, ସତରେ ଝରି ଥିଲା ଆଖିରୁ ଲୁହ

'ହମାରି ଅଧୁରୀ କାହାନୀ' ଫିଲ୍ମରେ ଇମ୍ରାନ୍ ହାସମୀଙ୍କୁ ଭିନ୍ନ ଏବଂ ଭାବପ୍ରବଣ ଚରିତ୍ରରେ ଦେଖିବାକୁ ମିଳିଥିଲା । ଏହି ଫିଲ୍ମରେ ସେ ରୋମାଣ୍ଟିକ୍ ଅନ୍ଦାଜ ଛାଡ଼ି ଏକ ଗମ୍ଭୀର ସମ୍ବେଦନଶୀଳ ଚରିତ୍ରରେ ଅଭିନୟ କରିଥିଲେ । ନିକଟରେ ତାଙ୍କ ପତ୍ନୀ ପରବିନ୍ ହାସମୀ ଏହି ଫିଲ୍ମ ସହ ଜଡ଼ିତ ଭାବପ୍ରବଣ ଦୃଶ୍ୟ ସଂପର୍କରେ ପ୍ରକାଶ କରିଥିଲେ । ଏହି ସିନେମାର ଏକ ଦୃଶ୍ୟରେ ସତରେ ଇମ୍ରାନ୍ କାନ୍ଦି ପକାଇ ଥିଲେ । ପରବିନ୍‌ଙ୍କ କହିବାନୁଯାୟୀ ଇମ୍ରାନ୍ ଏହି ଫିଲ୍ମ ସୁଟିଂ କରିବା ସମୟରେ ବ୍ୟକ୍ତିଗତ ଜୀବନରେ ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ଦେଇ ଗତି କରୁଥିଲେ । ସାମାଜିକ ଗଣମାଧ୍ୟମରେ ସେ 'ହମାରି ଅଧୁରୀ କାହାନୀ' ଫିଲ୍ମ ଗୀତ ସେୟାର୍ କରି ସେହି ଦୁଃଖଦ ସମୟର ଘଟଣାକୁ ବ୍ୟକ୍ତ କରିଥିଲେ । ଇମ୍‌ରାନ୍ ଏହି ଫିଲ୍ମ ସୁଟିଂ ପାଇଁ ଯିବା ସମୟରେ ପୁଅ ଆୟାନର କ୍ୟାନସର୍ ଟ୍ରିଟମେଣ୍ଟ ଜାରି ରହିଥିଲା । ଅନିଚ୍ଛା ସତ୍ତ୍ୱେ ଇମ୍ରାନ୍ ନିଜ ରୋଗାକ୍ରାନ୍ତ ପୁଅକୁ ଘରେ ପରିବାର ଲୋକଙ୍କ ସହ ଛାଡ଼ି ସୁଟିଂ କରିବାକୁ ଯାଇଥିଲେ । ଅନ୍‌ସ୍କ୍ରିନ୍‌ରେ ମଧ୍ୟ ସେ ନିଜେ ଅନେକ ଦୁଃଖକଷ୍ଟ ଦେଇ ଗତି କରୁଥିଲେ । ଏପରିକି ପରଦାରେ କାନ୍ଦୁଥିବା ଦୃଶ୍ୟ ମଧ୍ୟ ଅଭିନୟ ନଥିଲା । ଅନେକ ସମୟରେ ଏହି ଭାବପ୍ରବଣ ଦୃଶ୍ୟ ମାଧ୍ୟମରେ ମନ ଭିତରେ ଚାପି ରହିଥିବା ଦୁଃଖ, କଷ୍ଟ ଯନ୍ତ୍ରଣା ବାହାରି ଆସିଥିଲା । ମୋହିତ ସୁରୀଙ୍କ ନିର୍ଦ୍ଦେଶିତ ଏହି ସିନେମା ୨୦୧୫ ମସିହାରେ ମୁକ୍ତିଲାଭ କରିଥିଲା । ଏଥିରେ ଇମରାନ୍ ହାସ୍‌ମୀଙ୍କ ସହ ବିଦ୍ୟାବାଲନ୍, ରାଜକୁମାର ରାଓ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ । ମହେଶ ଭଟ୍ଟ ଏହାର ପ୍ରଯୋଜନା ଦାୟିତ୍ୱ ବହନ କରିଥିଲେ । ଏହାର କାହାଣୀ ମହେଶ ଭଟ୍ଟଙ୍କ ପିତାମାତାଙ୍କ ରିଅଲ୍ ଲାଇଫ୍ ଲଭ୍ ଷ୍ଟୋରୀ ଉପରେ ଆଧାରିତ । ଜଣେ ସିଙ୍ଗଲ୍ ମଦର ଏବଂ ଧନୀ ବ୍ୟବସାୟୀ ଆରବଙ୍କୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି । ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ ।



ସାକ୍ଷାତକାର

# "ମଡେଲିଂ ଓ ଅଭିନୟ ମୋ ଜୀବନର ଅବିଚ୍ଛେଦ୍ୟ ଅଂଶ"

ହନି ଏସ୍.ସିଂ, ଅଭିନେତ୍ରୀ-ମଡେଲ୍

**ଓଡ଼ିଆ ସିନେ ଜଗତରେ ନିଜର ଚମତ୍କାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ସେ ଜିତିଥିଲେ । ଅଭିନୟ, ବିଜ୍ଞାପନ, ମଡେଲିଂ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିବା ପରେ ଏବେ ସେ ଜାତୀୟସ୍ତରର ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଆଣିଛନ୍ତି ଗୌରବ । ଢେଙ୍କାନାଳର ହନି ଏସ୍ .ସିଂ ପେସାରେ ଜଣେ ବ୍ୟବସାୟୀ । ହେଲେ ନିଶା ତାଙ୍କର ମଡେଲିଂ କରିବା । ଓଡ଼ିଆ ଝିଅ ହିସାବରେ ନିଜ ମାଟି ପାଇଁ କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ସେ ପୁଣେର ହାୟାତରେ ଆୟୋଜିତ 'ମିସେସ୍ ଇଣ୍ଡିଆ ଇମ୍ପ୍ରେସ୍ ଅଫ୍ ଦ ନେସନ୍' ପ୍ରତିଯୋଗିତାରେ ଭାଗ ନେଇ 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ'ର ସେକେଣ୍ଡ ରନର୍ସ ଅପ୍ ହୋଇଛନ୍ତି । ତେବେ ଗ୍ଲାମର ଦୁନିଆରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିବା ହନିଙ୍କ ଯାତ୍ରା କେତେ ସହଜ ଥିଲା ଜାଣିବା ତାଙ୍କ ମୁହଁରୁ... ।**




**ଅଭିନୟ ଦୁନିଆକୁ କେମିତି ଆସିଲେ?**

- ପିଲାଦିନରୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲି । ଏଥିପାଇଁ କୋର୍ସ ବି କରିଛି । ଏକ ଧାରାବାହିକ ଜରିଆରେ ମୁଁ ରଙ୍ଗିନ ଦୁନିଆରେ ପାଦ ଥାପିଥିଲି । ପରେ ପରେ ଏକାଧିକ ବିଜ୍ଞାପନ, ମ୍ୟୁଜିକ୍ ଭିଡିଓରେ କାମ କରିଛି । 'ସୁନାଝିଅ', 'ଅଦିନ ବରଷା' ଆଦି ମ୍ୟୁଜିକ୍ ଭିଡିଓ ମୋର ବେଶ୍ ହିଟ୍ ହୋଇଛି । କେବଳ ସେତିକି ନୁହେଁ, ଭଗବାନଙ୍କ ଆଶୀର୍ବାଦରୁ 'ମନେ ରହିବ ଏ ପ୍ରେମ କାହାଣୀ' ଓ 'ସନ୍ଦେହୀ ପ୍ରିୟତମା' ପରି ସିନେମାରେ ମଧ୍ୟ କାମ କରିଛି । ଏହି ଦୁଇଟି ସିନେମାରେ ସେକେଣ୍ଡ ଲିଡ୍ ଚରିତ୍ରକୁ ବେଷ୍ଟ ଦେଇଥିଲି । ଏହା ଦର୍ଶକୀୟ ଆଦୃତି ହୋଇଛି ।

**ଅଭିନୟ ସହିତ ମଡେଲିଂକୁ କାହିଁକି ବାଛିଲେ?**

- ଅଭିନୟ କରିବା ସହିତ ମୋର ନିଜସ୍ୱ ବ୍ୟବସାୟ ରହିଛି । ଅଭିନେତ୍ରୀ ଭାବେ ଦର୍ଶକଙ୍କ ଭଲପାଇବା ପାଇବା ପରେ ସୌଭାଗ୍ୟବଶତଃ ମୋତେ ମଡେଲିଂ କରିବାକୁ ସୁଯୋଗ ମିଳିଥିଲା ।

**ଜାତୀୟସ୍ତରରେ 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ' ସଫଳତା ହାସଲ କରିବାରେ ଆପଣଙ୍କ ଅନୁଭୂତି?**

- 'ଡିଭା ପେଜେଣ୍ଟ' ତରଫରୁ 'ମିସେସ୍ ଇଣ୍ଡିଆ ଇମ୍ପ୍ରେସ୍ ଅଫ୍ ଦ ନେସନ'ର ସିଜନ-୭ର 'ଗୋଲ୍ଡ କ୍ୟାଟେଗୋରି ମିସେସ୍ ଗ୍ଲାମର ଆଣ୍ଡ ମିସେସ୍ ଇଣ୍ଡିଆ'ରେ ସେକେଣ୍ଡ ରନର୍ସ ଅଫ୍ ହେବା ବହୁତ ଗର୍ବର ବିଷୟ । କାରଣ ଜାତୀୟସ୍ତରରେ ଆୟୋଜିତ ଏହି ପ୍ରୋଗ୍ରାମରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ସହିତ ଓଡ଼ିଶା ତରଫରୁ ମୁଁ ପ୍ରତିନିଧିତ୍ୱ କରିଥିଲି । ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥିଲା । ସାଧାରଣତଃ ବିବାହ ପରେ ଅନେକ ମହିଳା ସାଂସାରିକ ଜୀବନରେ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରନ୍ତିନି । ଏହା ମୋତେ ଗଭୀର ଭାବେ ଦୁଃଖ ଦେଉଥିଲା । ସେମିତି ବି ମିସେସ୍‌ଙ୍କ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନାହିଁ । ତେଣୁ ଏପରି ଏକ ପ୍ରତିଯୋଗିତାରେ ଭାଗ ନେବାକୁ ମନସ୍ଥ କରି କଠିନ ପରିଶ୍ରମ କରିଥିଲି । ଆଉ ଟାଇଟଲ୍ ହାସଲ କରିଥିଲି । ଏହା ମୋ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । ମହିଳାମାନେ ନିଶ୍ଚିତ ଏଥିରୁ ପ୍ରେରଣା ପାଇବେ ।

**ମଡେଲିଂ ସହିତ ଅଭିନୟ ଜାରି ରହିବ?**

- ନିଶ୍ଚିତ । ଭବିଷ୍ୟତରେ ଯେଉଁ ବି ଚରିତ୍ର ମିଳିବ ତାହାକୁ ଜୀବନ୍ତ କରିବାକୁ ଆପ୍ରାଣେ ଚେଷ୍ଟା କରିବି । ତା' ସହିତ ଆଗାମୀ ଦିନରେ ମୁଁ ଅନ୍ତର୍ଜାତୀୟସ୍ତରରେ ମିସେସ୍ ପେଜେଣ୍ଟ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଛି । ତେବେ ମଡେଲିଂ ଓ ଅଭିନୟ ମୋ ଜୀବନର ଅବିଚ୍ଛେଦ୍ୟ ଅଂଶ ହୋଇରହିବ ।

**ଆପଣଙ୍କ ସୌନ୍ଦର୍ଯ୍ୟର ରାଜ୍ କ'ଣ?**

- ମୋ ମତରେ 'ବାହ୍ୟ ରୂପ ଅପେକ୍ଷା ମନର ପବିତ୍ରତା ଏବଂ ଭଲ ଚିନ୍ତାଧାରା ହିଁ ପ୍ରକୃତ ସୌନ୍ଦର୍ଯ୍ୟ । କାରଣ ମନରେ ସକାରାତ୍ମକ ଚିନ୍ତାଧାରା ହିଁ ଜଣଙ୍କୁ ସୁନ୍ଦର କରିଥାଏ । ତେଣୁ ମୋର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମୁଁ ସକାଳୁ କିଛି ସମୟ ଧ୍ୟାନ କରେ । ସକାରାତ୍ମକ ଚିନ୍ତାଧାରା ଓ ନିଜ ଉପରେ ବିଶ୍ୱାସ ରଖି ମୋର କର୍ମ କରେ ।

**ଫୁରସତ୍ ସମୟରେ କ'ଣ କରନ୍ତି?**

- ଅଭିନୟ ଓ ମଡେଲିଂକୁ ବାଦ୍ ଦେଲେ ମୁଁ ଜଣେ ବ୍ୟବସାୟୀ । ବ୍ୟବସାୟକୁ କିପରି ଆଗକୁ ବଢ଼ାଇବି ତାହାକୁ ଗୁରୁତ୍ୱ ଦିଏ । ଏହା ସହିତ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହେ ।

**ଅଭିନୟ କି ମଡେଲିଂ କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କୁ କ'ଣ କହିବେ?**

- ନିଜ ଭିତରେ ଆତ୍ମବିଶ୍ୱାସ ରଖିବା ସହ ଆଧ୍ୟାତ୍ମିକତାକୁ ଯୋଡ଼ିବା ଦରକାର । ଏହା ସହିତ ସଫଳତା ହାସଲ କରିବାକୁ ଶୃଙ୍ଖଳିତ ରହିବା ନିହାତି ଆବଶ୍ୟକ ।

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ଅଷ୍ଟ୍ରେଲିଆକୁ ହରାଇ ବେଲ୍‌ଜିୟମ୍ ତୃତୀୟ

ଆମଷ୍ଟଲଭିନ୍,୨୯।୮ (ଏଜେନ୍ସି)



ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ହରାଇ ଯୁଗ୍ମ ଆୟୋଜକ ବେଲଜିୟମ ତୃତୀୟ ସ୍ଥାନ ଅଧିକାର କରିଛି। ଆଜି ଖେଳାଯାଇଥିବା ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରେ ବେଲଜିୟମ ପକ୍ଷରୁ ଚାର୍ଲୋଟି ଏଞ୍ଜେଲବ୍ରେଟ୍ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳର ୨୦ତମ ମିନିଟ୍‌ରେ ଏଞ୍ଜେଲବ୍ରେଟ ଏହି ଗୋଲଟି ଦେଇଥିଲେ। ଏହା ଫଳରେ ଯୁଗ୍ମ ଆୟୋଜକ ବେଲଜିୟମ ପୋଡିୟମ ଫିନିସ କରିବାରେ ସମର୍ଥ ହୋଇଛି। ଅନ୍ୟତମ ଆୟୋଜକ ଦେଶ ନେଦରଲାଣ୍ଡସ ଓ ଦକ୍ଷିଣ ଆମେରିକୀୟ ଚ୍ୟାଲେଞ୍ଜର ଆର୍ଜେଣ୍ଟିନା ମଧ୍ୟରେ ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ନେଦରଲ୍ୟାଣ୍ଡସ କ୍ରମାଗତ ଚତୁର୍ଥଥର ଏବଂ ମୋଟରେ ୧୦ମ ଥର ଟାଇଟଲ କବ୍‌ଜା କରିବ। ସେହିପରି ୭ମଥର ଫାଇନାଲ ଖେଳୁଥିବା ଆର୍ଜେଣ୍ଟିନା ବିଜୟୀ ହେଲେ ତୃତୀୟଥର ଟାଇଟଲ ହାସଲ କରିବ।

ମହିଳା ହକିରେ ଗୁରୁବାର ଜର୍ମାନୀକୁ ୩-୧ ଗୋଲରେ ହରାଇ ଭାରତ ୫ମ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଏହି ମୁକାବିଲାରେ ଭାରତ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। କିନ୍ତୁ ଜର୍ମାନୀ ବିପକ୍ଷରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଗତ ୫୧ବର୍ଷରେ ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେହିପରି ଗତକାଲି ଖେଳାଯାଇଥିବା ମୁକାବିଲାରେ ବେଲଜିୟମ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଭାରତକୁ ପରାସ୍ତ କରି ୭ମ ସ୍ଥାନ ଅଧିକାର କରିଥିଲା। ଏହି ମୁକାବିଲାର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୩ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୩-୩ରେ ଡ୍ର ରହିବା ପରେ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ପ୍ରଥମ ଦୁଇଟି ସୁଯୋଗରେ ବିଫଳ ହୋଇଥିଲା। କିନ୍ତୁ ଅନ୍ୟ ୩ଟିରେ ଗୋଲ ଦେଇଥିଲା। ଅନ୍ୟପକ୍ଷରେ ବେଲଜିୟମ ୪ଟି ସୁଯୋଗକୁ ଗୋଲରେ ପରିଣତ କରି ଏହି ମୁକାବିଲାକୁ ୪-୩ରେ ଜିତିନେଇଥିଲା।

ମହିଳା ବିଭାଗରେ ଅନ୍ୟ କ୍ଲାସିଫିକେସନ ମୁକାବିଲାରେ ଚୀନ୍‌କୁ ୧-୦ ପେନାଲ୍ଟି ସୁଟ୍‌ଆଉଟ ଗୋଲରେ ପରାସ୍ତ କରି ସ୍ପେନ୍ ୭ମ ସ୍ଥାନ ଅଧିକାର କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ସେହିପରି ଆମେରିକାକୁ ୩-୧ ଗୋଲରେ ହରାଇ ଇଂଲଣ୍ଡ ୯ମ, ସ୍କଟଲାଣ୍ଡକୁ ୨-୧ ଗୋଲରେ ହରାଇ ଜାପାନ ଏକାଦଶ, ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ହରାଇ ଆୟର୍ଲାଣ୍ଡ ତ୍ରୟୋଦଶ, ଚିଲିକୁ ୩-୨ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୧୫ଦଶ ସ୍ଥାନ ଅଧିକାର କରିଥିଲା।

## ମହିଳା ହକି ବିଶ୍ୱକପ୍: ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କୁ ୨ ଲକ୍ଷ ପୁରସ୍କାର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ଜର୍ମାନୀକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ମହିଳା ଦଳ ୫ମ ସ୍ଥାନ ଅଧିକାର କରିଛି। ୧୯୭୪ରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଭାରତ ଚତୁର୍ଥସ୍ଥାନ ଅଧିକାର କରିଥିଲା। ଏହା ପରେ ଦଳ ଆଉ ସେମିଫାଇନାଲରେ ପ୍ରବେଶ କରିପାରିନାହିଁ। ଏହି ୫୧ ବର୍ଷ ମଧ୍ୟରେ ଭାରତ ଏଥର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ସଫଳତା ଲାଗି ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ସଭାପତି ଦିଲୀପ ତିର୍କୀ ଘୋଷଣା କରିଛନ୍ତି। ଖେଳାଳିଙ୍କ ବ୍ୟତୀତ ଅନ୍ୟ ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ଦେବାକୁ ମଧ୍ୟ ତିର୍କୀ ଘୋଷଣା କରିଛନ୍ତି।

ଏହି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ୬ଟି ମ୍ୟାଚ୍ ଖେଳି କେବଳ ନେଦରଲ୍ୟାଣ୍ଡସ ନିକଟରୁ ଗୋଟିଏ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏହା ବ୍ୟତୀତ ଶକ୍ତିଶାଳୀ ଦଳ ଚୀନ୍, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ପୁଲ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ଭାରତ ଶେଷ ମୁକାବିଲାରେ ଜର୍ମାନୀକୁ ପରାସ୍ତ କରି ୫ମ ସ୍ଥାନ ଅଧିକାର କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲ ପ୍ରବେଶର ନିକଟତର ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଜିତି ନ ପାରି ସେମିଫାଇନାଲକୁ ଯାଇ ପାରି ନ ଥିଲା।

● ପୁରୁଷ ହକି ବିଶ୍ୱକପ ଫାଇନାଲ ଆଜି

## କଳିଙ୍ଗ ସଫଳତା ଦୋହରାଇବା ଲକ୍ଷ୍ୟରେ ଜର୍ମାନୀ

ୱାଭରେ, ୨୯।୮ (ଏଜେନ୍ସି): ପୁରୁଷ ହକି ବିଶ୍ୱକପର ଷୋଡ଼ଶ ସଂସ୍କରଣର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଦୁଇ ୟୁରୋପୀୟ ପାୱାର ହାଉସ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଓ ସ୍ପେନ ମଧ୍ୟରେ ରବିବାର ଟାଇଟଲ୍ ପାଇଁ ଲଢ଼େଇ ହେବ। ଗତକାଲି ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲରେ ସ୍ପେନ ଓ ଜର୍ମାନୀ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଆମଷ୍ଟେଲଭିନରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସ୍ପେନ ୪-୩ ଗୋଲରେ ସହ-ଆୟୋଜକ ତଥା ଘରୋଇ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ନେଦରଲ୍ୟାଣ୍ଡସ ଏକଦା ତୃତୀୟ କ୍ୱାର୍ଟର ପର୍ଯ୍ୟନ୍ତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। କିନ୍ତୁ ବିଶ୍ୱର ୫ମ ମାନ୍ୟତା ଦଳ ସ୍ପେନ ଶେଷ ୨୦ ମିନିଟରେ ୪ଟି ଗୋଲ୍ ଦେଇ ମ୍ୟାଚକୁ ବାଜିମାତ୍ କରିନେଇଥିଲା। ଜୋଶ ମାରିଆ ବାସ୍କେରା ହ୍ୟାଟ୍ରିକ ଗୋଲ୍ ଦେଇ ସ୍ପେନକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଜର୍ମାନୀ ଅନ୍ୟ ଏକ ସେମିଫାଇନାଲରେ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ଜର୍ମାନୀ ଫାଇନାଲରେ ବିଜୟୀ ହେଲେ କ୍ରମାଗତ ଦ୍ୱିତୀୟ ଓ ମୋଟ୍ ଉପରେ ଚତୁର୍ଥଥର ଲାଗି ଚାମ୍ପିଅନ ହେବ। ୨୦୨୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ଗତ ସଂସ୍କରଣ ଫାଇନାଲରେ ବେଲ୍‌ଜିୟମକୁ ସୁଟଆଉଟରେ ହରାଇ ଜର୍ମାନୀ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଭାରତୀୟ ପୁରୁଷ ହକି ଦଳ ଗତକାଲି ବେଲ୍‌ଜିୟମଠାରୁ ହାରି ୯ମ ସ୍ଥାନ ହାସଲ କରିଥିଲା।

| ଆଜିର ଚୂଡାନ୍ତ ମୁକାବିଲା |
|---|
| ତୃତୀୟ ସ୍ଥାନ |
| ନେଦରଲ୍ୟାଣ୍ଡସ-ଆର୍ଜେଣ୍ଟିନା<br>ୱାଭରେ, ଅପରାହ୍ନ ୫ଟା ୩୦ |
| ଫାଇନାଲ |
| ସ୍ପେନ୍-ଜର୍ମାନୀ<br>ୱାଭରେ, ରାତି ୮ଟା |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓହଟ୍‌ଷ୍ଟାର |

● ଏସୀୟ କ୍ରୀଡ଼ା ପୂର୍ବରୁ ଭାରତକୁ ବଡ଼ ଝଟ୍‌କା

## ଆଘାତ ଲାଗି ଓହରିଲେ ନୀରଜ

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏସିଆ ମହାଦେଶର ସବୁଠୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଏସୀୟ କ୍ରୀଡ଼ାର ୨୦ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଜାପାନରେ ଆରମ୍ଭ ହେବାକୁ ଯାଉଛି। ତେବେ ଏହାର ୩ ସପ୍ତାହ ପୂର୍ବରୁଭ ଭାରତକୁ ବଡ଼ ଝଟକା ଲାଗିଛି। ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଆଘାତଜନିତ ସମସ୍ୟା ଲାଗି ଏହି ସମ୍ମାନଜନକ ମହାଦେଶୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଡିଫେଣ୍ଡିଂ ଚାମ୍ପିଅନ ନୀରଜ ନିଜେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶନିବାର ଏହା ସ୍ପଷ୍ଟ କରିଛନ୍ତି। ସେ ମଧ୍ୟ ଡାଇମଣ୍ଡ ଲିଗ୍ ଫାଇନାଲରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ନୀରଜ ତାଙ୍କ ଆଘାତ ଏବଂ ସିଜନର ଅବଶିଷ୍ଟ ପ୍ରତିଯୋଗିତାରୁ ଓହରିଯାଇଥିବା ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଏସୀୟ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚୀନ୍‌ର ହାଙ୍ଗଝୁରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେ ୮୮.୮୮ ମିଟର ଜାଭେଲିନ ଫିଙ୍ଗିଥିଲେ। ଏଥିରେ କିଶୋର ଜେନା ରୌପ୍ୟ ପଦକ ଜିତିଥିଲେ। ଫଳରେ ପୁରୁଷ ଜାଭେଲିନ୍ ପ୍ରତିଯୋଗିତାରେ ଭାରତ ଡବଲ ପୋଡିୟମ୍ ଫିନିଶ୍ ହାସଲ କରିଥିଲା।

## କାରିବୀୟାନ ପ୍ରିମିୟର ଲିଗ୍ ଖେଳିବେ ୪ ଭାରତୀୟ

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ମହିଳା କାରିବୀୟାନ ପ୍ରିମିୟର ଲିଗ୍ (ଡବ୍ଲ୍ୟୁସିପିଏଲ୍) ଖେଳିବାକୁ ୪ଜଣ ଭାରତୀୟ କ୍ରିକେଟର୍ ଚୁକ୍ତି କରିଛନ୍ତି। ସେମାନେ ହେଲେ ଅଲ୍‌ରାଉଣ୍ଡର ପୂଜା ବସ୍ତ୍ରାକାର, ବ୍ୟାଟର୍ କିରନ ନାଭଗିରେ, ୱିକେଟ୍‌କିପର ଯଷ୍ଟିକା ଭାଟିଆ ଓ ଦ୍ରୁତ ବୋଲର ଶିଖା ପାଣ୍ଡେ। ଡବ୍ଲ୍ୟୁସିପିଏଲର ଫ୍ରାଞ୍ଚାଇଜଗୁଡ଼ିକ ସିଜନ ଆରମ୍ଭ ପୂର୍ବରୁ ସେମାନଙ୍କର ବିଦେଶୀ ଖେଳାଳି ତାଲିକା ପ୍ରକାଶ କରିବା ପରେ ଏହା ସ୍ପଷ୍ଟ ହୋଇଛି। ପୂଜା ଓ କିରନ ଡିଫେଣ୍ଡିଂ ଚାମ୍ପିଅନ୍ ବାର୍ବାଡୋସ୍ ଟ୍ରାଇଡେଣ୍ଟସ୍ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ସେହିଭଳି ଶିଖା ଓ ଯଷ୍ଟିକା ତ୍ରିନବାଗୋ ନାଇଟ୍ ରାଇଡର୍ସ (ଟିକେଆର୍) ଫ୍ରାଞ୍ଚାଇଜ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଗତ ସିଜନରେ ମଧ୍ୟ ଶିଖା ସେହି ସମାନ ଦଳ ପକ୍ଷରୁ ଡବ୍ଲ୍ୟୁସିପିଏଲ୍ ଖେଳିଥିଲେ। କିନ୍ତୁ ଯଷ୍ଟିକା ପ୍ରଥମଥର ନାଇଟ୍ ରାଇଡର୍ସ ଦଳରେ ସାମିଲ ହୋଇଛନ୍ତି। ସେପ୍ଟେମ୍ବର ୫ରୁ ମହିଳା କାରିବୀୟାନ ପ୍ରିମିୟର ଲିଗ୍ ଆରମ୍ଭ ହେବ। ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଗ୍‌ର ସମସ୍ତ ମ୍ୟାଚ୍ ବାରବାଡୋସର କେନସିଂଟନ୍ ଓଭାଲ୍‌ରେ ଖେଳାଯିବ।

ଏସିଆ କପ୍ ମହିଳା କ୍ରିକେଟ

## ଭାରତର ଅଭିଯାନ ଆଜିଠାରୁ

ଦୁବାଇ,୨୯।୮ (ଏଜେନ୍ସି): ଏଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ବା ରବିବାର ଥାଇଲାଣ୍ଡ ସହ ମୁକାବିଲାରୁ ଭାରତ ଅଭିଯାନ ଆରମ୍ଭ କରିବ। ଏସିଆ ମହାଦେଶରେ ସବୁଠାରୁ ଶକ୍ତିଶାଳୀ କ୍ରିକେଟ ଦଳ ହୋଇଥିଲେ ମଧ୍ୟ ଭାରତ ଗତଥର ଟାଇଟଲ ଜିତିପାରି ନ ଥିଲା। ଶ୍ରୀଲଙ୍କା ସମସ୍ତଙ୍କୁ ମାତ୍ ଦେଇ ଏହି ଟ୍ରଫି ଜିତିନେଇଥିଲା। ଏବେ ଭାରତର ଖେଳରେ ଯଥେଷ୍ଟ ଉନ୍ନତି ହୋଇଛି, କିନ୍ତୁ ଦଳ ସ୍ଥିର ଖେଳ ପ୍ରଦର୍ଶନ କରିପାରୁ ନାହିଁ। ଏଠାରେ ଏବଂ ଏହା ପରେ ଖେଳାଯିବାକୁ ଥିବା ଏସିଆନ ଗେମ୍ସରେ ସଫଳତା ପାଇବାକୁ ହେଲେ ଭାରତକୁ ସ୍ଥିର ଖେଳ ପ୍ରଦର୍ଶନ କରିବାକୁ ହେବ। ନଚେତ ଦଳ ସେଭଳି କିଛି ସଫଳତା ପାଇବ ବୋଲି ଆଶା କରାଯାଇ ପାରୁ ନାହିଁ। ଜେମିମା ରୋଡ୍ରିଗ୍ସେଜ୍‌ଙ୍କ ପରି ମ୍ୟାଚ୍ ବିଜେତା ଦଳରେ ନାହାନ୍ତି। ଏହା ସତ୍ତ୍ୱେ ଦଳରେ ଏପରି ଅନେକ ଖେଳାଳି ଅଛନ୍ତି, ଯେଉଁମାନେ କି ଏକା ଏକା ମ୍ୟାଚ୍ ଜିତାଇବାର ଦକ୍ଷତା ରଖିଛନ୍ତି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଦଳ ଏକ ଦଶନ୍ଧି ଧରି ଖେଳିଆସୁଛି। ଏହା ସତ୍ତ୍ୱେ ଦଳ ସ୍ଥିର ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହୋଇନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ଏମାନଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି ଓ ଗ୍ରୁପ୍-ଏ'ରେ ଭାରତ ସ୍ଥାନ ପାଇଛି। ଆସନ୍ତାକାଲି ଥାଇଲାଣ୍ଡ ସହ ମୁକାବିଲାରୁ ଭାରତ ଏସିଆ କପ୍ ଟାଇଟଲ ବିଜୟ ଅଭିଯାନ ଆରମ୍ଭ କରିବ। ଏହା ପରେ ସେପ୍ଟେମ୍ବର ୨ରେ ହଂକଂ ଚାଇନା ଓ ସେପ୍ଟେମ୍ବର ୫ରେ ପଡୋଶୀ ପାକିସ୍ତାନ ସହ ଖେଳିବ।

## ବର୍ଷା ଯୋଗୁଁ ତୃତୀୟ ଦିନ ଖେଳ ବାଧାପ୍ରାପ୍ତ

ଲର୍ଡ୍ସ,୨୯।୮ (ଏଜେନ୍ସି): କ୍ରମାଗତ ବର୍ଷା ଲାଗିରହିବାରୁ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନ ଖେଳ ବାଧାପ୍ରାପ୍ତ ହୋଇଛି। କ୍ରମାଗତ ବର୍ଷା ହେବା ଫଳରେ ତୃତୀୟ ଦିନ ଲଞ୍ଚ ସୁଦ୍ଧା ଗୋଟିଏ ବଲ ବୋଲିଂ ହୋଇ ପାରି ନ ଥିଲା। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଇଂଲଣ୍ଡ ୨୯୦ ରନ୍ କରିଥିଲାବେଳେ ଦ୍ୱିତୀୟ ଦିନ ଖେଳରେ ପାକିସ୍ତାନ ୧୧୦ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୧୮୦ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୨ ଓଭର ଖେଳି ୩ ୱିକେଟରେ ୮୧ ରନ୍ ସଂଗ୍ରହ କରିନେଇଥିଲା। ଏହି ସମୟରେ ଏମିଲିଓ ଗେ' ୩୦ ଓ ହ୍ୟାରୀ ବ୍ରୁକ୍ ୭ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ଇନିଂସରେ ୪ ରନ୍ କରିଥିବା ଜୋ ରୁଟ୍ ୨୪ ରନ୍ କରିଥିଲେ।

● ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

## ସୋଏବ୍ ଚାମ୍ପିଅନ, ରୋହିତ ରନର୍ସଅପ୍




ଭୁବନେଶ୍ୱର,୨୯।୮ (ସମିସ): ପଶ୍ଚିମବଙ୍ଗ ତଥା ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ସୋଏବ ଖାନ୍ ଓ ରୋହିତ ମାଲହୋତ୍ରା ଆଜି ଶେଷ ହୋଇଥିବା ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ପୂର୍ବାଞ୍ଚଳ ଓପନ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ଆଜି ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ସୋଏବ ୫-୪ ଫ୍ରେମ୍‌ରେ ରୋହିତଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ସୋଏବ ୪-୧ରେ ଝାଡଖଣ୍ଡର ସୁଶାନ୍ତ ସିହ୍ନାଙ୍କୁ ଓ ରୋହିତ ୪-୦ରେ କଟକର ସିଦ୍ଧାର୍ଥ ସେନଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ସୋଏବଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କା, ରନର୍ସ ଅପ୍ ରୋହିତଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଶେଷରେ ଆୟୋଜକ ଭୁବନେଶ୍ୱର କ୍ଲବ୍‌ର ସଭାପତି ପ୍ରଦରପ ଜେନା, ସମ୍ପାଦକ ଲଳିତ ଦାସ, କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସ୍ୱର୍ଗତ ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ଯୁଗ୍ମ ଆୟୋଜକ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗୋବିନ୍ଦ ଶର୍ମା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଆଜିଠୁ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

ନ୍ୟୁୟର୍କ, ୨୯।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ, ରେକର୍ଡ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ସମେତ ୧୨୮ଜଣ ଖେଳାଳି ପୁରୁଷ ସିଙ୍ଗଲ୍ସରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେହିଭଳି ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା'ଙ୍କ ସହ ଦ୍ୱିତୀୟ ସିଡ୍ ଏଲିନା ରବାକିନା, ତୃତୀୟ ସିଡ୍ ଜେସିକା ପେଗୁଲା, ଚତୁର୍ଥ ସିଡ୍ କୋକୋ ଗଫ୍, ପଞ୍ଚମ ସିଡ୍ ମାରିଆ ଆନ୍ଦ୍ରିଭା ପ୍ରମୁଖ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ଦୀର୍ଘ ବର୍ଷର ବ୍ୟବଧାନ ପରେ ଟେନିସକୁ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ୪୬ ବର୍ଷୀୟା ଭେନସ୍ ୱିଲିୟମ୍ସ ସାଥୀ ଆମେରିକୀୟ ଖେଳାଳି ସୋଫିଆ କେନିନଙ୍କ ସହ ଖେଳି ଅଭିଯାନ ଆରମ୍ଭ କରିବେ। ତେବେ ଏଥର ୟୁଏସ୍ ଓପନ୍‌ର ସିଙ୍ଗଲ୍ସ ମୁଖ୍ୟ ପର୍ଯ୍ୟାୟକୁ ଜଣେ ହେଲେ ଭାରତୀୟ ଖେଳାଳି ଯୋଗ୍ୟତା ଅର୍ଜନ କରି ନ ପାରିବା ନିରାଶ କରିଛି।

**ଇତିହାସରେ ରେକର୍ଡ ୧୦୩୦ କୋଟି ପୁରସ୍କାର**

ଚଳିତ ବର୍ଷ ୟୁଏସ୍ ଓପନ୍‌ରେ ରେକର୍ଡ ମୋଟ୍ ୧୦୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୧୦୩୦ କୋଟି ୬୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଟେନିସ କ୍ରୀଡ଼ା ଇତିହାସରେ ଏତେ ବିଶାଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବାରେ ଏହା ରେକର୍ଡ ହୋଇଛି। ୨୦୨୫ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏଥର ୟୁଏସ୍ ଓପନ୍‌ରେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୫.୫ ମିଲିୟନ ଡଲାର (୫୨ କୋଟି ୪୮ ଲକ୍ଷ ଟଙ୍କା) ଲେଖାଏ ମିଳିବ। ସେହିଭଳି ରନର୍ସଅପ୍ ହୋଇଥିବା ଖେଳାଳି ୨୬ କୋଟି ୭୨ ଲକ୍ଷ ଟଙ୍କା ପାଇବେ।

## ତ୍ରିରାଷ୍ଟ୍ରୀୟ ଟି-୨୦: ଜିମ୍ବାୱେ ବ୍ୟାଟିଂ ଫେଲ

ୱିଣ୍ଡୋହକ୍,୨୯।୮ (ଏଜେନ୍ସି): ଏଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍‌ର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେ ବ୍ୟାଟିଂ ଫେଲ ମାରିଛି। ଏହି ମୁକାବିଲାରେ ପ୍ରଥମ ମ୍ୟାଚ୍ ଖେଳୁଥିବା ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୧୪୪ ରନ୍ କରିଛି। ଦଳ ପକ୍ଷରୁ ବ୍ରିଆନ ବେନ୍ନେଟ ସର୍ବାଧିକ ୩୪, ବେନ୍ କରାନ ୨୪ ରନ୍ କରିଥିଲେ। ଡିଓନ ମାୟର୍ସ ୧୭, ସିକନ୍ଦର ରାଜା ୧୦ ଓ ୱେସ୍‌ଲୀ ମାଧଭେରେ ୧୨ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ୱିକେଟରକ୍ଷକ ଟି. ମାରୁମାନି ୩୦ରନ୍ କରିବା ଫଳରେ ଦଳ ସମ୍ମାନଜନକ ସ୍କୋର କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁଆନ୍ ଜାନସେନ ସର୍ବାଧିକ ୩ଟି ଓ ପ୍ରେନେଲାନ୍ ସୁବ୍ରାୟେନ୍ ୨ଟି ୱିକେଟ ପାଇଥିଲେ। ଗତକାଲି ଉଦ୍‌ଘାଟନୀ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ହରାଇ ନାମିବ୍ୟା ଏହି ଟି-୨୦ ସିରିଜ୍‌ରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଦକ୍ଷିଣ ଆଫ୍ରିକା ଏକ 'ବି' ଟିମ୍ ପଠାଇଛି।

## ଆଜିଠୁ ଦୁଲୀପ୍ ଟ୍ରଫି ସେମିଫାଇନାଲ

ବେଙ୍ଗାଲୁରୁ, ୨୯।୮ (ଏଜେନ୍ସି): ସମ୍ମାନଜନକ ଦୁଲୀପ୍ ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୬୩ତମ ସଂସ୍କରଣର ସେମିଫାଇନାଲ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଗତ ସଂସ୍କରଣର ଉପବିଜେତା ଦକ୍ଷିଣାଞ୍ଚଳ ଦ୍ୱିତୀୟ ସେମିଫାଇନାଲରେ ଉତ୍ତରାଞ୍ଚଳକୁ ଭେଟିବ। ତିଲକ ବର୍ମା ଦକ୍ଷିଣାଞ୍ଚଳ ଦଳର ଅଧିନାୟକ ରହିଛନ୍ତି। ଦୁଇଟି ଯାକ ସେମିଫାଇନାଲ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ଖେଳାଯିବ। ଗତ ସଂସ୍କରଣରେ ଫାଇନାଲିଷ୍ଟ ହୋଇଥିବାରୁ ଉଭୟ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଏଥର ସିଧାସଳଖ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଦୁଇଟି ଯାକ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ପୂର୍ବାଞ୍ଚଳ ଓ ଉତ୍ତରାଞ୍ଚଳ ସେମିଫାଇନାଲରେ ପହଞ୍ଚିଛନ୍ତି। ଇଶାନ୍ କିଶାନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ପ୍ରଥମ କ୍ୱାର୍ଟରରେ ଏକ ଇନିଂସ ଓ ୨୧୦ ରନର ବଡ଼ ବ୍ୟବଧାନରେ ଉତ୍ତର-ପୂର୍ବାଞ୍ଚଳକୁ ପରାସ୍ତ କରିଥିଲା। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ଶୁଭ୍ରାଂଶୁ ସେନାପତିଙ୍କୁ କ୍ୱାର୍ଟରରେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନ ଥିଲା। ସେହିଭଳି ଦ୍ୱିତୀୟ କ୍ୱାର୍ଟରରେ ଉତ୍ତରାଞ୍ଚଳ ୫୨ ରନରେ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ପଶ୍ଚିମାଞ୍ଚଳକୁ ହରାଇ ସେମିଫାଇନାଲକୁ ଉଠିଥିଲା।

■ ୨୩ ବର୍ଷରୁ କମ୍ ସିଏଚେମ୍ ଟ୍ରଫି

## ଓଡ଼ିଶାର ଉମେଶ ଗୌତମଙ୍କ ଶତକ



ଭୁବନେଶ୍ୱର,୨୯।୮ (ସମିସ): ପୁଡୁଚେରୀରେ ଆଜି ଖେଳାଯାଇଥିବା ୨୩ ବର୍ଷରୁ କମ୍ ସିଏଚେମ୍ ଟ୍ରଫିର ବେଙ୍ଗଲ ବିପକ୍ଷ ମୁକାବିଲାରେ ଓଡ଼ିଶାର ଉମେଶ କୁମାର ଗୌତମ ଶତକ ହାସଲ କରିଛନ୍ତି। ଏହା ଫଳରେ ପ୍ରଥମଦିନ ଖେଳ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୧୫୮ ରନ୍ କରିଛି। ଗୌତମ ୧୧୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବେଙ୍ଗଲ ମାତ୍ର ୧୫୪ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଚନ୍ଦ୍ରହାସ ଦାଶ ୪୧ ଓ ମିଲିନ୍ଦ ମଣ୍ଡଳ ୪୦ ରନ୍ କରିଥିଲେ। ଓଡ଼ିଶାର ସାର୍ଥକ ପଣ୍ଡା ଓ ସାଇଦୀପ ମହାପାତ୍ରଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା।

# ଲୋମା, ଗୋପାଳ ଓ ପ୍ରଣତିଙ୍କୁ ମିଳିଲା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର,୨୯।୮ (ସମିସ)




ମୁକ ଓ ବଧୀର ଅଲିମ୍ପିକ୍ସ ପଦକ ବିଜେତା ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳକୃଷ୍ଣ ଦାସଙ୍କୁ ଚଳିତବର୍ଷର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଆଜୀବନ ଅବଦାନ ନିମନ୍ତେ ଆଥଲେଟ୍ ପ୍ରଣତି ମିଶ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ଲୋକସେବା ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକଙ୍କୁ ସ୍ମୃତି ଫଳକ, ଉତ୍ତରୀୟ ଓ ଅର୍ଥରାଶି ସହ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ସ୍ୱାଗତ ଭାଷଣ ଦେଇଥିଲାବେଳେ ନିର୍ଦ୍ଦେଶକ ଯେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପରୋକ୍ତ ବ୍ୟକ୍ତିବିଶେଷକଙ୍କ ବ୍ୟତୀତ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ନିମନ୍ତେ ସମଲେଶ୍ୱରୀ ସ୍ପୋର୍ଟିଂକୁ, ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଭାବେ ସୁଚିତ୍ରା ପରିଡ଼ାଙ୍କୁ, ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ୍‌ଭାବେ ପ୍ରତୀକ ମହାରଣା ଓ ପାୟଲ ନାଗଙ୍କୁ ମିଳିତଭାବେ, ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ପ୍ରବୋଧ କୁମାର ମହାନ୍ତିଙ୍କୁ ଏବଂ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ଅବଦାନ ନିମନ୍ତେ ଶକ୍ତି ପ୍ରକାଶ ନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ବିଧାୟକ ତଥା ସ୍ପୋର୍ଟିଂର ଅଧ୍ୟକ୍ଷ ଜୟନାରାୟଣ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ।

## ମୁମ୍ବାଇ ଇନିଂସ ଅଗ୍ରଣୀ

ଭୁବନେଶ୍ୱର,୨୯।୮ (ସମିସ): ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାରେ ଓଡ଼ିଶା ବିପକ୍ଷରେ ମୁମ୍ବାଇ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ମୁମ୍ବାଇ ୧୯୨ ରନ୍ କରିଥିଲା। ଏହା ପରେ ଅଥର୍ବ ଭୋସ୍‌ଲେ ୫ଟି ଓ ମ୍ୟାକ୍ସୱେଲ ସ୍ୱାମୀନାଥନ ୪ଟି ୱିକେଟ ନେବା ଫଳରେ ଓଡ଼ିଶାର ପ୍ରଥମ ଇନିଂସ ୧୭୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୩୬ ଓ ଓମ୍‌ଟି ମୁଣ୍ଡେ ୩୪ରନ୍ କରିଥିଲେ। ପ୍ରଥମ ଇନିଂସରେ ୧୪ ରନ୍‌ରେ ଆଗୁଆ ରହିଥିବା ମୁମ୍ବାଇ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୭୯ ରନ୍ ସଂଗ୍ରହ କରିନେଇଛି। ଦଳ ମୋଟରେ ୯୪ ରନ୍‌ରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS